maj Foundation Ch

କାଳିଦାସ ଗ୍ରନ୍ଥାବଳୀ

ain. Gurukul Kang

Digitized by Arya Samaj Foundation Chennai and eGangotri

द्वार
आदि

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

पुस्तकालय

गुरुकुल काँगड़ी विश्वविद्यालय, हरिद्वार

वर्ग संख्या........................आगत संख्या..................

पुस्तक-वितरण की तिथि नीचे अंकित है। इस तिथि सहित २० वें दिन तक यह पुस्तक पुस्तकालय में वापिस आ जानी चाहिए। अन्यथा १० पैसे के हिसाब से विलम्ब-दण्ड लगेगा।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

କାଳିଦାସ ଗ୍ରନ୍ଥାବଳୀ

ଚତୁର୍ଥ ଭାଗ

ଦ୍ୱିତୀୟ ଖଣ୍ଡ

DONATION
6945

ମାଳବିକାଗ୍ନିମିତ୍ରମ୍

ପୁସ୍ତକାଳୟ
गुरुकुल कांगड़ी विश्वविद्यालय

ଅନୁବାଦ ଓ ସମ୍ପାଦନା :

ଡକ୍ଟର ଧନେଶ୍ୱର ମହାପାତ୍ର

ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ), ପିଏଚ୍. ଡ଼. (ଭାଷାତତ୍ତ୍ୱ)

ସାହିତ୍ୟାଚାର୍ଯ୍ୟ, ବି. ଇଡ଼., କୋବିଦ

ପ୍ରକାଶିକା :

ଶ୍ରୀମତୀ ଜୀବନକୁମାରୀ ମହାପାତ୍ର

କଲ୍ୟାଣ ନଗର, କଟକ—୧୩

Published with the financial assistance from the Ministry of Human Resource Development, Government of India.

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

KALIDAS GRANTHAVALI

PART—IV

VOLUME—II

MALAVIKAGNIMITRAM

Translator and Editor :

Prof. Dr. Dhaneswar Mahapatra
M. A. (Oriya), M. A. (Sanskrit),
Ph. D. (Linguistics), Sahityacharya, B. Ed., Kovid

Publisher :

Srimati Jivan kumari Mahapatra
Kalyan nagar, Cuttack—13
ORISSA
1988

Printed at :
KALYAN PRESS,
Kalyan nagar, Cuttack—13

Price : Rs. 17-00

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଭୂମିକା

କାଳିଦାସ କେବଳ ପ୍ରଣୟର କବି ନଥିଲେ । ଜୀବନର ସମସ୍ତ ମଙ୍ଗଳମୟ ଉପାଦାନ ତାଙ୍କ କାବ୍ୟ କବିତାର ଉପଜୀବ୍ୟ ହୋଇଛି । ପ୍ରଣୟର ଚିତ୍ର ମଧ୍ୟ ସେ ଯେଉଁଠି ଯାହା ଅଙ୍କନ କରିଛନ୍ତି, ତାହା ଜୀବଧର୍ମମାତ୍ର ନୁହେଁ, ତାହା ଆତ୍ମାର ଅବିଚଳ ମିଳନମଧୁର ଛନ୍ଦ । ମାଳବିକାଗ୍ନିମିତ୍ରମ୍ ନାଟକରେ ଏହିଭଳି ମାଧୁର୍ଯ୍ୟମୟ ପ୍ରେମର ହିଁ ରୂପାୟନ ହୋଇଛି ।

ବିଦିଶାର ରାଜା ଅଗ୍ନିମିତ୍ରଙ୍କର ଧାରିଣୀ ଓ ଇରାବତୀ ନାମରେ ଦୁଇ ରାଣୀ ଥିଲେ । ବିଦର୍ଭର ରାଜା ମାଧବସେନ ମଧ୍ୟ ନିଜର ସାନ ଭଉଣୀ ମାଳବିକାକୁ ଅଗ୍ନି-ମିତ୍ରଙ୍କ ସହ ବିବାହ ଦେବାକୁ ଚାହୁଁଥିଲେ । ଖୁଡ଼ୁତାପୁଅ ଭାଇ ଯଜ୍ଞସେନଙ୍କ ସହିତ ମାଧବସେନଙ୍କର ଶତ୍ରୁତା ଥିଲା । ଯଜ୍ଞସେନ ମାଧବସେନଙ୍କୁ ରାଜପଦରୁ ଚ୍ୟୁତକରି ବନ୍ଦୀ କଲେ । ମାଧବସେନଙ୍କ ମନ୍ତ୍ରୀ ସୁମତି ନିଜ ମୁନିବଙ୍କର ଇଚ୍ଛା ପୂରଣ ଉଦ୍ଦେଶ୍ୟରେ ମାଳବିକାଙ୍କୁ ଅଗ୍ନିମିତ୍ରଙ୍କ ନିକଟରେ ପହଞ୍ଚାଇଦେବାକୁ ଚାହିଁଲେ । ସେ ମାଳବିକାଙ୍କୁ ଓ ନିଜ ଭଉଣୀ କୌଶିକୀଙ୍କୁ ସଙ୍ଗରେ ନେଇ ରାଜଧାନୀରୁ ବାହାରି ଆସିଲେ ଏବଂ ବଣିକଯାତ୍ରୀ ଦଳଙ୍କ ସହିତ ମିଶି ବିଦିଶା ଅଭିମୁଖେ ଚାଲିଲେ ।

ଯାତ୍ରୀଦଳ କ୍ଲାନ୍ତ ହୋଇ ଏକ ଜଙ୍ଗଲ ମଧ୍ୟରେ ରାତ୍ରି ଯାପନ କରୁଥିବା ସମୟରେ ଦଳେ ଦସ୍ୟୁ ସେମାନଙ୍କ ଉପରେ ଆକ୍ରମଣ କଲେ । ବଣିକଦଳର ଯୋଦ୍ଧାମାନେ ସେମାନଙ୍କ ସହିତ ତୁମୁଳ ସଂଗ୍ରାମ କଲେ, କିନ୍ତୁ ପରାସ୍ତ ହେଲେ । ମାଧବସେନଙ୍କ ମନ୍ତ୍ରୀ ସୁମତି ଯୁଦ୍ଧରେ ନିହତ ହେଲେ । ତାଙ୍କ ଭଉଣୀ କୌଶିକୀ ମୂର୍ଚ୍ଛିତା ହୋଇ ପଡ଼ିଲେ । ସେ ଯେତେବେଳେ ସଂଜ୍ଞା ଲାଭ କଲେ, ଆଉ ମାଳବିକାଙ୍କୁ ସେଠାରେ ଦେଖିବାକୁ ପାଇଲେ ନାହିଁ ।

ଶୋକାକୁଳା କୌଶିକୀ ଭାଇଙ୍କର ଶବ ସଂସ୍କାର କରି ସନ୍ନ୍ୟାସିନୀ ବେଶ ଗ୍ରହଣ କଲେ ଏବଂ ବିଦିଶାକୁ ଯାଇ କିଛି ଦିନ ପରେ ରାଜା ଅଗ୍ନିମିତ୍ରଙ୍କ ଅନ୍ତଃପୁରରେ ଆଶ୍ରୟ ଲାଭ କଲେ । ସେଠାରେ ସେ ରାଣୀ ଧାରିଣୀଙ୍କର ଅନୁଗ୍ରହ ଲାଭ କରି ଦିନ କଟାଇବାକୁ ଲାଗିଲେ ।

ଏଣେ ଦସ୍ୟୁଦଳ ମାଳବିକାଙ୍କୁ ବନ୍ଦୀ କରି ନେଇ ବୀରସେନଙ୍କୁ ଅର୍ପଣ କଲେ । ବୀରସେନ ଥିଲେ ରାଣୀ ଧାରିଣୀଙ୍କର ଭାଇ ଏବଂ ମହାରାଜା ଅଗ୍ନିମିତ୍ରଙ୍କର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସୀମାନ୍ତ ଦୁର୍ଗପାଳ । ବୀରସେନ ମାଳବିକାଙ୍କର ସଙ୍ଗୀତକଳାରେ ରୁଚି ଥିବାର ଲକ୍ଷ୍ୟ କରି ତାଙ୍କୁ ଭଉଣୀ (ଧାରିଣୀ)ଙ୍କ ନିକଟକୁ ପଠାଇଦେଲେ । ଧାରିଣୀ ମଧ୍ୟ ମାଳବିକାଙ୍କର ନୃତ୍ୟଗୀତ କଳାରେ ମୁଗ୍‌ଧ ହୋଇ ନାଟ୍ୟାଚାର୍ଯ୍ୟ ଗଣଦାସଙ୍କ ନିକଟରେ ତାଙ୍କର ଶିକ୍ଷା ଲାଭର ବ୍ୟବସ୍ଥା କରିଦେଲେ । ଅନ୍ତଃପୁର ମଧ୍ୟରେ ସନ୍ନ୍ୟାସିନୀ କୌଶିକୀ ମାଳବିକାଙ୍କୁ ଦେଖିଲେ ଓ ଚିହ୍ନିଲେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣରୁ ତାଙ୍କୁ ନିଜର ପରିଚୟ ଦେଲେ ନାହିଁ ।

ଦିନେ ରାଣୀ ଧାରିଣୀ ଚିତ୍ରକାରଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ନିଜର ଏକ ଚିତ୍ରପଟ ଦେଖୁଥିଲେ । ସେହି ଚିତ୍ରପଟରେ ରାଣୀଙ୍କ ସହିତ ମାଳବିକାଙ୍କୁ ମଧ୍ୟ ଅଙ୍କନ କରାଯାଇଥିଲା । ରାଣୀ ଚିତ୍ରଟିକୁ ଦେଖୁଥିଲା ବେଳେ ରାଜା ଆସି ପଛପଟରେ ଠିଆ ହୋଇଗଲେ । ଚିତ୍ରରେ ମାଳବିକାଙ୍କୁ ଦେଖି ରାଜାଙ୍କ ହୃଦୟରେ ଅନୁରାଗ ଅଙ୍କୁରିତ ହୋଇଗଲା । ସେ ରାଣୀଙ୍କୁ ସେହି ତରୁଣୀର ପରିଚୟ ପଚାରିଲେ । ରାଣୀ ଜାଣିଶୁଣି ଉତ୍ତର ଦେଲେ ନାହିଁ । ରାଜାଙ୍କର ସାନଝିଅଟିଏ ମାଆ (ଧାରିଣୀ)ଙ୍କ ପାଖରେ ଥିଲା । ରାଜା ରାଣୀଙ୍କୁ ବାରମ୍ବାର ପଚାରନ୍ତେ ସେ କହିଦେଲା—ଏହାଙ୍କ ନାମ ମାଳବିକା ।

ଚିତ୍ରାଙ୍କିତ ମାଳବିକା ପ୍ରତି ରାଜାଙ୍କର ଅନୁରାଗ ଉତ୍ପନ୍ନ ହୋଇଥିବାର ରାଣୀ ଜାଣିପାରିଲେ । ତାଙ୍କର ସ୍ତ୍ରୀସୁଲଭ ହୃଦୟ ଟିକିଏ ଶଙ୍କିତ ହୋଇ ଉଠିଲା । ରାଜାଙ୍କର ଦୃଷ୍ଟି ଯେପରି ମାଳବିକା ଉପରେ ଆଦୌ ନ ପଡ଼େ, ସେ ତାହାର କଠୋର ବ୍ୟବସ୍ଥା କରିଦେଲେ ।

କିନ୍ତୁ ରାଜାଙ୍କର ପ୍ରଥମ ଦୃଷ୍ଟିପାତର ଆତ୍ମିକ ପ୍ରେମ ବିଲୀନ ହୋଇ-ନଯାଇ କ୍ରମେ ବୃଦ୍ଧି ଲାଭ କଲା । ସେ ମାଳବିକାଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିବାକୁ ଉତ୍କଣ୍ଠିତ ହୋଇ ଉଠିଲେ । ବିଦୂଷକଙ୍କ ସାହାଯ୍ୟରେ ବହୁ କୌଶଳ ଅବଲମ୍ବନ କରି ଏବଂ ନିଜର ସମସ୍ତ ସୌଜନ୍ୟ ଓ ଦାକ୍ଷିଣ୍ୟ ଗୁଣ ରକ୍ଷା କରି ମାଳବିକାଙ୍କୁ ଦେଖି-ବାକୁ ପାଇଲେ । ଶେଷରେ ସେ ତାଙ୍କୁ ପତ୍ନୀରୂପେ ଲାଭ କଲେ ।

ସଂସ୍କୃତ ସାହିତ୍ୟର ପ୍ରଣୟ ଚିତ୍ରରେ ଅନ୍ୟ କୌଣସି ଉପାଦେୟତା ଥାଉ ବା ନ ଥାଉ, ଅନ୍ତତଃ ଗୋଟିଏ ଉପାଦେୟତା ସ୍ୱୀକାର କରିବାକୁ ହେବ । ତାହା ହେଉଛି ପ୍ରେମରେ ଶାଳୀନତା ଓ ମର୍ଯ୍ୟାଦାବୋଧ । କାଳିଦାସଙ୍କ ରଚନା ଏ ଦିଗରେ ଉଜ୍ଜ୍ୱଳ ଆଲେଖ୍ୟ ସ୍ତମ୍ଭ । ଅଗ୍ନିମିତ୍ର ଥିଲେ ମହାରାଜା । ସେ ଚାହିଁଥିଲେ ଆଦେଶ ଦେଇ ମାଳବିକାଙ୍କୁ ନିଜ ସମ୍ମୁଖରେ ଉପସ୍ଥିତ କରାଇ ପାରିଥାଆନ୍ତେ । ସେ ସ୍ୱଚ୍ଛନ୍ଦରେ ତାଙ୍କ ସହିତ ମିଳିତ ମଧ୍ୟ ହୋଇ ପାରିଥାଆନ୍ତେ । କିନ୍ତୁ ଏଭଳି ମର୍ଯ୍ୟାଦାହୀନ ପନ୍ଥା

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଗ୍ନିମିତ୍ର ଗ୍ରହଣ କରିନଥିଲେ । ରୁଚିଗର୍ହିତ, ଶାଳୀନତାବର୍ଜିତ, ବଳାତ୍କାର-ମୂଳକ ସଂଯୋଗ ତାଙ୍କର କାମ୍ୟ ନଥିଲା । ସେ ଆଗେ ମାଳବିକାଙ୍କର ମନୋଭାବ ଜାଣିବା ପାଇଁ ଚେଷ୍ଟା କରିଥିଲେ ଏବଂ ସେଥିପାଇଁ ନିଜ ଅନ୍ତଃପୁରରେ ମଧ୍ୟ ଉଚିତର ଉପାୟ ଅବଲମ୍ବନ କରିଥିଲେ । ମାଳବିକାଙ୍କ ପ୍ରତି ପ୍ରେମାସକ୍ତ ହୋଇ ମଧ୍ୟ ସେ ରାଜକାର୍ଯ୍ୟରେ କେବେ ହେଳା କରିନଥିଲେ । ଏପରିକି ରାଣୀ (ଧାରିଣୀ) ଯେତେବେଳେ ତାଙ୍କୁ ତିରସ୍କାର କଲେ—ପ୍ରେମିକ ସୁଲଭ ଚତୁରତା ପରିବର୍ତ୍ତେ ରାଜକାର୍ଯ୍ୟରେ ଚତୁରତା ପ୍ରଦର୍ଶନ କରିବା ଦରକାର, ସେ ବିରକ୍ତି ବୋଧ କରିନଥିଲେ । ମାଳବିକା ଥିଲେ ରାଜକନ୍ୟା । ତାଙ୍କର ଆତ୍ମୀୟ ସ୍ୱଜନମାନେ ଅଗ୍ନିମିତ୍ରଙ୍କ ସହ ତାଙ୍କର ବିବାହ ହେବା ଚାହୁଁଥିଲେ । ତା' ଛଡ଼ା, ତାଙ୍କର ନିଜ ହୃଦୟରେ ମଧ୍ୟ ଅଗ୍ନିମିତ୍ରଙ୍କ ପ୍ରତି ପ୍ରଣୟାସକ୍ତି ଥିଲା । ତେଣୁ ଏକ ପ୍ରଣୟାସକ୍ତା ରାଜକନ୍ୟା ପ୍ରତି ପ୍ରଣୟାସକ୍ତ ହେବା ରାଜା ଅଗ୍ନିମିତ୍ରଙ୍କ ପକ୍ଷରେ ଅନୁଚିତ ବା ଅସ୍ୱାଭାବିକ ନଥିଲା ।

କାଳିଦାସଙ୍କ ସୃଷ୍ଟି ପ୍ରେମ, ଆନନ୍ଦ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଜୀବନ, ସୁରୁଚି, ସଦାଚାର ତଥା ଶୋଭନୀୟତାର ସୃଷ୍ଟି । ଏହାର ସାରସ୍ୱତ ମୂଲ୍ୟ ଯେଭଳି ଚିରନ୍ତନ, ମାନବିକ ମୂଲ୍ୟ ମଧ୍ୟ ସେହିପରି ଚିରନ୍ତନ ।

ମହାକବି କାଳିଦାସଙ୍କ ଅନବଦ୍ୟ ସାତଗୋଟି ରଚନା ଯେ ମୋ ଭଳି ନଗଣ୍ୟ, ଜ୍ଞାନହୀନ ବ୍ୟକ୍ତି ଦ୍ୱାରା ଓଡ଼ିଆରେ ଅନୂଦିତ ଓ ପ୍ରକାଶିତ ହୋଇପାରିଲା, ଏହା ପରମେଶ୍ୱରଙ୍କର ଅପାର କରୁଣା ଛଡ଼ା ଅନ୍ୟ କିଛି ନୁହେଁ । ଏହି ଶେଷ ଖଣ୍ଡର ପ୍ରକାଶନ ଅବସରରେ ଗୁଣଗ୍ରାହୀ ପାଠକମାନଙ୍କଠାରେ ମୋର ପ୍ରାର୍ଥନା, ମହାକବି କାଳିଦାସଙ୍କ ଭାବଧାରାକୁ ବୁଝିବାରେ ଏବଂ ଓଡ଼ିଆରେ ତାହାକୁ ପ୍ରକାଶ କରିବାରେ ଯଦି ମୋର କିଛି ଭୁଲଭଟକା ଘଟିଥାଏ, ତେବେ ସେମାନେ ନିଜର ଉଦାର ଗୁଣରେ କ୍ଷମା ଦେବେ ।

ବିନୀତ

ଧନେଶ୍ୱର ମହାପାତ୍ର

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପାତ୍ର ପରିଚୟ

ପୁରୁଷ ପାତ୍ର

ସୂତ୍ରଧାର—ନାଟକର ପ୍ରସ୍ତାବନା-ଉପସ୍ଥାପନକାରୀ, ପରିଚାଳକ

ପାରିପାର୍ଶ୍ୱିକ—ସୂତ୍ରଧାରଙ୍କ ସହାୟକ

ଗଣଦାସ—ନାଟ୍ୟାଚାର୍ଯ୍ୟ

ହରଦତ୍ତ—ଆଉଜଣେ ନାଟ୍ୟାଚାର୍ଯ୍ୟ

ଅଗ୍ନିମିତ୍ର—ବିଦିଶାର ରାଜା, ନାଟକର ନାୟକ

ବାହତକ—ଅଗ୍ନିମିତ୍ରଙ୍କ ମନ୍ତ୍ରୀ

ଗୌତମ—ବିଦୂଷକ

ମୌଦ୍‌ଗଲ୍ୟ—କଞ୍ଚୁକୀ

ସାରସ—ଅନ୍ତଃପୁରର କୁଜା ଚାକର

ବୈତାଳିକଦ୍ୱୟ - ଦୁଇଜଣ ସ୍ତୁତିପାଠକ

ପରିଜନବର୍ଗ—ରାଜାଙ୍କ ପାର୍ଶ୍ୱଚର, ଦାସଦାସୀ ଆଦି

ସ୍ତ୍ରୀ ପାତ୍ର

ଧାରିଣୀ—ଅଗ୍ନିମିତ୍ରଙ୍କ ପାଟରାଣୀ

ମାଳବିକା—ବିଦର୍ଭରାଜ ମାଧବସେନଙ୍କ ସାନ ଭଉଣୀ, ନାଟକର ନାୟିକା

ବକୁଳାବଳିକା—ରାଣୀ ଧାରିଣୀଙ୍କର ଦାସୀ, ମାଳବିକାଙ୍କର ସଖୀ

କୌମୁଦିକା—ଆଉ ଜଣେ ଦାସୀ

ପଣ୍ଡିତକୌଶିକୀ—ମାଧବସେନଙ୍କ ମନ୍ତ୍ରୀ ସୁମତିଙ୍କର ବିଧବା ଭଉଣୀ, ପରିବ୍ରାଜିକା (ସନ୍ନ୍ୟାସିନୀ)

ସମାହିତିକା—ପଣ୍ଡିତକୌଶିକୀଙ୍କର ପରିଚାରିକା

ମଧୁକରିକା—ଉଦ୍ୟାନପାଳିକା

ଇରାବତୀ—ଅଗ୍ନିମିତ୍ରଙ୍କର ଦ୍ୱିତୀୟା ପତ୍ନୀ

ନିପୁଣିକା—ଇରାବତୀଙ୍କ ଦାସୀ

ଜୟସେନା —ପ୍ରତିହାରୀ (ଦ୍ୱାରପାଳିକା)

ମଦନିକା, ଜ୍ୟୋତ୍ସ୍ନିକା—ବିଦର୍ଭଦେଶୀୟ ଦୁଇଜଣ ଶିଳ୍ପୀକନ୍ୟା

ଚେଟୀ—ଆଉ ଜଣେ ଦାସୀ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାଳବିକାଗ୍ନିମିତ୍ରମ୍

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मालविकाग्निमित्रम्

अथ प्रथमोऽङ्कः

एकैश्वर्ये स्थितोऽपि प्रणतबहुफले यः स्वयं कृत्तिवासाः
कान्तासंमिश्रदेहोऽप्यविषयमनसां यः परस्तात् यतीनाम् ।
अष्टाभिर्यस्य कृत्स्नं जगदपि तनुभिर्बिभ्रतो नाभिमानः
सन्मार्गालोकनाय व्यपनयतु स वस्तामसीं वृत्तिमीशः ॥ १

(नान्द्यन्ते ।)

सूत्र०—अलमतिविस्तरेण । (नेपथ्याभिमुखमवलोक्य) मारिष, इतस्तावत् ।

(प्रविश्य)

पारि०—भाव, अयमस्मि ।

सूत्र०—अभिहितोऽस्मि विद्वत्परिषदा— "कालिदासग्रथितवस्तु मालविकाग्निमित्रं नाम नाटकमस्मिन्वसन्तोत्सवे प्रयोक्तव्यमि"ति । तदारभ्यतां संगीतकम् ।

पारि०—मा तावत् । प्रथितयशसां भाससौमिल्लककविपुत्रादीनां प्रबन्धानतिक्रम्य वर्तमानकवेः कालिदासस्य क्रियायां कथं बहुमानः ?

सूत्र०—अयि ! विवेकभ्रस्तमभिहितम् । पश्य—

पुराणमित्येव न साधु सर्वं न चापि काव्यं नवमित्यवद्यम् ।
सन्तः परीक्ष्यान्यतरद् भजन्ते मूढः परप्रत्ययनेयबुद्धिः ॥ २

पारि०—आर्यमिश्राः प्रमाणम् ।

सूत्र०—तेन हि त्वरतां भवान् ।

शिरसा प्रथमगृहीतामाज्ञामिच्छामि परिषदः कर्तुम् ।
देव्या इव धारिण्याः सेवादक्षः परिजनोऽयम् ॥ ३

(इति निष्क्रान्तौ ।)

इति प्रस्तावना ।

—★—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାଳବିକାଗ୍ନିମିତ୍ରମ୍

ପ୍ରଥମ ଅଙ୍କ

ଯେ ଅଦ୍ୱିତୀୟ ଐଶ୍ୱର୍ଯ୍ୟର ଅଧିକାରୀ ହେଲେ ମଧ୍ୟ ଏବଂ ପ୍ରଣତ ଜନମାନଙ୍କୁ ଐଶ୍ୱର୍ଯ୍ୟର ବହୁଫଳ ପ୍ରଦାନ କରୁଥିଲେ ମଧ୍ୟ ନିଜେ ବ୍ୟାଘ୍ର ଚର୍ମ ମାତ୍ର ପରିଧାନ କରନ୍ତି, ଯେ ପ୍ରିୟା ପାର୍ବତୀଙ୍କ ସହିତ ନିତ୍ୟ ଜଡ଼ିତ ହୋଇ ଥିଲେ ମଧ୍ୟ ବିଷୟବାସନାହୀନ ଯତିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଅଟନ୍ତି, ଯେ ନିଜର ଅଷ୍ଟ ମୂର୍ତ୍ତି ଦ୍ୱାରା ସମଗ୍ର ଜଗତକୁ ପାଳନ କରୁଥିଲେ ମଧ୍ୟ ତିଳେ ହେଲେ ଅହଂକାରୀ ନୁହନ୍ତି, ସେହି ଶିବ ଆପଣମାନଙ୍କର ତମୋଗୁଣ-ପ୍ରବୃତ୍ତିକୁ ବିନାଶ କରନ୍ତୁ, ଯଦ୍ଦ୍ୱାରା ଆପଣମାନେ ସତ୍ ମାର୍ଗ ଦେଖି ପାରନ୍ତୁ । ୧

(ନାନ୍ଦୀ ଗାନ ଶେଷ)

ସୂତ୍ରଧାର—ବାହୁଲ୍ୟ ନିଷ୍ପ୍ରୟୋଜନ (ଅନ୍ତରାଳ ଆଡ଼କୁ ଚାହିଁ) ବନ୍ଧୁ, ଏଣିକି ଆସ ।

ପାରିପାର୍ଶ୍ୱିକ — (ପ୍ରବେଶ କରି) ବନ୍ଧୁ, ଏଇ ଆସିଲି ।

ସୂତ୍ର—ବିଦ୍ୱାନ୍ ସଭ୍ୟସଦ୍‌ମାନେ ଏହି ବସନ୍ତ-ଉତ୍ସବରେ କାଳିଦାସଙ୍କ ରଚିତ ମାଳବିକାଗ୍ନିମିତ୍ର ନାମକ ନାଟକ ଅଭିନୀତ କରିବାକୁ ମୋତେ ଆଦେଶ ଦେଇଛନ୍ତି । ତେଣୁ ଗୀତବାଦ୍ୟ ଆରମ୍ଭ କର ।

ପାରିପାର୍ଶ୍ୱିକ—ନା, ଏପରି କହନ୍ତୁ ନାହିଁ । ଭାସ, ସୌମିଲ୍ଲକ, କବିପୁତ୍ର ପ୍ରମୁଖ ପ୍ରସିଦ୍ଧ କବିମାନଙ୍କର ରଚନାକୁ ଛାଡ଼ି କାଳିଦାସଙ୍କ ରଚନା ପ୍ରତି ସଭାସଦ୍‌ମାନଙ୍କର ଅନୁରାଗ କାହିଁକି ? କାଳିଦାସ ତ ବର୍ତ୍ତମାନ ସମୟର କବି ।

ସୂତ୍ରଧାର—ଆହେ ! ବିଚାରହୀନ କଥା କହିଲ । ଦେଖ—

ପ୍ରାଚୀନ ବୋଲି ଯେ ସବୁ ଭଲ ତା ନୁହେଁ । ନବୀନ ବୋଲି ଯେ ସବୁ ରଚନା ଖରାପ୍ ତା ମଧ୍ୟ ନୁହେଁ । ବିଦ୍ୱାନ୍ ଲୋକମାନେ ପରୀକ୍ଷା କରି ଭଲ ଓ ମନ୍ଦ ମଧ୍ୟରୁ ଭଲ ଗ୍ରହଣ କରନ୍ତି । କିନ୍ତୁ ମୂଢ଼ ଲୋକମାନେ ଅନ୍ୟର ଧାରଣାକୁ ଭିତ୍ତି କରି ଭଲ ମନ୍ଦ ବିଚାର କରନ୍ତି । ୨

ପାରିପାର୍ଶ୍ୱିକ—ଏ ବିଷୟରେ ସଭାସଦ୍‌ଗଣ ହିଁ ପ୍ରମାଣ ।

ସୂତ୍ରଧାର—ତା’ ହେଲେ ଆପଣ ଶୀଘ୍ର କାର୍ଯ୍ୟାରମ୍ଭ କରନ୍ତୁ । ସଭାସଦ୍‌ମାନଙ୍କର ଆଜ୍ଞା ମୁଁ ପ୍ରଥମରୁ ଗ୍ରହଣ କରି ନେଇଛି । ବର୍ତ୍ତମାନ ମୁଁ ତାହା ପାଳନ କରିବାକୁ ଇଚ୍ଛା କରୁଛି, ଯେପରି ଏଇ ସେବାନିପୁଣ ପରିଜନବର୍ଗ (ଦାସଦାସୀଗଣ) ମହାରାଣୀ ଧାରିଣୀଙ୍କର ଆଜ୍ଞା ପାଳନ କରୁଛନ୍ତି । ୩

(ଉଭୟଙ୍କର ପ୍ରସ୍ଥାନ)

(ପ୍ରସ୍ତାବନା ଶେଷ)

—★—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ततः प्रविशति वकुलावलिका ।)

वकुला०—आणत्तम्हि देवीए धारिणीए । अइरप्पउत्तोवदेसं छलिअं णाम णट्टअं अन्दरेण कीरिसी मालविअत्ति णट्टाअरिअं अज्जगणदासं पुच्छिदुं । ता दाव संगीदसालं गच्छम्हि (इति परिक्रामति ।) [आज्ञप्तास्मि देव्या धारिण्या । अचिरप्रवृत्तोपदेशं छलिकं नाम नाट्यमन्तरेण कीदृशी मालविकेति नाट्याचार्यमार्यगणदासं प्रष्टुम् । तत्तावत्संगीतशालां गच्छामि ।]

(ततः प्रविशत्याभरणहस्ता द्वितीया चेटी ।)

प्रथमा—(द्वितीयां दृष्ट्वा) हला कोमुदीए, कुदो दे दाणिं इअं धीरदा । ज समीवेण वि अदिक्कमन्ती इदो दिट्ठिं ण देसि । [सखि कौमुदिके ! कुतस्त इदानीमियं धीरता । यत्समीपेनाप्यतिक्रामन्तीतो दृष्टिं न ददासि ।]

द्वितीया—अम्हो बउलावलिआ । सहि ! देवीए इदं सिप्पिसआसादो आणीदं णागमुद्दासणाहं अङ्गुलीअअं सिणिद्धं णिज्झाअन्ती तुह उवालम्भे पडिदम्हि । (अहो वकुलावलिका । सखि ! देव्या इदं शिल्पिसकाशादानीतं नागमुद्रासनाथमंगुलीयकं स्निग्धं निध्यायन्ती तवोपालम्भे पतितास्मि ।)

प्रथमा—(विलोक्य) ठाणे सज्जदि दिट्ठी । इमिणा अङ्गुलीअएण उब्भिण्ण-किरणकेसरेण कुसुमिदो विअ दे अग्गहत्थो । (स्थाने सज्जति दृष्टिः । अनेनाङ्गुलीयकेनोद्भिन्नकिरणकेसरेण कुसुमित इव तेऽग्रहस्तः ।)

द्वितीया—हला, कहिं पत्थिदासि । (सखि ! कुत्र प्रस्थितासि ।)

प्रथमा—देवीए एव्व वअणेण णट्टाआरिअं अज्जगणदासं पुच्छिदुं, उवदेसग्गहणे कीरिसी मालविएत्ति । (देव्या एव वचनेन नाट्याचार्यमार्यगणदासं प्रष्टुम्, उपदेशग्रहणे कीदृशी मालविकेति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ବକୁଳାବଳିକାର ପ୍ରବେଶ)

ବକୁଳା—ମହାରାଣୀ ମୋତେ ଆଜ୍ଞା ଦେଇଛନ୍ତି —"ବକୁଳାବଳିକା, ତୁ ଯାଇ ନାଟ୍ୟାଚାର୍ଯ୍ୟ ଆର୍ଯ୍ୟ ଗଣଦାସଙ୍କୁ ପଚାର, ଛଳିକ ନାମକ ନୃତ୍ୟରେ ମାଳବିକା କେତେଦୂର ଦକ୍ଷତା ହାସଲ କଲାଣି ।" ତେଣୁ, ମୁଁ ଯାଉଛି ସଙ୍ଗୀତଶାଳାକୁ ।

(ହାତରେ ଆଭରଣ ଘେନି ଆଉ ଜଣେ ଦାସୀର ପ୍ରବେଶ)

ପ୍ରଥମା—(ଦ୍ୱିତୀୟାକୁ ଦେଖି) ସଖୀ କୌମୁଦିକା ! ତୁମେ କଣ ଆଜି ଏତେ ଗମ୍ଭୀର ହୋଇଛ ? ଯେହେତୁ, ମୋ ପାଖ ଦେଇ ଗଲେ ମଧ୍ୟ ମୋ ଆଡ଼କୁ ଚାହିଁନ ନାହିଁ ।

ଦ୍ୱିତୀୟା—କିଏ ବକୁଳାବଳିକା ! ସଖୀ ! ମୁଁ ଶିଳ୍ପୀ ଠାରୁ ମହାରାଣୀଙ୍କର ଏଇ ସର୍ପ-ଚିହ୍ନ-ଅଙ୍କିତ ମୁଦିଟି ନେଇ ଯାଉଛି । ଏଇ ସୁନ୍ଦର ମୁଦିଟିର ଉପରେ ମୋ ଦୃଷ୍ଟି ଲାଗି ରହିଥିଲା । ତେଣୁ ମୋତେ ତୁମଠାରୁ ଏପରି ସ୍ନେହଭର୍ତ୍ସନା ଶୁଣିବାକୁ ପଡ଼ିଲା ।

ପ୍ରଥମା—(ଦେଖି) ଏଥିରେ ତୁମର ଦୃଷ୍ଟି ଲାଗି ରହିବାଟା ଯଥାର୍ଥ । ଏ ମୁଦିଟିରୁ ପୁଷ୍ପ-କେଶର ତୁଲ୍ୟ କିରଣ ପ୍ରକାଶିତ ହେଉଛି । ଏହାକୁ ଧରିଥିବା ଯୋଗୁ ତୁମ ପାପୁଲି ପୁଷ୍ପିତ ହେଲା ପରି ଦେଖାଯାଉଛି ।

ଦ୍ୱିତୀୟା—ସଖୀ ! ତୁମେ କୁଆଡ଼େ ଯାଉଛ ?

ପ୍ରଥମା—ମହାରାଣୀଙ୍କ ଆଦେଶରେ ନାଟ୍ୟାଚାର୍ଯ୍ୟ ଆର୍ଯ୍ୟ ଗଣଦାସଙ୍କୁ ପଚାରିବାକୁ ଯାଉଛି ନୃତ୍ୟଶିକ୍ଷାରେ ମାଳବିକା କେତେଦୂର ଦକ୍ଷତା ହାସଲ କଲାଣି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वितीया—सहि ! ईरिसेण वावारेण असण्णिहिदा वि सा कहं भट्टिणा दिट्ठा। (सखि ! ईदृशेन व्यापारेणासन्निहितापि सा कथं भर्त्रा दृष्टा।)

प्रथमा—आम ! सो जणो देवीए पास्सगदो चित्ते दिट्ठो। (आम ! स जनो देव्याः पार्श्वगतश्चित्रे दृष्टः।)

द्वितीया—कहं विअ। (कथमिव।)

प्रथमा—सुणाहि। चित्तसालं गदा देवी जदा पच्चग्गवण्णराअं चित्तलेहं आआरिअस्स आलोअअन्ती चिट्ठदि। भट्टा अ उवट्ठिदो। (शृणु। चित्रशालां गता देवी यदा प्रत्यग्रवर्णरागां चित्रलेखामाचार्यस्यालोकयन्ती तिष्ठति। भर्ता चोपस्थितः।)

द्वितीया—तदो तदो। (ततस्ततः।)

प्रथमा—उवआराणन्तरं एक्कासणोवविट्ठेण भट्टिणा चित्तगदाए देवाए परिअणमज्झगदं आसण्णदारिअं देक्खिअ देवी पुच्छिदा। (उपचारानन्तरमेकासनोपविष्टेन भर्त्रा चित्रगताया देव्याः परिजनमध्यगतामासन्नदारिकां दृष्ट्वा देवी पृष्टा।)

द्वितीया—किं ति। (किमिति।)

प्रथमा—अपुव्वा इअं दारिआ देवीए आसण्णा आलिहिदा किंणामहेएत्ति। (अपूर्वेयं दारिका देव्या आसन्ना आलिखिता किन्नामधेयेति।)

द्वितीया—आकिदिविसेसेसु आअरो पदं करेति। तदो तदो। (आकृतिविशेषेष्वादरः पदं करोति। ततस्ततः।)

प्रथमा—तदो अवहीरिअवअणो भट्टा संकिदो देविं पुणोवि अणुवन्धिदुं पवुत्तो। तदो कुमारीए वसुलच्छीए आअक्खिदम् अज्ज, एसा मालविएत्ति। (ततोऽवधीरितवचनो भर्ता शङ्कितो देवीं पुनरप्यनुबन्धुम् प्रवृत्तः। ततः कुमार्या वसुलक्ष्म्याख्यातम आर्य, एषा मालविकेति।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିତୀୟା—ସଖୀ ! ମାଳବିକା ତ ନୃତ୍ୟଶିକ୍ଷା କରିବାକୁ ଦୂରରେ ରହୁଛି । ମହାରାଜ ତାକୁ କିପରି ଦେଖିବାକୁ ପାଇଲେ ?

ପ୍ରଥମା—ହଁ ଗୋଟିଏ ଚିତ୍ରରେ ସେ ମହାରାଣୀଙ୍କ ପାଖରେ ଅଛି । ସେଇ ଚିତ୍ରରେ ମହାରାଜା ତାକୁ ଦେଖିଲେ ।

ଦ୍ୱିତୀୟା – କିପରି ?

ପ୍ରଥମା – ଶୁଣ । ଦିନେ ମହାରାଣୀ ଚିତ୍ରଶାଳାରେ ବସି ଆଚାର୍ଯ୍ୟ (ଚିତ୍ରକାର) ଙ୍କ ଦ୍ୱାରା ଅଙ୍କିତ ଚିତ୍ରଟିଏ ଦେଖୁଥିଲେ । ସେହି ସମୟରେ ମହାରାଜା ସେଠାରେ ପହଞ୍ଚିଗଲେ ।

ଦ୍ୱିତୀୟା—ତା ପରେ ?

ପ୍ରଥମା—ପରସ୍ପର ସ୍ୱାଗତ ସଂଭାଷଣ ପରେ ରାଜାରାଣୀ ଗୋଟିଏ ଆସନରେ ବସି ଚିତ୍ର ଦେଖିଲେ । ଚିତ୍ରରେ ପରିଜନବର୍ଗଙ୍କ ମଧ୍ୟରେ ରାଣୀଙ୍କ ନିକଟରେ ଥିବା ଗୋଟିଏ ଝିଅକୁ ଦେଖି ରାଜା ପଚାରିଲେ —

ଦ୍ୱିତୀୟା—କଅଣ ପଚାରିଲେ ?

ପ୍ରଥମା—ଏ ଯେଉଁ ଅପୂର୍ବ ଝିଅଟି ତୁମ ନିକଟରେ ଅଛି, ଏହାର ନାମ କଅଣ ?

ଦ୍ୱିତୀୟ—ସୁନ୍ଦର ଆକୃତି ପ୍ରତି ସମସ୍ତଙ୍କ ମନରେ ଆକର୍ଷଣ ଜାତ ହୁଏ । ଆଚ୍ଛା, ତା'ପରେ ?

ପ୍ରଥମା—ରାଣୀ ରାଜାଙ୍କ କଥାର ଉତ୍ତର ଦେଲେ ନାହିଁ । ରାଜାଙ୍କ ମନରେ କୌତୂହଳ ବଢ଼ିଲା । ସେ ରାଣୀଙ୍କୁ ଆଗ୍ରହର ସହିତ ବାରମ୍ବାର ପଚାରିଲେ, ସେ ଝିଅଟି କିଏ ? ତା'ପରେ ରାଜକୁମାରୀ ବସୁଲକ୍ଷ୍ମୀ କହିଦେଲେ—'ବାପା, ଏ ହେଉଛନ୍ତି ମାଳବିକା ।''

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

द्वितीया—(सस्मितम् ।) सरिसं खु बालभाअस्स । अदो अवरं कहेहि ।
(सदृशं खलु बालभावस्य । अतोऽपरं कथय ।)

प्रथमा—किं अण्णं । संपदं मालविआ सविसेसं भट्टिणो दंसणपहादो रक्खीअदि । (किमन्यत् । सांप्रतं मालविका सविशेषं भर्तुर्दर्शन-पथाद्रक्ष्यते ।)

द्वितीया—हला अणुचिट्ठ अत्तणो णिओअं । अहं वि एदं अङ्गुलीअअं देवीए उवणइस्सम् । (इति निष्क्रान्ता ।) (सखि ! अनुतिष्ठात्मनो नियोगम् । अहमप्येतदङ्गुलीयकं देव्यै उपनेष्यामि ।)

प्रथमा—(परिक्रम्यावलोक्य ।) एसो णट्टाअरिओ संगीदसालादो णिग्गच्छदि । जाव से अत्ताणं दंसेमि । (इति परिक्रामति ।) (एष नाट्याचार्यः संगीतशालातो निर्गच्छति । यावदस्मा आत्मानं दर्शयामि ।)

(प्रविश्य ।)

गण॰—कामं खलु सर्वस्यापि कुलविद्या बहुमता । न पुनरस्माकं नाट्यं प्रति मिथ्यागौरवम् । तथा हि—

देवानामिदमामनन्ति मुनयः शान्तं क्रतुं चाक्षुषं
रुद्रेणेदमुमाकृतव्यतिकरे स्वाङ्गे विभक्तं द्विधा ।
त्रैगुण्योद्भवमत्र लोकचरितं नानारसं दृश्यते
नाट्यं भिन्नरुचेर्जनस्य बहुधाप्येकं समाराधकम् ॥ ४

बकुला॰—(उपेत्य ।) अज्ज, वन्दामि । (आर्य, वन्दे ।)

गण॰—भद्रे ! चिरं जीव ।

बकुला॰—अज्ज ! देवी पुच्छदि, अवि उवदेसग्गहणे णादिकीलिस्सदि वो सिस्सा मालविएत्ति । (आर्य ! देवी पृच्छति, अप्युपदेशग्रहणे नातिक्लिश्नाति वः शिष्या मालविकेति ।)

गण॰—भद्रे ! विज्ञाप्यतां देवी परमनिपुणा मेधाविनी चेति । किं बहुना—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଦ୍ୱିତୀୟା—(ମୃଦୁମୃଦୁ ହସି) ପିଲାଙ୍କ ପକ୍ଷରେ ଏହା ସ୍ୱାଭାବିକ । ହଁ, ତା'ପରେ କଅଣ ହେଲା କୁହ ।

ପ୍ରଥମା—ଆଉ କଅଣ ହେବ ? ବର୍ତ୍ତମାନ ମାଳବିକାକୁ ମହାରାଜାଙ୍କ ଦୃଷ୍ଟିପଥରୁ ଅଲଗା କରି ରଖାଯାଇଛି ।

ଦ୍ୱିତୀୟା—ସଖୀ, ନିଜ କାର୍ଯ୍ୟରେ ଯାଅ । ମୁଁ ମଧ୍ୟ ଯାଉଛି, ଏଇ ମୁଦିଟି ମହାରାଣୀଙ୍କୁ ନେଇ ଦେବି । (ଚାଲିଗଲା)

ପ୍ରଥମା—(କିଛି ବାଟ ଯାଇ ଓ ଚାହିଁ) ଏଇ ତ ! ନାଟ୍ୟାଚାର୍ଯ୍ୟ ସଙ୍ଗୀତଶାଳାରୁ ଆସୁଛନ୍ତି । ଯାଉଛି, ତାଙ୍କୁ ଭେଟିବି ।

ଗଣଦାସ—(ପ୍ରବେଶ କରି) ସମସ୍ତେ ନିଜର କୌଳିକ ବିଦ୍ୟାପାଇଁ ଗୌରବ ଅନୁଭବ କରନ୍ତି । ସେହିପରି, ନାଟ୍ୟ ପ୍ରତି ମୋର ମନରେ ଯେଉଁ ଗୌରବବୋଧ ଅଛି, ତାହା ବୃଥା ନୁହେଁ । କାରଣ—

ନାଟ୍ୟକଳାକୁ ମୁନିମାନେ ଶାନ୍ତପ୍ରଦ ଚକ୍ଷୁଯଜ୍ଞ ବୋଲି କହନ୍ତି । ଶିବ ନିଜର ଅର୍ଦ୍ଧନାରୀଶ୍ୱର ରୂପରେ ଏହାକୁ ଦୁଇଭାଗ (ଲାସ୍ୟ ଓ ତାଣ୍ଡବ)ରେ ବିଭକ୍ତ କରିଛନ୍ତି । ନାଟ୍ୟକଳାରେ ସତ୍ତ୍ୱ, ରଜ, ତମ—ତିନିଗୁଣର ଏବଂ ଶୃଙ୍ଗାର, ବୀର, କରୁଣ ଆଦି ରସର ଚରିତ ପ୍ରଦର୍ଶନ କରାଯାଏ । ଏଇ ଗୋଟିକ ମାତ୍ର କଳା ଦ୍ୱାରା ଭିନ୍ନ ଭିନ୍ନ ରୁଚିର ଲୋକମାନଙ୍କର ମନୋରଞ୍ଜନ ହୋଇପାରେ । ୪

ବକୁଳା—(ନିକଟକୁ ଯାଇ) ଆର୍ଯ୍ୟ ! ନମସ୍କାର ।

ଗଣଦାସ—ଭଦ୍ରେ ! ଦୀର୍ଘଜୀବୀ ହୁଅ ।

ବକୁଳା—ଆର୍ଯ୍ୟ, ମହାରାଣୀ ପଚାରିଛନ୍ତି—ଆପଣଙ୍କର ଶିଷ୍ୟା ମାଳବିକାକୁ ଶିକ୍ଷାଗ୍ରହଣରେ ବିଶେଷ ପରିଶ୍ରମ ପଡ଼ୁନାହିଁ ତ ?

ଗଣଦାସ—ଭଦ୍ରା, ମହାରାଣୀଙ୍କୁ କହିଦିଅ, ମାଳବିକା ଖୁବ୍ ନିପୁଣା ଓ ମେଧାବିନୀ । ଅଧିକ କହିବା ଅନାବଶ୍ୟକ—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

यद्यत्प्रयोगविषये भाविकमुपदिश्यते मया तस्यै।
तत्तद्विशेषकरणात्प्रत्युपदिशतीव मे बाला ॥ ५

बकुला०—(आत्मगतम्)अदिक्कमंतीं विअ इरावदिं पेक्खामि । (प्रकाशम्) किदत्था दाणिं वो सिस्सा । जाए गुरुअणो एवं तुस्सदि । (अतिक्रामन्तीमिवेरावतीं पश्यामि । कृतार्थेदानीं वः शिष्या । यस्या गुरुजन एव तुष्यति ।)

गण०—भद्रे ! तद्विधानामसुलभत्वात्पृच्छामि । कुतो देव्या तत्पात्र-मानीतम् ।

बकुला०—अत्थि देवीए वण्णावरो भादा वीरसेणो णाम । सो भट्टिणा णम्मदातीरे अन्तवालदुग्गे ठाविदो । तेण सिप्पाहिआरे जोग्गा इअं दारिएत्ति भणिअ भइणीए देवीए उवाअणं पेसिदा । (अस्ति देव्या वर्णावरो भ्राता वीरसेनो नाम । स भर्त्रा नर्मदा-तीरेऽन्तपालदुर्गे स्थापितः । तेन शिल्पाधिकारे योग्येयं दारिकेति भणित्वा भगिन्या देव्या उपायन प्रेषिता ।

गण०—(स्वगतम्) आकृतिविशेषप्रत्ययादेनामनूनवस्तुकां संभावयामि । (प्रकाशम्) भद्रे ! मयापि यशस्विना भवितव्यम् । यतः—

पात्रविशेषे न्यस्तं गुणान्तरं व्रजति शिल्पमाधातुः ।
जलमिव समुद्रशुक्तौ मुक्ताफलतां पयोदस्य ॥ ६

बकुला०—अज्ज ! कहिं दाणिं वो सिस्सा । (आर्य ! कुत्रेदानीं वः शिष्या ।)

गण०—इदानीमेव पञ्चाङ्गाभिनयमुपदिश्य मया विश्रम्यतामित्यभि-हिता दीर्घिकावलोकनगवाक्षगता प्रवातमासेवमाना तिष्ठति ।

बकुला०—तेण हि पुणो अणुजाणादु मं अज्जो । जाव से अज्जस्स परि-तोसणिवेदणेण उस्साहं वड्ढेमि । (तेन हि पुनरनुजानातु मामार्यः । यावदस्या आर्यस्य परितोषनिवेदनेनोत्साहं वर्धयामि ।)

गण०—दृश्यतां सखी । अहमपि लब्धक्षणः स्वगृहं गच्छामि ।

(इति निष्क्रान्तौ ।)

मिश्रविष्कम्भकः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନାଟ୍ୟ ବିଷୟରେ ମୁଁ ଯେଉଁ ଯେଉଁ ଭାବଭଙ୍ଗୀର ଅଭିନୟ ତାକୁ ଶିକ୍ଷା ଦେଉଛି, ସେ ସେଗୁଡ଼ିକୁ ମୋ ଶିକ୍ଷା ତୁଳନାରେ ଅଧିକ ସୁନ୍ଦର ଭାବରେ ପ୍ରଦର୍ଶନ କରୁଛି । ତଦ୍ୱାରା ସତେ ଯେପରି ମୋତେ ସେ ଓଲଟି ଶିକ୍ଷା ପ୍ରଦାନ କରୁଛି ! ୫

ବକୁଳା—(ସ୍ୱଗତ) ତା' ହେଲେ ଇରାବତୀଙ୍କୁ ଅତିକ୍ରମ କରିଗଲା ଭଳି ବୋଧ ହେଉଛି । (ପ୍ରକାଶ୍ୟରେ) ଆପଣଙ୍କର ଶିଷ୍ୟା ଧନ୍ୟା, ଯେହେତୁ ଗୁରୁ ତାଙ୍କ ଉପରେ ସନ୍ତୁଷ୍ଟ ।

ଗଣଦାସ—ଭଦ୍ରା ! ସେଭଳି ଶିଷ୍ୟ ବା ଶିଷ୍ୟା ସହଜରେ ମିଳନ୍ତି ନାହିଁ । ତେଣୁ ମୁଁ ତୁମକୁ ପଚାରୁଛି – ମହାରାଣୀ ସେଇ ପାତ୍ରୀଟିକୁ (ମାଳବିକାକୁ) କେଉଁଠାରୁ ଆଣିଛନ୍ତି ?

ବକୁଳା—ମହାରାଣୀଙ୍କ ନିମ୍ନକୁଳଜାତ * ଭାଇ ବୀରସେନ । ମହାରାଜା ବୀରସେନଙ୍କୁ ନର୍ମଦା ନଦୀକୂଳରେ ସୀମାନ୍ତ ଦୁର୍ଗପାଳ ରୂପେ ନିଯୁକ୍ତ କରିଛନ୍ତି । ଏ ଝିଅଟି ଶିଳ୍ପଶିକ୍ଷାରେ (ନୃତ୍ୟ ଗୀତାଦିରେ) ନିପୁଣୀ ହୋଇପାରିବ ବୋଲି କହି ବୀରସେନ ଭଉଣୀ (ମହାରାଣୀ)ଙ୍କ ନିକଟକୁ ଏହାକୁ ଉପହାର ସ୍ୱରୂପ ପଠାଇ ଦେଇଛନ୍ତି ।

ଗଣଦାସ—(ସ୍ୱଗତ) ଏହାର ଆକୃତିରୁ ଧାରଣା ହେଉଛି, କୌଣସି ମହାନ୍ କୁଳରେ ଏହାର ଜନ୍ମ । (ପ୍ରକାଶ୍ୟରେ) ଭଦ୍ରା ! ମୁଁ ମଧ୍ୟ ଯଶ ଲାଭ କରିବି । କାରଣ—

ଯେପରି ମେଘର ଜଳ ସମୁଦ୍ର ଶାମୁକା ଗର୍ଭରେ ପଡ଼ି ମୁକ୍ତା-ରୂପରେ ପରିଣତ ହୁଏ, ସେହିପରି ଶିଳ୍ପଶିକ୍ଷକର ଶିଳ୍ପ (ନୃତ୍ୟଗୀତାଦି) ଉତ୍ତମ ପାତ୍ରରେ ଅର୍ପିତ ହେଲେ ବହୁ ଗୁଣରେ ଉତ୍କର୍ଷ ଲାଭ କରେ । ୬

ବକୁଳା—ଆର୍ଯ୍ୟ ! ଆପଣଙ୍କ ଶିଷ୍ୟା ବର୍ତ୍ତମାନ କେଉଁଠି ?

ଗଣଦାସ—ବର୍ତ୍ତମାନ ମୁଁ ତାକୁ ପଞ୍ଚାଙ୍ଗ ପ୍ରଭୃତି ଅଭିନୟ ଶିକ୍ଷା ଦେଲା ପରେ ବିଶ୍ରାମ ନେବାକୁ କହିଛି । ସେ ପୁଷ୍କରିଣୀ ଆଡକୁ ଚାହିଁ, ଝରକା ପାଖରେ ବସି ବାୟୁ ସେବନ କରୁଛି ।

ବକୁଳା—ତା' ହେଲେ ଆପଣ ମୋତେ ଅନୁମତି ଦିଅନ୍ତୁ, ମୁଁ ଯାଇ ତାଙ୍କୁ ଆପଣଙ୍କର ସନ୍ତୋଷ ବିଷୟ ଜଣାଇ ତାଙ୍କର ଉତ୍ସାହ ବର୍ଦ୍ଧନ କରେଁ ।

ଗଣଦାସ—ଯାଅ, ସଖୀକୁ ଭେଟ । ମୁଁ ମଧ୍ୟ ଟିକିଏ ଅବସର ପାଇ ଘରକୁ ଯାଉଛି ।

(ଉଭୟଙ୍କର ପ୍ରସ୍ଥାନ)

॥ ମିଶ୍ରବିଷ୍କମ୍ଭକ ଶେଷ ॥

---

* ମହାରାଣୀଙ୍କ ନିମ୍ନକୁଳଜାତ ଭାଇ – ମହାରାଣୀଙ୍କ ପିତାଙ୍କର ବୈଶ୍ୟଜାତୀୟା ବା ଶୂଦ୍ରଜାତୀୟା ପତ୍ନୀଠାରୁ ଜାତ ପୁତ୍ର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ततः प्रविशत्येकान्तस्थितपरिजनो मन्त्रिणा लेखहस्तेनान्वास्यमानो राजा ।)

राजा—(अनुवाचितलेखममात्यं विलोक्य ।) वाहतक, किं प्रतिपद्यते वैदर्भः ?

अमात्यः—देव ! आत्मविनाशम् ।

राजा—संदेशमिदानीं श्रोतुमिच्छामि ।

अमात्यः—इदमिदानीमनेन प्रतिलिखितम् । पूज्येनाहमादिष्टः । भवतः पितृव्यपुत्रः कुमारो माधवसेनः प्रतिश्रुतसम्बन्धो ममोपान्तिकमुपसर्पन्नन्तरा त्वदीयेनान्तपालेनावस्कन्द्य गृहीतः । स त्वया मदपेक्षया सकलत्रसोदर्यो मोक्तव्य इति । एतन्नु वो विदितम् । यत्तुल्याभिजनेषु राज्ञा वृत्तिरीदृशी । अतोऽत्र मध्यस्थः पूज्यो भवितुमर्हति । सोदरा पुनरस्य ग्रहणविप्लवे विनष्टा । तदन्वेषणाय प्रयतिष्ये । अथवा, अवश्यमेव माधवसेनो मया पूज्येन मोचयितव्यः श्रूयतामभिसंधिः ।

मौर्यसचिवं विमुञ्चति यदि पूज्यः संयतं मम श्यालम् ।
मोक्ता माधवसेनस्ततो मया बन्धनात्सद्यः ॥ ७ ॥ इति ।

राजा—(सरोषम् ।) कथं कार्यविनिमयेन मयि व्यवहरत्यनात्मज्ञः । वाहतक ! प्रकृत्यमित्रः प्रतिकूलाचारी च वैदर्भः । तद्यातव्यपक्षे स्थितस्य पूर्वसंकल्पितसमुन्मूलनाय वीरसेनमुखं दण्डचक्रमाज्ञापय ।

अमात्यः—यदाज्ञापयति देवः ।

राजा—अथवा किं भवान्मन्यते ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ତା'ପରେ ରାଜା (ଅଗ୍ନିମିତ୍ର)ଙ୍କର ପ୍ରବେଶ । ପରିଜନବର୍ଗ ଗୋଟିଏ ଆଡ଼କୁ ପୃଥକ୍ ହୋଇ ଥାଆନ୍ତି । ମନ୍ତ୍ରୀ ହାତରେ ପତ୍ର ଧରି ରାଜାଙ୍କ ନିକଟରେ ଆସୀନ ।)

ରାଜା—(ମନ୍ତ୍ରୀ ପତ୍ର ପଢ଼ିସାରିଥା'ନ୍ତି, ତାଙ୍କ ଆଡକୁ ଚାହିଁ) ବାହତକ, ବିଦର୍ଭରାଜ (ଯଜ୍ଞସେନ) କଅଣ କରିବାକୁ ଚାହାଁନ୍ତି ?

ମନ୍ତ୍ରୀ—ମହାରାଜ, ସେ ନିଜକୁ ଧ୍ୱଂସ କରିବା ଚାହାଁନ୍ତି ।

ରାଜା—ମୁଁ ବର୍ତ୍ତମାନ ତାଙ୍କ ପତ୍ରର ବିଷୟ ବସ୍ତୁ ଶୁଣିବାକୁ ଚାହେଁ ।

ଅମାତ୍ୟ—ସେ ଏଇଆ ଲେଖିଛନ୍ତି— "ମୋ ପିତୃବ୍ୟପୁତ୍ର (ଖୁଡୁତାପୁଅ ଭାଇ) କୁମାର ମାଧବସେନ ଆପଣଙ୍କ ସହିତ ନିଜ ଭଉଣୀର ବିବାହ ସମ୍ବନ୍ଧ ସ୍ଥିର କରି ଆପଣଙ୍କ ନିକଟକୁ ଯାଉଥିଲା ବେଳେ ବାଟରେ ମୋର ସୀମାନ୍ତପାଳ ଆକ୍ରମଣ କରି ତାଙ୍କୁ ବନ୍ଦୀ କରି ନେଇଛନ୍ତି । ତାଙ୍କୁ ତାଙ୍କ ସ୍ତ୍ରୀ ଓ ଭଉଣୀଙ୍କ ସହିତ ମୁକ୍ତକରି ଦେବାପାଇଁ ଆପଣ ମୋତେ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଆପଣ ଜାଣନ୍ତି ଯେ—ଏକବଂଶଜାତ ରାଜାମାନଙ୍କର କାର୍ଯ୍ୟ ଏହିପରି । (ଏକବଂଶ ଜାତ ଦାୟାଦମାନଙ୍କ ମଧ୍ୟରେ ଏହିପରି ଶତ୍ରୁତା ଲାଗି ରହି-ଥାଏ ।) ତେଣୁ ଏ ବିଷୟରେ ମାନନୀୟ ଆପଣ ନିରପେକ୍ଷ ରହିବା ଉଚିତ । ମାଧବସେନଙ୍କର ଭଉଣୀ ଆକ୍ରମଣ ସମୟରେ ଭୀଷଣ ପରିସ୍ଥିତି ମଧ୍ୟରେ କୁଆଡ଼େ ଚାଲିଯାଇଛନ୍ତି । ତାଙ୍କୁ ଖୋଜିବା ପାଇଁ ମୁଁ ଯତ୍ନ କରିବି । ଅବା, ଯଦି ଆପଣ ମୋଠାରୁ ମାଧବସେନଙ୍କୁ ମୁକ୍ତ କରିବାକୁ ଚାହାନ୍ତି, ତେବେ ମୋର ସର୍ତ୍ତ ଶୁଣନ୍ତୁ—

ମୋର ଶାଳକ ମୌର୍ଯ୍ୟସଚିବ ଆପଣଙ୍କ ନିକଟରେ ବନ୍ଦୀ ହୋଇ ରହିଛନ୍ତି । ଆପଣ ଯଦି ତାଙ୍କୁ ମୁକ୍ତ କରିଦେବେ, ତେବେ ମୁଁ ମାଧବ-ସେନଙ୍କୁ ମୁକ୍ତ କରିଦେବି ।" ଇତି

ରାଜା—(କ୍ରୋଧରେ) କଅଣ ! ସେହି ଆତ୍ମ-ସାମର୍ଥ୍ୟ-ଅନଭିଜ୍ଞ ମୋ ସଙ୍ଗରେ ବିନି-ମୟ ସର୍ତ୍ତର ବ୍ୟବହାର କରୁଛି ? ବାହତକ, ବିଦର୍ଭରାଜ (ଯଜ୍ଞସେନ) ସ୍ୱଭାବତଃ ଆମର ଶତ୍ରୁ ଓ ପ୍ରତିକୂଳାଚାରୀ । ତେଣୁ, ତାକୁ ଆକ୍ରମଣ କରିବା ଆମର କର୍ତ୍ତବ୍ୟ । ଆକ୍ରମଣ କରିବାକୁ ଆମେ ପୂର୍ବରୁ ସିଦ୍ଧାନ୍ତ ମଧ୍ୟ ଗ୍ରହଣ କରିଥାଇଁ । ବର୍ତ୍ତମାନ ତାକୁ ଧ୍ୱଂସ କରିଦେବାପାଇଁ ବୀରସେନଙ୍କ ମୁଖ୍ୟତ୍ୱରେ ସୈନ୍ୟବାହିନୀଙ୍କୁ ଆଦେଶ ଦିଅ ।

ମନ୍ତ୍ରୀ—ମହାରାଜଙ୍କର ଯାହା ଆଜ୍ଞା ।

ରାଜା—କିମ୍ବା··· ଆପଣ କଅଣ ମନେ କରୁଛନ୍ତି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अमात्यः—शास्त्रदृष्टमाह देवः ।

अचिराधिष्ठितराज्यः शत्रुः प्रकृतिष्वरूढमूलत्वात् ।
नवसंरोपणशिथिलस्तरुरिव सुकरः समुद्धर्तुम् ॥ ८

राजा—तेन ह्यवितथं तन्त्रकारवचनम् । इदमेव वचनं निमित्तमुपादाय समुद्योज्यतां सेनाधिपतिः ।

अमात्यः—तथा । (इति निष्क्रान्तः ।)

(परिजनो यथाव्यापारं राजानमभितः स्थितः ।)

(प्रविश्य ।)

विदू॰—आणत्तोम्हि तत्तभवदा रण्णा । गोदम, चिन्तेहि दाव उवाअं जह मे जदिच्छादिट्ठप्पदिकिदी मालविआ पच्चक्खदंसणा होदित्ति । मए अ तं तहा किदं दाव से णिवेदेमि । (इति परिक्रामति ।) [आज्ञप्तोऽस्मि तत्रभवता राज्ञा । गौतम, चिन्तय तावदुपायम् । यथा मे यदृच्छादृष्टप्रतिकृतिर्मालविका प्रत्यक्ष-दर्शना भवतीति । मया च तत्तथा कृतं तावदस्मै निवेदयामि ।]

राजा—(विदूषकं दृष्ट्वा ।) अयमपरः कार्यान्तरसचिवोऽस्मानुपस्थितः ।

विदू॰—(उपगम्य) वड्ढदु भवं (बर्धतां भवान् ।)

राजा—(सशिरःकम्पम् ।) इत आस्यताम् ।

(विदूषक उपविष्टः ।)

राजा—अपि कच्चिदुपेयोपायदर्शने व्यापृतं ते प्रज्ञाचक्षुः ?

विदू॰—पओअसिद्धिं पुच्छ । (प्रयोगसिद्धिं पृच्छ ।)

राजा—कथमिव ।

विदू॰—(कर्णे ।) एव्वमिव । (एवमिव ।)

राजा—साधु वयस्य, निपुणमुपक्रान्तम् । इदानीं दुरधिगमसिद्धावप्यस्मिन्नारम्भे वयमाशंसामहे । कुतः—

अर्थं सप्रतिबन्धं प्रभुरधिगन्तुं सहायवानेव ।
दृश्यं तमसि न पश्यति दीपेन विना सचक्षुरपि ॥ ९

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମନ୍ତ୍ରୀ—ଆପଣଙ୍କ ଆଦେଶ ନୀତିସଙ୍ଗତ । କାରଣ—

ନୂଆ ହୋଇ ଲଗା ହୋଇଥିବା ଗଛର ଚେର ବିଶେଷ ଶକ୍ତ ହୋଇନଥାଏ । ସେତେବେଳେ ସେହି ଗଛକୁ ସହଜରେ ଉପାଡ଼ି ଫିଙ୍ଗି ଦିଆଯାଇପାରେ । ସେହିପରି ଅଳ୍ପଦିନ ହେଲା ରାଜ୍ୟ ଲାଭ କରିଥିବା ରାଜା ପ୍ରଜାମାନଙ୍କ ମଧ୍ୟରେ ପ୍ରତିଷ୍ଠା ଲାଭ କରିନଥାଏ । ସେଭଳି ରାଜା ଶତ୍ରୁ ହେଲେ ତାକୁ ସହଜରେ ଧ୍ୱଂସ କରିଯାଇପାରେ । ୮

ରାଜା—ନୀତିକାରମାନଙ୍କ କଥା ଠିକ୍ । ତେଣୁ ଏହି ନୀତିବଚନକୁ ନିମିତ୍ତ କରି ସେନାପତିଙ୍କୁ ନିୟୋଜିତ କର ।

ମନ୍ତ୍ରୀ—ତାହା ହେଉ । (ପ୍ରସ୍ଥାନ କଲେ)

(ପରିଜନବର୍ଗ ରାଜାଙ୍କ ନିକଟରେ ନିଜ ନିଜ କାର୍ଯ୍ୟରେ ଲାଗିରହିଲେ ।)

ବିଦୂଷକ—(ପ୍ରବେଶ କରି ସ୍ୱଗତ) ରାଜା ମୋତେ ଆଦେଶ ଦେଇଛନ୍ତି—"ଗୌତମ, ମୁଁ ମାଳବିକାକୁ ଦୈବାତ୍ ଚିତ୍ରରେ ଦେଖିଛି । ତାକୁ ଯେପରି ପ୍ରତ୍ୟକ୍ଷରେ ଦେଖି ପାରିବି, ତାହାର ଉପାୟ ଚିନ୍ତା କର ।" ମୁଁ ମଧ୍ୟ ତାହାର ଆୟୋଜନ କରି ସାରିଛି । ବର୍ତ୍ତମାନ ଯାଉଛି ଏ କଥା ମହାରାଜଙ୍କୁ ଜଣାଇବି ।

(ଯିବାରେ ଲାଗିଲେ)

ରାଜା—(ବିଦୂଷକଙ୍କୁ ଦେଖି) ଏ ମୋର ଅନ୍ୟ କାର୍ଯ୍ୟର (କ୍ରୀଡ଼ାବ୍ୟାପାରର) ମନ୍ତ୍ରୀ ଆସିଗଲେ ।

ବିଦୂଷକ—(ନିକଟକୁ ଯାଇ) ମହାରାଜଙ୍କର ଜୟ ହେଉ ।

ରାଜା—(ମୁଣ୍ଡ ହଲାଇ) ଏଇଠି ବସ ।

(ବିଦୂଷକ ବସିଲେ)

ରାଜା—ମୁଁ ଯାହା ପାଇବାକୁ ଚାହୁଁଛି, ତାହା ମିଳିବାର ଉପାୟ ଖୋଜିବାରେ ତୁମର ପ୍ରଜ୍ଞାଚକ୍ଷୁ ଲାଗିଛି ତ ?

ବିଦୂଷକ—(ଉପାୟ କଥା ପଚାରୁଛନ୍ତି କ'ଣ ?) କାର୍ଯ୍ୟସିଦ୍ଧି କଥା ପଚାରନ୍ତୁ ।

ରାଜା—କିପରି ?

ବିଦୂଷକ—(କାନ ପାଖରେ) ଏଇପରି ।

ରାଜା—ବାଃ ! ବନ୍ଧୁ ! ଖୁବ୍ ନିପୁଣତାର ସହିତ କାର୍ଯ୍ୟ ଆରମ୍ଭ କରିଛ । ଏ କାର୍ଯ୍ୟ ଅତ୍ୟନ୍ତ କଠିନ । ତଥାପି ଏଥିରେ ସିଦ୍ଧି ମିଳିବ ବୋଲି ମୁଁ ଆଶା କରୁଛି । କାରଣ—

ଯେଉଁ ଲୋକର ସହାୟକ ଥାଆନ୍ତି, ସେ ବିଘ୍ନପୂର୍ଣ୍ଣ କାର୍ଯ୍ୟ ମଧ୍ୟ ସହଜରେ ସମ୍ପାଦନ କରିପାରେ । ଚକ୍ଷୁ ଥିଲେ କଅଣ ହେବ, ଦୀପର ସାହାଯ୍ୟ ନ ନେଲେ ଅନ୍ଧାରରେ କିଛି ଦେଖିହୁଏ ନାହିଁ । ୯

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

नेपथ्ये—

अलं बहु विकत्थ्य । राज्ञः समक्षमेवावयोरधरोत्तरयोर्व्यक्तिर्भविष्यति ।

राजा—(आकर्ण्य ।) सखे, त्वत्सुनीतिपादपस्य पुष्पमुद्भिन्नम् ।

विदू०—फलं वि अइरेण दक्खिस्ससि । (फलमप्यचिरेण द्रक्ष्यसि ।)

(ततः प्रविशति कञ्चुकी ।)

कञ्चुकी—देव, अमात्यो विज्ञापयति । अनुष्ठिता प्रभोराज्ञा । एतौ पुनर्हरदत्तगणदासौ—

उभावभिनयाचार्यौ परस्परजयैषिणौ ।
त्वां द्रष्टुमुद्यतौ साक्षाद्भावाविव शरीरिणौ ॥ १०

राजा—प्रवेशय तौ ।

कञ्चुकी—यदाज्ञापयति देवः । (इति निष्क्रम्य ताभ्यां सह प्रविश्य ।) इत इतो भवन्तौ ।

गण०—(राजानं विलोक्य ।) अहो, दुरासदो राजमहिमा ।

न च न परिचितो न चाप्यरम्य-
श्चकितमुपैमि तथापि पार्श्वमस्य ।
सलिलनिधिरिव प्रतिक्षणं मे
भवति स एव नवो नवोऽयमक्ष्णोः ॥ ११

हर०—महत्खलु पुरुषाकारमिदं ज्योतिः । तथाहि—

द्वारे नियुक्तपुरुषाभिमतप्रवेशः
सिंहासनान्तिकचरेण सहोपसर्पन् ।
तेजोभिरस्य विनिवर्तितदृष्टिपात-
र्वाक्याद्दते पुनरिव प्रतिवारितोऽस्मि ॥ १२

कञ्चुकी—एष देवः । उपसर्पतां भवन्तौ ।

उभौ—(उपेत्य ।) विजयतां देवः ।

राजा—स्वागतं भवद्भ्यम् । (परिजनं विलोक्य ।) आसने तावदत्र भवतोः ।

(उभौ परिजनोपनीतयोरासनयोरुपविष्टौ ।)

राजा—किमिदं शिष्योपदेशकाले युगपदाचार्याभ्यामत्रोपस्थानम् ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ନେପଥ୍ୟେ)

ଗୁଡ଼ାଏ ଆତ୍ମପ୍ରଶଂସା କରି ଲାଭ ନାହିଁ । ରାଜାଙ୍କ ସମ୍ମୁଖରେ ହିଁ ଆମ ଦୁହିଁଙ୍କ ମଧ୍ୟରେ କିଏ ଉଚ୍ଚ, କିଏ ନୀଚ ଜଣା ପଡ଼ିଯିବ ।

ରାଜା—(କାନ ଡ଼େରି) ବନ୍ଧୁ, ତୁମ ଚତୁରନୀତି-ବୃକ୍ଷରେ ଫୁଲ ଫୁଟିଲା ।

ବିଦୂଷକ – ଫଳ ମଧ୍ୟ ଅବିଲମ୍ବେ ଦେଖାଯିବ ।

(ତା'ପରେ କଞ୍ଚୁକୀର ପ୍ରବେଶ)

କଞ୍ଚୁକୀ—ମହାରାଜ ! ମନ୍ତ୍ରୀ ଜଣାଇଛନ୍ତି, ମହାରାଜଙ୍କର ଆଦେଶ ପାଳନ କରାଯାଇଛି । ଆଉ, ଏ ହରଦତ୍ତ, ଗଣଦାସ ଦୁଇଜଣ ନାଟ୍ୟାଚାର୍ଯ୍ୟ ପରସ୍ପରକୁ ଜିଣିବା ପାଇଁ ଇଚ୍ଛା କରି ଆପଣଙ୍କୁ ଦେଖା କରିବା ଲାଗି ଆସୁଛନ୍ତି । ମନେ ହେଉଛି, ଏ ଦୁଇଜଣ ସତେ ଯେପରି ମୂର୍ତ୍ତିମନ୍ତ ନାଟ୍ୟକଳା ! ୧୦

ରାଜା—ଦୁହିଁଙ୍କୁ ପ୍ରବେଶ କରାଅ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ ଦୁଇ ନାଟ୍ୟାଚାର୍ଯ୍ୟଙ୍କ ସହ ପ୍ରବେଶ କରି) ଆସନ୍ତୁ, ଆପଣ ଦୁହେଁ ଏଣେ ଆସନ୍ତୁ ।

ଗଣଦାସ—(ରାଜାଙ୍କୁ ଦେଖି) ଅହୋ ! ରାଜାଙ୍କ ମହିମା କି ଦୁର୍ଦ୍ଧର୍ଷ !

ରାଜା ମୋର ଅପରିଚିତ ନୁହନ୍ତି, ଦେଖିବାକୁ ମଧ୍ୟ ଏ ସୌମ୍ୟ-ରୂପ, ତଥାପି ଏହାଙ୍କ ନିକଟକୁ ଯିବାକୁ ଭୟ ଲାଗୁଛି । ଏ ମୋର ଦୃଷ୍ଟିକୁ ମହାସମୁଦ୍ର ପରି ପ୍ରତିକ୍ଷଣ ନୂତନ ଜଣାପଡୁଛନ୍ତି । ୧୧

ହରଦତ୍ତ—ଏ ହେଉଛନ୍ତି ମନୁଷ୍ୟରୂପୀ ମହାନ୍ ତେଜ ପୁଞ୍ଜ । କାରଣ—

ଦ୍ୱାରପାଳ ମୋତେ ଏଠାରେ ପ୍ରବେଶ କରିବାକୁ ଅନୁମତି ଦେଇଛନ୍ତି, ସିଂହାସନର ଅତି ନିକଟରେ ଚଳପ୍ରଚଳ ହେଉଥିବା ବ୍ୟକ୍ତି (କଞ୍ଚୁକୀ) ମୋ ସଙ୍ଗରେ ଯାଉଛନ୍ତି । ତଥାପି ମୋର ଆଖି ଝଲସାଇ-ଦେଉଥିବା ଏହି ତେଜପୁଞ୍ଜ ବିନା ବାକ୍ୟ ପ୍ରୟୋଗରେ ମୋତେ ଯେପରି ନିବାରଣ କରୁଛି । ୧୨

କଞ୍ଚୁକୀ—ମହାରାଜ ଏଇଠି ଅଛନ୍ତି, ଆପଣ ଦୁହେଁ ମହାରାଜାଙ୍କ ପାଖକୁ ଯାଆନ୍ତୁ ।

ଉଭୟେ—(ନିକଟକୁ ଯାଇ) ମହାରାଜାଙ୍କର ଜୟ ହେଉ ।

ରାଜା—ଆପଣ ଦୁହିଁଙ୍କୁ ସ୍ୱାଗତ । (ପରିଜନଙ୍କ ଆଡ଼କୁ ଚାହିଁ) ଏମାନଙ୍କ ପାଇଁ ଆସନ ଆଣ ।

(ପରିଜନ ଆସନ ଆଣି ଦେଲେ, ଉଭୟେ ବସିଲେ)

ରାଜା—ବର୍ତ୍ତମାନ ତ ଆପଣମାନଙ୍କର ଶିଷ୍ୟଙ୍କୁ ଶିକ୍ଷା ଦେବାର ସମୟ, ଏଣେ ଆସିବାର କାରଣ କଅଣ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गण॰—देव ! श्रूयताम् । मया सुतीर्थादभिनयविद्या सुशिक्षिता । दत्तप्रयोगश्चास्मि । देवेन देव्या च परिगृहीतः ।

राजा—बाढं जाने । ततः किम् ।

गण॰—सोऽहममुना हरदत्तेन प्रधानपुरुषसमक्षमयं मे न पादरजसापि तुल्य इत्यधिक्षिप्तः ।

हर॰—देव ! अयमेव प्रथमं परिवादकरः । अत्रभवतः किल मम च समुद्रपल्वलयोरिवान्तरमिति । तदत्रभवानिमं मां च शास्त्रे प्रयोगे च विमृशतु । देव एव नौ विशेषज्ञः प्राश्निकः ।

विदू॰—समत्थं पइण्णादं । (समर्थं प्रतिज्ञातम् ।)

गण॰—प्रथमः कल्पः । अवहितो देवः श्रोतुमर्हति ।

राजा— तिष्ठ तावत् । पक्षपातमत्र देवी मन्यते । तदस्याः पण्डित-कौशिकीसहितायाः समक्षमेव न्याय्यो व्यवहारः ।

विदू॰—सुट्ठु भवं भणादि । [सुष्ठु भवान्भणति ।)

आचार्यौ—यद् देवाय रोचते ।

राजा—मौद्गल्य, अमुं प्रस्तावं निवेद्य पण्डितकौशिक्या सार्धमाहूयतां देवी ।

कञ्चुकी—यदाज्ञापयति देवः । (इति निष्क्रम्य सपरिव्राजिकया देव्या सह प्रविष्टः ।) इत इतो भवती ।

धारिणी—(परिव्राजिकां विलोक्य ।) भअवदि ! हरदत्तस्स गणदासस्स अ संरम्भं कहं पेक्खसि । (भगवति ! हरदत्तस्य गणदासस्य च संरम्भं कथं पश्यसि ।)

परि॰—अलं स्वपक्षावसादशङ्कया । न परिहीयते प्रतिवादिनो गणदासः ।

धारिणी—जइ वि एवं तह वि राअपरिग्गहो पहाणत्तणं उवहरदि । (यद्यप्येवं तथापि राजपरिग्रहः प्रधानत्वमुपहरति ।)

परि॰—अयि, राज्ञीशब्दभाजनमात्मानमपि चिन्तयतु भवती । पश्य—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଣଦାସ—ମହାରାଜ ! ଶୁଣନ୍ତୁ । ମୁଁ ପ୍ରସିଦ୍ଧ ଗୁରୁଙ୍କ ଠାରୁ ଅଭିନୟବିଦ୍ୟା ଶିକ୍ଷା କରିଛି ଏବଂ ଶିଷ୍ୟମାନଙ୍କୁ ଶିକ୍ଷା ଦେଇ ଆସୁଛି । ମହାରାଜ ଓ ମହାରାଣୀ ମଧ୍ୟ ମୋ ପ୍ରତି ଅନୁଗ୍ରହ ଦେଖାଇ ଆସିଛନ୍ତି ।

ରାଜା—ହଁ, ମୁଁ ଜାଣେ । କଅଣ ହେଲା ?

ଗଣଦାସ—ହରଦତ୍ତ ମୋତେ ମୁଖ୍ୟ ଅଧିକାରୀମାନଙ୍କ ସମକ୍ଷରେ ଧିକ୍କାର କଲେ ଯେ ମୁଁ ତାଙ୍କ ପାଦଧୂଳିକୁ ମଧ୍ୟ ସମାନ ନୁହେଁ ।

ହରଦତ୍ତ—ମହାରାଜ, ଏ ପ୍ରଥମେ ମୋ ନାମରେ ନିନ୍ଦା ରଚନା କଲେ । ସେ କହିଲେ ଯେ ସମୁଦ୍ର ଓ ପୁଷ୍କରିଣୀ ମଧ୍ୟରେ ଯେଉଁ ପ୍ରଭେଦ, ତାଙ୍କ ଓ ମୋ ମଧ୍ୟରେ ସେଇଭଳି ପ୍ରଭେଦ । ତେଣୁ ଆପଣ ତାଙ୍କୁ ଓ ମୋତେ ଶାସ୍ତ୍ରଜ୍ଞାନ ଓ ବାସ୍ତବ ପ୍ରୟୋଗ ଦୃଷ୍ଟିରୁ ପରୀକ୍ଷା କରି ବିଚାର କରନ୍ତୁ । ମହାରାଜ ହିଁ ଆମ ଦୁହିଁଙ୍କର ପରୀକ୍ଷାରେ ବିଶେଷଜ୍ଞ ପ୍ରଶ୍ନକର୍ତ୍ତା ହେବେ ।

ବିଦୂଷକ—ଉଚିତ କଥା କହିଲ ।

ଗଣଦାସ—ଉଚିତ କଥା । ମହାରାଜ ମନ ଦେଇ ଶୁଣିବା ହୁଅନ୍ତୁ ।

ରାଜା—ଟିକିଏ ରୁହ । ମୁଁ ପରୀକ୍ଷକ ହେଲେ ମହାରାଣୀଙ୍କୁ ଏହା ପକ୍ଷପାତିତା ବୋଧ ହେବ । ତେଣୁ ପଣ୍ଡିତ କୌଶିକୀଙ୍କ ସମକ୍ଷରେ ନିର୍ଣ୍ଣୟ କରାଗଲେ ଉଚିତ ହେବ ।

ବିଦୂଷକ—ଆପଣ ଭଲ କଥା କହିଲେ ।

ଦୁଇ ଆଚାର୍ଯ୍ୟ—ମହାରାଜଙ୍କୁ ଯାହା ଭଲ ବୋଧ ହେଉଛି ।

ରାଜା—ମୌଦ୍‌ଗଲ୍ୟ, ଏହି ପ୍ରସ୍ତାବର ସୂଚନା ଦେଇ ପଣ୍ଡିତ କୌଶିକୀଙ୍କ ସହିତ ମହାରାଣୀଙ୍କୁ ଡାକିଆଣ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ ପରିବ୍ରାଜିକା ପଣ୍ଡିତ-କୌଶିକୀ ଏବଂ ମହାରାଣୀଙ୍କ ସହ ପ୍ରବେଶ କରି) ମହାରାଣୀ, ଏଣେ ଆସନ୍ତୁ ।

ଧାରିଣୀ—(ପରିବ୍ରାଜିକାଙ୍କ ଆଡ଼କୁ ଚାହିଁ) ଭଗବତୀ ! ହରଦତ୍ତ ଏବଂ ଗଣଦାସଙ୍କ ମଧ୍ୟରେ ଚାଲିଥିବା ଝଗଡ଼ାରେ ତୁମେ କ'ଣ ଦେଖୁଛ ?

ପରିବ୍ରାଜିକା—ନିଜ ପକ୍ଷର ପରାଜୟ ଆଶଙ୍କା କରି ଆପଣ ବିଷଣ୍ଣ ହୁଅନ୍ତୁ ନାହିଁ । ଗଣଦାସ ତାଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ହୀନ ନୁହନ୍ତି ।

ଧାରିଣୀ—ତାହା ଠିକ୍ କଥା । ତଥାପି ରାଜ-ଅନୁଗ୍ରହ ପ୍ରାଧାନ୍ୟ ପ୍ରଦାନ କରେ । ହରଦତ୍ତଙ୍କ ପ୍ରତି ରାଜାଙ୍କର ଅନୁଗ୍ରହ ଅଛି । ତେଣୁ ହରଦତ୍ତ ପ୍ରଧାନ ବିବେଚିତ ହୋଇପାରନ୍ତି ।)

ପରିବ୍ରାଜିକା—ଆଗୋ ! ଆପଣ ମଧ୍ୟ ନିଜକୁ ରାଣୀ ବୋଲି ମନେ ରଖନ୍ତୁ, ଦେଖନ୍ତୁ—

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

अतिमात्रभासुरत्वं पुष्यति भानोः परिग्रहादनलः ।
अधिगच्छति महिमानं चन्द्रोऽपि निशापरिगृहीतः ॥ १३

विदू०—अइ, उअट्ठिदा देवी पीठमद्दिअं पण्डिअकोसिइं पुरोकरिअ तत्तभोदी धारिणी । (अयि, उपस्थिता देवी पीठमर्दिकां पण्डितकौशिकीं पुरस्कृत्य तत्रभवती धारिणी ।)

राजा—पश्याम्येनाम् ! यैषा—

मङ्गलालंकृता भाति कौशिक्या यतिवेषया ।
त्रयी विग्रहवत्येव सममध्यात्मविद्यया ॥ १४

परि०—(उपेत्य) विजयतां देवः ।

राजा—भगवति ! अभिवादये ।

परि०— महासारप्रसवयोः सदृशक्षमयोर्द्वयोः ।
धारिणीभूतधारिण्योर्भव भर्ता शरच्छतम् ॥ १५

धारिणी—जेदु जेदु अज्जउत्तो । (जयतु जयत्वार्यपुत्रः ।)

राजा—स्वागतं देव्यै । (परिव्राजिकां विलोक्य ।) भगवति ! क्रियतामासनपरिग्रहः ।

(सर्वे उपविशन्ति)

राजा—भगवति ! अत्रभवतोर्हरदत्तगणदासयोः परस्परं विज्ञानसंघर्षिणोर्भगवत्या प्राश्निकपदमध्यासितव्यम् ।

परि०—(सस्मितम् ।) अलमुपालम्भेन । पत्तने सति ग्रामे रत्नपरीक्षा ।

राजा—नैतदेवम् । पण्डितकौशिकी खलु भगवती ! पक्षपातिनावहं देवी च ।

आचार्यौ—सम्यगाह देवः । मध्यस्था भगवती नौ गुणदोषतः परिच्छेत्तुमर्हति ।

राजा—तेन हि प्रस्तूयतां विवादः ।

परि०—देव ! प्रयोगप्रधानं हि नाट्यशास्त्रम् । किमत्र वाग्व्यवहारेण । कथं वा देवी मन्यते ।

देवी—जइ मं पुच्छसि, तदा एदाणं विवादो एव्व ण मे रोअदि । (यदि मां पृच्छसि, तदेतयोर्विवाद एव न मे रोचते ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଅଗ୍ନି ରାଶିରେ ସୂର୍ଯ୍ୟଙ୍କ ସହିତ ମିଳିତ ହୋଇ ଅତିମାତ୍ରାରେ ତେଜୋମୟ ହୁଏ । ଚନ୍ଦ୍ର ମଧ୍ୟ ରାଶି ସହିତ ମିଳିତ ହୋଇ ଅଧିକ ଶୋଭା ଧାରଣ କରେ । ୧୩

ବିଦୂ—ଆହେ ! ମହାରାଣୀ ଉପସ୍ଥିତ ! ତାଙ୍କ ଆଗରେ ଅଛନ୍ତି ପାର୍ଶ୍ୱବର୍ତ୍ତିନୀ ସାହାଯ୍ୟକାରିଣୀ ପଣ୍ଡିତକୌଶିକୀ !

ରାଜା—ହଁ, ମହାରାଣୀ ମୋତେ ଦେଖାଯାଉଛନ୍ତି, ଯେ କି ମଙ୍ଗଳଭୂଷଣ ପରିଧାନ କରି ଯତିବେଶଧାରିଣୀ ପଣ୍ଡିତକୌଶିକୀଙ୍କ ସହିତ ଶୋଭା ପାଉଛନ୍ତି । ମନେହେଉଛି, ଯତେ ଯେପରି ଅଧ୍ୟାତ୍ମ ବିଦ୍ୟା ସହିତ ବେଦତ୍ରୟୀ ମୂର୍ତ୍ତି ଧାରଣ କରିଛନ୍ତି ! ୧୪

ପରିବ୍ରାଜିକା—(ନିକଟକୁ ଆସି) ମହାରାଜଙ୍କର ଜୟହେଉ ।

6945

ରାଜା—ଭଗବତି ! ନମସ୍କାର ।

ପରିବ୍ରାଜିକା—ମହାରାଜ, ମହାରାଣୀ ଧାରିଣୀ ଯେପରି ମହାସାର-ପ୍ରସବିନୀ (ମହାନ୍ ପୁତ୍ରର ଜନନୀ), ସେହିପରି ସକଳ ଜୀବଧାରିଣୀ ପୃଥିବୀ ମହାସାର-ପ୍ରସବିନୀ (ଉତ୍କୃଷ୍ଟ ରତ୍ନପ୍ରସୂ) । ତେଣୁ ଏ ଦୁହେଁ ପରସ୍ପରର ସମକକ୍ଷା । ଆପଣ ଶହେ ବର୍ଷ ପର୍ଯ୍ୟନ୍ତ ଏ ଦୁହିଁଙ୍କର ସ୍ୱାମୀ ହୋଇ ରହନ୍ତୁ । ୧୫

ଧାରିଣୀ—ଆର୍ଯ୍ୟପୁତ୍ରଙ୍କର ଜୟ ହେଉ ।

ରାଜା—ମହାରାଣୀଙ୍କୁ ସ୍ୱାଗତ । (ପରିବ୍ରାଜିକାଙ୍କ ଆଡ଼କୁ ଚାହିଁ) ଭଗବତି ! ଆସନ ଗ୍ରହଣ କରନ୍ତୁ । (ସମସ୍ତେ ବସିଲେ)

ପୁସ୍ତକାଳୟ ... कांगड़ी विश्वविद्यालय

ରାଜା—ଭଗବତି ! ଦୁଇ ନାଟ୍ୟାଚାର୍ଯ୍ୟ ହରଦତ୍ତ ଓ ଗଣଦାସଙ୍କ ମଧ୍ୟରେ ପରସ୍ପରର ଜ୍ଞାନ ନେଇ ବିବାଦ ଦେଖାଦେଇଛି । ଏଥିରେ ଆପଣ ପରୀକ୍ଷକର କାର୍ଯ୍ୟ କରିବେ ।

ପରିବ୍ରାଜିକା—(ମୃଦୁ ହସି) ମୋତେ ବୃଥାରେ କାହିଁକି ନିନ୍ଦିତ କରୁଛନ୍ତି ? ସହର ଥାଉଁ ଥାଉଁ ଗାଆଁରେ ରତ୍ନପରୀକ୍ଷା !

ରାଜା—ନା, ନା, ସେପରି ନୁହେଁ । ଆପଣ ହେଉଛନ୍ତି ପଣ୍ଡିତ କୌଶିକୀ (ବିଦୁଷୀ) । ମୋତେ ଓ ମହାରାଣୀଙ୍କୁ ପକ୍ଷପାତୀ କୁହାଯାଇପାରେ ।

ଦୁଇଆଚାର୍ଯ୍ୟ—ମହାରାଜ ଠିକ୍ କହୁଛନ୍ତି । ଭଗବତି ! ଆପଣ ମଧ୍ୟସ୍ଥ ହୋଇ ଆମ ଦୁହିଁଙ୍କର ଗୁଣ ଦୋଷ ପରୀକ୍ଷା କରନ୍ତୁ ।

ରାଜା—ତା ହେଲେ ଆପଣ ଦୁହେଁ ବିବାଦ ଆରମ୍ଭ କରନ୍ତୁ ।

ପରିବ୍ରାଜିକା—ମହାରାଜ, ନାଟ୍ୟ ଶାସ୍ତ୍ର ଅଭିନୟପ୍ରଧାନ । ଏଥିରେ କଥୋପକଥନ ବା ଯୁକ୍ତିତର୍କର ଆବଶ୍ୟକତା କ'ଣ ? ମହାରାଣୀ କ'ଣ ମନେକରୁଛନ୍ତି ?

ରାଣୀ—ଯଦି ମୋତେ ପଚାରୁଛ, ତା' ହେଲେ ମୁଁ କହିବି, ଏ ଦୁହିଁଙ୍କର ବିବାଦ ମୋତେ ଆଦୌ ଭଲ ଲାଗୁନାହିଁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गण०—देवि ! न मां समानविद्यया परिभवनीयमवगन्तुमर्हसि ।

विदू०—भोदि, पेक्खामो उअरंभरिसंवादं । किं मुहा वेअणदाणेण एदेण । (भवति ! पश्याम उदरंभरिसंवादम् । किं मुधा वेतनदानेनैतेषाम् ।)

देवी—णं कलहप्पिओसि । (ननु कलहप्रियोऽसि ।)

विदू०—मा एव चण्डि, अण्णोण्णकलहप्पिआणं मत्तहत्थीणं एक्कदरस्सिं अणिज्जिदे कुदो उवसमो । (मैवं चण्डि, अन्योन्यकलहप्रिययोर्मत्तहस्तिनोरेकतरस्मिन्ननिर्जिते कुत उपशमः ।)

राजा—ननु स्वाङ्गसौष्ठवातिशयमुभयोर्दृष्टवती भगवती ?

परि०—अथ किम् ।

राजा—तदिदानीमतः परं किमाभ्यां प्रत्याययितव्यम ?

परि०—तदेव वक्तुकामास्मि ।

शिल्ष्टा क्रिया कस्यचिदात्मसंस्था
संक्रान्तिरन्यस्य विशेषयुक्ता ।
यस्योभयं साधु स शिक्षकाणां
धुरि प्रतिष्ठापयितव्य एव च ॥ १६

विदू—सुदं अज्जेहिं भअवदीए वअणं । एसो पिण्डितत्थो उवदेसदंसणादो णिण्णओ त्ति । (श्रुतमार्याभ्यां भगवत्या वचनम् । एष पिण्डितार्थ उपदेशदर्शनान्निर्णय इति ।)

हर०—परमभिमतं नः ।

गण०—देवि ! एवं स्थितम् ।

देवी—जदा उण मन्दमेधा सिस्सा उवदेसं मलिणेन्ति, तदा आअरिअस्स ण दोसो । (यदा पुनर्मन्दमेधसः शिष्या उपदेशं मलिनयन्ति, तदाचार्यस्य न दोषः ।)

राजा—देवि ! एवमापठ्यते । विनेतुरद्रव्यपरिग्रहोऽपि बुद्धिलाघवं प्रकाशयतीति ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଣଦାସ—ମହାରାଣୀ, ନାଟ୍ୟବିଦ୍ୟାରେ ହରଦତ୍ତ ଓ ମୁଁ ସମାନ, ଏପରି ମନେ କରନ୍ତୁ ନାହିଁ କି ମୁଁ ପରାଜୟ ପାଇଯିବି ବୋଲି ଆଶଙ୍କା ପୋଷଣ କରନ୍ତୁ ନାହିଁ ।

ବିଦୂ—ମହାରାଣୀ, ଏ ପେଟ୍ଟୁ ଦୁହିଁଙ୍କର ବିବାଦ ଦେଖାଯାଉ । ଏ ଦୁହିଁଙ୍କୁ ଖାଲି ବୃଥାରେ ବେତନ ଦିଆଯିବ କାହିଁକି ?

ରାଣୀ—ଆହେ ! ତୁମେ ବଡ଼ କଳହ ପ୍ରିୟ ।

ବିଦୂ—ଗୋ କୋପନା, ଏପରି କହନ୍ତୁ ନାହିଁ । ପରସ୍ପର ସଙ୍ଘର୍ଷ କରୁଥିବା ଦୁଇଟା ମତ୍ତହସ୍ତୀଙ୍କ ମଧ୍ୟରୁ ଗୋଟାଏ ପରାସ୍ତ ନ ହେବା ପର୍ଯ୍ୟନ୍ତ କଅଣ ସଂଘର୍ଷର ଉପଶମ ଅଛି ?

ରାଜା—ମହାରାଣୀ ତ ଏ ଉଭୟଙ୍କର ଅଙ୍ଗସ୍ଥଳନାଦି ନାଟ୍ୟକଳାର ଉତ୍କର୍ଷ ଦେଖିଛନ୍ତି ।

ପରିବ୍ରାଜିକା—ଆଉ କଅଣ ? (ହଁ, ଦେଖିଛନ୍ତି)

ରାଜା—ତା ହେଲେ ଏ ଦୁହିଁଙ୍କୁ ଆଉ କି ପରୀକ୍ଷା ଦେବାକୁ ପଡ଼ିବ ?

ପରିବ୍ରାଜିକା—ମୁଁ କହିବାକୁ ଚାହେଁ କି —

କୌଣସି ଶିକ୍ଷକ ନିଜେ ବହୁତ ଜ୍ଞାନର ଅଧିକାରୀ (କିନ୍ତୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାରେ ପ୍ରବୀଣ ନୁହନ୍ତି) , ଆଉ କୌଣସି ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାରେ ପ୍ରବୀଣ (କିନ୍ତୁ ନିଜେ ବିଶେଷ ଜ୍ଞାନର ଅଧିକାରୀ ନୁହନ୍ତି) । ଯେ ଉଭୟରେ ପ୍ରବୀଣ, ସେ ହିଁ ଶିକ୍ଷକମାନଙ୍କ ମଧ୍ୟରେ ଉତ୍ତମ ବୋଲି ଗଣ୍ୟ ହୁଅନ୍ତି । ୧୬

ବିଦୂ—ମହାରାଜ ଓ ମହାରାଣୀ ମାନନୀୟାଙ୍କ (ପଣ୍ଡିତକୌଶିକୀଙ୍କ) କଥା ଶୁଣିଲେ । ତାଙ୍କ କଥାର ସାରାଂଶ ହେଲା, ଉଭୟ ଆଚାର୍ଯ୍ୟ ଯେଉଁମାନଙ୍କୁ ଶିକ୍ଷା ଦେଇଛନ୍ତି, ସେମାନଙ୍କର ଅଭିନୟ ଦେଖି ପରୀକ୍ଷା କରାଯାଉ ।

ହରଦତ୍ତ—ମୁଁ ଏଥିରେ ରାଜି ।

ଗଣଦାସ—ମହାରାଣୀ, ମୁଁ ମଧ୍ୟ ରାଜି । ଏହା ହେଉ ।

ରାଣୀ—ଅଧମ ଶିଷ୍ୟ ଯଦି ଗୁରୁଙ୍କ ଶିକ୍ଷାକୁ ମଳିନ କରନ୍ତି, ତେବେ ସେଥିରେ ଗୁରୁଙ୍କର ଦୋଷ କଅଣ ?

ରାଜା—ସେଇଥିପାଇଁ ତ କୁହାଯାଏ, ଶିକ୍ଷା ଦେବାପାଇଁ ଅଧମ ଶିଷ୍ୟକୁ ବାଛିବା ଗୁରୁଙ୍କର ହିଁ ବୁଦ୍ଧିହୀନତାର ପରିଚାୟକ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

देवी—(जनान्तिकम् ।) कहं दाणिं (गणदासं विलोक्य, प्रकाशम् ।) अलं अज्जउत्तस्स उस्साहकारणं मणोरहं पूरिअ । विरमणिरत्थआदो आरम्भादो । (कथमिदानीम् । अलमार्यपुत्रस्योत्साहकारणं मनोरथं पूरयित्वा । विरम निरर्थकादारम्भात् ।

विदू०—सुट्ठु भोदी भणादि । भो गणदास ! संगीदपदं लम्भिअ सरस्सईए उवाअणमोदआणं खादमाणस्स किं दे मुहणिग्गहेण विवादेण । (सुष्ठु भवती भणति । भो गणदास ! संगीतपदं लब्ध्वा सरस्वत्युपायनमोदकान् खादतः किं ते मुखनिग्रहेण विवादेन ।)

गण०—सत्यमयमेवार्थो देवीवाक्यस्य । श्रूयतामवसरप्राप्तमिदानीम्—

लब्धास्पदोऽस्मीति विवादभीरो-
स्तितिक्षमाणस्य परेण निन्दाम् ।
यस्यागमः केवलजीविकायै
तं ज्ञानपण्यं वणिजं वदन्ति ॥ १७

देवी—अइरोवणीदाए सिस्साए अपरिणिट्ठिदस्स उवदेसस्स उण अण्णाय्यं पआसणं । (अचिरोपनीतायां शिष्यायामपरिनिष्ठितस्योपदेशस्य पुनरन्याय्यं प्रकाशनम् ।)

गण०—अत एव मे निर्बन्धः ।

देवी—तेण हि दुवे वि भअवदीए उवदेसं दंसेध । (तेन हि द्वावपि भगवत्यै उपदेशं दर्शयतम् ।)

परि०—देवि ! नैतन्न्याय्यम् । सर्वज्ञस्याप्येकाकिनो निर्णयाभ्युपगमो दोषाय ।

देवी—(जनान्तिकम् ।) मूढे परिव्वाजिए ! मं जाग्गंतिं वि सुत्तं विअ करेसि । (इति सासूयं परावर्तते ।) [मूढे परिव्राजिके, मां जाग्रतीमपि सुप्तामिव करोषि ।]

(राजा देवीं परिव्राजिकायै दर्शयति ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଣୀ—(ଚୁପ୍ ଚୁପ୍) ବର୍ତ୍ତମାନ କ'ଣ କରବାକୁ ହେବ ! (ଗଣଦାସଙ୍କୁ ଚାହିଁ ପ୍ରକାଶ୍ୟରେ) ରାଜାଙ୍କର ଉତ୍ସାହଜନକ ଇଚ୍ଛା ପୂର୍ଣ୍ଣ କରବାରେ କି ଆବଶ୍ୟକତା ଅଛି ? ଆପଣ ଏହି ନିରର୍ଥକ ବିବାଦରୁ କ୍ଷାନ୍ତହୁଅନ୍ତୁ ।

ବିଦୂ—ମହାରାଣୀ ଠିକ୍ କଥା କହିଲେ । ହେ ଗଣଦାସ ! ତୁମେ ସଙ୍ଗୀତରେ ପ୍ରତିଷ୍ଠା ଲାଭ କରି ସରସ୍ୱତୀଙ୍କ କୃପାରୁ ଉପହାରରୂପେ ପ୍ରାପ୍ତ ମୋଦକ ଖାଉଛ । ଯେଉଁ ବିବାଦ ତୁମର ମୁଖ ବନ୍ଦ କରିଦେବ, ସେଭଳି ବିବାଦରେ କି ଲାଭ ପାଇବ ?

ଗଣଦାସ—ମହାରାଣୀଙ୍କ କଥାର କଅଣ ଏହି ଅଭିପ୍ରାୟ ?
ତା' ହେଲେ ମୋଠାରୁ ଗୋଟିଏ ପ୍ରସଙ୍ଗୋଚିତ କଥା ଶୁଣନ୍ତୁ—

ଯେଉଁ ଲୋକ 'ମୁଁ ତ ପ୍ରତିଷ୍ଠା ଲାଭ କରିସାରିଛି' ଏହା ଭାବି ବିବାଦରେ ପଶିବାକୁ ଡ଼ରେ ଏବଂ ଅନ୍ୟଠାରୁ ନିଜର ନିନ୍ଦା ଶୁଣି ତାହା ସହିନିଏ ଏବଂ ନିଜର ଜ୍ଞାନକୁ ବିକି ଚଳେ, ତାକୁ ଜ୍ଞାନବିକାଳି ବେପାରି ବୋଲି କହନ୍ତି । ୧୭

ରାଣୀ—ଆପଣଙ୍କ ଶିଷ୍ୟା ଅଳ୍ପ ଦିନ ହେଲା ଶିକ୍ଷା ଲାଭ କରିଛି । ଆପଣଙ୍କ ଉପଦେଶ ତା'ଠାରେ ପରିପକ୍ୱ ହୋଇନାହିଁ । ଏଭଳି ଅବସ୍ଥାରେ ଅଭିନୟ ପ୍ରଦର୍ଶନ କରିବା ତା' ପକ୍ଷରେ ଠିକ୍ ହେବନାହିଁ ।

ଗଣଦାସ—ଏଇଥି ପାଇଁ ତ ମୋର ଆଗ୍ରହ ।

ରାଣୀ—ତା' ହେଲେ ଉଭୟେ ମାନନୀୟାଙ୍କୁ (ପଣ୍ଡିତକୌଶିକୀଙ୍କୁ) ସ୍ୱଶିକ୍ଷା ଦେଖାନ୍ତୁ ।

ପରିବ୍ରାଜିକା—ମହାରାଣୀ, ଏହା ଠିକ୍ ହେବନାହିଁ । କାରଣ, ଲୋକ ସର୍ବଜ୍ଞ ହେଲେ ମଧ୍ୟ ଯଦି ଏକାକୀ ନିଷ୍ପତ୍ତି କରେ, ତେବେ ସେଥିରେ ହୁଏ ତ ଦୋଷ ରହିଯାଇପାରେ ।

ରାଣୀ—(ଚୁପ୍ ଚୁପ୍) ମୂଢ଼ା ପରିବ୍ରାଜିକା ! ମୁଁ ଚେଇଁଥିଲେ ମଧ୍ୟ ତୁ ମୋତେ ଶୋଇପକାଇବାକୁ ଚାହୁଁଛୁ ?
(ରାଜା ରାଣୀଙ୍କ ଆଡ଼କୁ ପରିବ୍ରାଜିକାଙ୍କ ଦୃଷ୍ଟି ଆକର୍ଷଣ କଲେ) ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परि— अनिमित्तमिन्दुवदने किमत्र भवतः पराङ्मुखी भवसि ।
प्रभवन्त्योऽपि हि भर्तृषु कारणकोपाः कुटुम्बिन्यः ॥ १८

विदू०—णं सकारणं एव्व ! अत्तणो पक्खो रक्खिदव्वो । (गणदासं विलोक्य ।) दिट्ठिआ कोवव्वाजेण देवीए परित्तादो भवं । सुसिक्खिदो वि सव्वो उवदेसदंसणेण णिण्हादो होदि । (ननु सकारणमेव । आत्मनः पक्षो रक्षितव्यः । दिष्ट्या कोपव्याजेन देव्या परित्रातो भवान् । सुशिक्षितोऽपि सर्व उपदेशदर्शनेन निष्णातो भवति ।

गण०—देवि ! श्रूयताम् । एवं जनो गृह्णाति । तदिदानीम्—
विवादे दर्शयिष्यामि क्रियासंक्रान्तिमात्मनः ।
यदि मां नानुजानासि परित्यक्तोऽस्म्यहं त्वया ॥ १९
(इति आसनादुत्थातुमिच्छति ।)

देवी—(स्वगतम्) का गई । (प्रकाशम् ।) पहवदि आआरिओ सिस्सजणस्स । (का गतिः । प्रभवत्याचार्यः शिष्यजनस्य ।)

गण०—चिरमपदेशशङ्कितोऽस्मि । (राजानमवलोक्य ।) अनुज्ञातं देव्या । तदाज्ञापयतु देवः कस्मिन्नभिनयवस्तुनि प्रयोगं दर्शयिष्यामि ।

राजा—यदादिशति भगवती ।

परि०—किमपि देव्या मनसि वर्तते, ततः शङ्कितास्मि ।

देवी—भण वीसद्धं । पहवदि प्पहू अत्तणो परिअणस्स । (भण विस्रब्धम् । प्रभवति प्रभुरात्मनः परिजनस्य ।)

राजा—मम चेति ब्रूहि ।

देवी—भअवदि ! भणेदाणीम् । (भगवति ! भणेदानीम् ।)

परि०—देव ! शर्मिष्ठायाः कृतिं चतुष्पादोत्थं छलिकं दुष्प्रयोज्यमुदाहरन्ति । तत्रैकार्थसंश्रयमुभयोः प्रयोगं पश्यामः । तावता ज्ञायत एवात्रभवतोरुपदेशान्तरम् ।

आचार्यौ—यदाज्ञापयति भगवती ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିବ୍ରାଜିକା—ଗୋ ଚନ୍ଦ୍ରମୁଖୀ, ଏ ବିଷୟରେ ଆପଣ ବିନା କାରଣରେ ମହାରାଜାଙ୍କ ପ୍ରତି ବିମୁଖ ହେଉଛନ୍ତି କାହିଁକି ?

କୁଳସ୍ତ୍ରୀମାନେ ସ୍ୱାମୀମାନଙ୍କ ଉପରେ ଯେତେ ଆଧିପତ୍ୟ ରଖିଲେ ମଧ୍ୟ କୌଣସି କାରଣରୁ ହିଁ ସେମାନଙ୍କ ଉପରେ କୋପ କରନ୍ତି । (ବିନା କାରଣରେ ସ୍ୱାମୀଙ୍କ ଉପରେ କୋପ କରନ୍ତି ନାହିଁ ।) ୧୮

ବିଦୂ—କାରଣ ନିଶ୍ଚୟ ଅଛି । ନିଜର ପକ୍ଷକୁ ତ ରକ୍ଷା କରିବାକୁ ହେବ ! (ଗଣଦାସଙ୍କୁ ଚାହିଁ) ସୌଭାଗ୍ୟକୁ ମହାରାଣୀଙ୍କ କୋପ ଆଳରେ ତୁମେ ରକ୍ଷା ପାଇଗଲ । ଲୋକ ଯେତେ ସୁଶିକ୍ଷିତ ହେଲେ ମଧ୍ୟ ଶିକ୍ଷାପଟୁତା ଦେଖାଇଲେ ଯାଇ ପ୍ରବୀଣ ବୋଲି ବିବେଚିତ ହୁଏ ।

ଗଣଦାସ—ମହାରାଣୀ, ଶୁଣନ୍ତୁ । ଲୋକେ ଏହିପରି ଅର୍ଥ କରନ୍ତି । ତେଣୁ ବର୍ତ୍ତମାନ—

ମୁଁ ଏଇ ବିବାଦରେ ଦେଖାଇଦେବି ଅଭିନୟକଳା ଗ୍ରହଣ କରାଇବାରେ ମୋର ଶକ୍ତି କେତେ । ଯଦି ଆପଣ ମୋତେ ଏଥିନିମନ୍ତେ ଅନୁମତି ନଦେବେ, ତେବେ ମୁଁ ଭାବିବି ଯେ ଆପଣ ମୋତେ ପରିତ୍ୟାଗ କରିଛନ୍ତି । ୧୯

(ଏହା କହି ଆସନରୁ ଉଠିଲେ)

ରାଣୀ—(ସ୍ୱଗତ) ଆଉ ଉପାୟ କଅଣ ? (ପ୍ରକାଶ୍ୟରେ) ନିଜର ଶିଷ୍ୟଲୋକଙ୍କ ଉପରେ ଗୁରୁଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି ।

ଗଣଦାସ—ମୋତେ ଆଶଙ୍କା ଲାଗୁଥିଲା ଯେ କାଳେ ମୋତେ ମନା କରିଦେବେ । (ରାଜାଙ୍କ ଆଡ଼କୁ ଚାହିଁ) ମହାରାଣୀ ଅନୁମତି ଦେଇଦେଲେ । ତେଣୁ ମହାରାଜ ବର୍ତ୍ତମାନ ଆଜ୍ଞା ଦିଅନ୍ତୁ, କେଉଁ ନାଟ୍ୟବିଷୟରେ ବାସ୍ତବ ଶିକ୍ଷାଦାନଦକ୍ଷତା ଦେଖାଇବି ?

ରାଜା—ଆଦରଣୀୟା (ପଣ୍ଡିତ କୌଶିକୀ) ଯାହା ଆଦେଶ ଦେବେ ।

ପରିବ୍ରାଜିକା—ମହାରାଣୀ ମନରେ କଅଣ ଭାବୁଛନ୍ତି, ତେଣୁ ମୋତେ ଶଙ୍କା ଲାଗୁଛି ।

ରାଣୀ—ନିର୍ଭୟରେ କୁହ । ରାଜାଙ୍କର ନିଜ ପରିଜନଙ୍କ ଉପରେ ଅଧିକାର ଅଛି ।

ରାଜା—କୁହ ମୋ ଉପରେ ମଧ୍ୟ ଅଧିକାର ଅଛି !

ରାଣୀ— ଆଦରଣୀୟା, ବର୍ତ୍ତମାନ କୁହ ।

ପରିବ୍ରାଜିକା—ମହାରାଜ, ଶର୍ମିଷ୍ଠାଙ୍କ ପ୍ରବର୍ତ୍ତିତ ଚତୁଷ୍ପାଦୋଦ୍ଭୂତ (ଚତୁଷ୍ପଦୀ ଗୀତର ମୂଳ)ଛଳିକ ନାମକ ନୃତ୍ୟ ପ୍ରଦର୍ଶନ କରିବା ଅତ୍ୟନ୍ତ କଠିନ ବୋଲି କହନ୍ତି । ସେଥିରୁ କୌଣସି ଗୋଟିଏ ବିଷୟକୁ ନେଇ ଆମେ ଉଭୟଙ୍କର ପ୍ରୟୋଗ ଦେଖିବା । ସେଥିରୁ ଉଭୟ ଆଚାର୍ଯ୍ୟଙ୍କର ଶିକ୍ଷାଦାନଗତ ତାରତମ୍ୟ ଜାଣିପାରିବା ।

ଉଭୟ ଆଚାର୍ଯ୍ୟ--ଆଦରଣୀୟାଙ୍କର ଯାହା ଆଜ୍ଞା ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—तेण हि दुवे वि वग्गा पेक्खाघरे संगीदरअणं करिअ तत्तभवदो दूदं पेसअह । अहवा मुदङ्गसद्दो एव्व णो उत्थाव्वइस्सदि । (तेन हि द्वावपि वर्गौ प्रेक्षागृहे संगीतरचनां कृत्वा तत्रभवतो दूतं प्रेषयतम् । अथवा मृदङ्गशब्द एव न उत्थापयिष्यति ।)

हर०—तथा । (इत्युत्तिष्ठति ।)

(गणदासो धारिणीमवलोकयति ।)

देवी—(गणदासं विलोक्य ।) विअई भोदु अज्जो । णं विजअब्भत्थिणी अहं अज्जस्स । (विजयी भवत्वार्यः । ननु विजयाभ्यर्थिनी अहमार्यस्य ।)

(आचार्यौ प्रस्थितौ ।)

परि०—इतस्तावत् ।

आचार्यौ—(परिवृत्य ।) इमौ स्वः ।

परि०—निर्णयाधिकारे ब्रवीमि । सर्वाङ्गसौष्ठवाभिव्यक्तये विगतनेपथ्ययोः पात्रयोः प्रवेशोऽस्तु ।

आचार्यौ—नेदमावयोरुपदेश्यम् । (इति निष्क्रान्तौ ।)

देवी—(राजानमवलोक्य ।) जइ राअकज्जेसु ईरिसो उवाअणिउणदा अज्जउत्तस्स, तदो सोहणं भवे । यदि राजकार्येष्वीदृश्युपाय-निपुणतार्यपुत्रस्य, ततः शोभनं भवेत् ।)

राजा—अलमन्यथा गृहीत्वा । न खलु मनस्विनि ! मया प्रयुक्तमिदम् ।

प्रायः समानविद्याः परस्परयशःपुरोभागाः ॥ २०

(नेपथ्ये मृदङ्गध्वनिः । सर्वे कर्णं ददति ।)

परि—हन्त । प्रवृत्तं संगीतम् । तथा ह्येषा—

जीमूतस्तनितविशङ्किभिर्मयूरैरुद्ग्रीवैरनुरसितस्य पुष्करस्य ।
निर्ह्रादिन्युपहितमध्यमस्वरोत्था मायूरी मदयति मार्जना मनांसि ॥

राजा—देवि ! तस्याः सामाजिका भवामः ।

देवी—(स्वगतम् ।) अहो अविणओ अज्जउत्तस्स । (अहो अविनय आर्यपुत्रस्य ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—-ତା ହେଲେ ଦୁଇ ପକ୍ଷ ପ୍ରେକ୍ଷାଳୟରେ ସଙ୍ଗୀତକ (ଗୀତବାଦ୍ୟ) ଆରମ୍ଭ କରି ମହାରାଜଙ୍କ ନିକଟକୁ ଦୂତ ପଠାନ୍ତୁ । ଅଥବା ମୃଦଙ୍ଗଶବ୍ଦ ହିଁ ଆମମାନଙ୍କୁ ଘେନିଯିବ ।

ହରଦତ୍ତ—ତାହା ହେଉ । (ଉଠିଲେ)

(ଗଣଦାସ ଧାରିଣୀଙ୍କ ଆଡ଼କୁ ଗ୍ୱହିଁଲେ)

ରାଣୀ—(ଗଣଦାସଙ୍କ ଆଡ଼କୁ ଗ୍ୱହିଁ) ଆର୍ଯ୍ୟ ବିଜୟୀ ହୁଅନ୍ତୁ । ମୁଁ ଆର୍ଯ୍ୟଙ୍କର ବିଜୟ କାମନା କରୁଛି ।

(ଉଭୟ ଗୁରୁ ପ୍ରସ୍ଥାନ କଲେ)

ପରିବ୍ରାଜିକା—ଟିକିଏ ଏଣିକି ଆସନ୍ତୁ ।

ଉଭୟେ—(ଫେରିପଡ଼ି) ଏଇ ଆସିଲୁଁ ।

ପରିବ୍ରାଜିକା—ପରୀକ୍ଷକର ଅଧିକାରରେ ମୁଁ କହୁଛି । ଆପଣଦୁହିଁଙ୍କର ଯେଉଁ ଅଭିନୟକାରିଣୀ ଦୁଇଜଣ ଆସିବେ, ସେମାନେ ବିନା ବେଶପୋଷାକରେ ଆସିବେ । ଏହା ଦ୍ୱାରା ସେମାନଙ୍କର ସର୍ବାଙ୍ଗରୁ ଅଭିନୟ ସୌଷ୍ଠବ ଲକ୍ଷ୍ୟ କରିହେବ ।

ଉଭୟ ଆଚାର୍ଯ୍ୟ—ଏବିଷୟରେ ଆମକୁ କହିବା ଅନାବଶ୍ୟକ ।

(ପ୍ରସ୍ଥାନ କଲେ)

ରାଣୀ—(ରାଜାଙ୍କ ଆଡ଼କୁ ଚାହିଁ) ଆର୍ଯ୍ୟପୁତ୍ରଙ୍କର ଯଦି ରାଜକାର୍ଯ୍ୟରେ ଏଭଳି ନିପୁଣତା ପ୍ରକାଶ ପାଆନ୍ତା ,ତେବେ ଭଲ ହୁଅନ୍ତା ।

ରାଜା—ଗୋ ମନସ୍ୱିନି, ତୁମେ ମୋତେ ଅନ୍ୟଥା ବୁଝ ନାହିଁ । ମୋ ଦ୍ୱାରା ଏଭଳି ଆୟୋଜନ ପ୍ରସ୍ତୁତ କରାଯାଇନାହିଁ । ସାଧାରଣତଃ, ସମାନବିଦ୍ୟାସମ୍ପନ୍ନ ଲୋକ ପରସ୍ପରର ଖ୍ୟାତିରେ ଦୋଷଦର୍ଶୀ ହୁଅନ୍ତି । ୨୦

(ନେପଥ୍ୟେ ମୃଦଙ୍ଗଧ୍ୱନି । ସମସ୍ତେ କାନ ଡ଼େରିଲେ)

ପରିବ୍ରାଜିକା – ବାଃ ! ସଙ୍ଗୀତକ ଆରମ୍ଭ ହୋଇଗଲାଣି । ଏଇ –

ମୃଦଙ୍ଗ ବାଦ୍ୟଯନ୍ତ୍ରର ମାୟୂରୀ ମାର୍ଜନା (ମୟୂରପ୍ରିୟ ବାଦ୍ୟ) ମନକୁ ମତାଣିଆ କଲାଣି । ମଧ୍ୟମ ସ୍ୱରରେ ବଜା ହେଉଥିବା ଏ ବାଦ୍ୟ ଗମ୍ଭୀର-ଧ୍ୱନିରେ ଦୂରକୁ ପ୍ରସାରିତ ହୋଇଯାଉଛି । ମୟୂରମାନେ ମେଘଗର୍ଜନ ଭ୍ରମରେ ଉପରକୁ ଗ୍ରୀବା ଟେକି ରବ କରୁଛନ୍ତି ।

ରାଜା—ରାଣୀ, ତେବେ ଚାଲ, ଆମେ ଦର୍ଶକ ହେବା ।

ଣ—(ସ୍ୱଗତ) ଓଃ ! ଆର୍ଯ୍ୟପୁତ୍ରଙ୍କର କି ଅବିନୟ !

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(सर्वे उत्तिष्ठन्ति ।)

विदू०—(अपवार्य ।) भो धीरं गच्छ । तत्तभोदी धारिणी विसंवादइस्सदि । (भोः ! धीरं गच्छ । तत्रभवती धारिणी विसंवादयिष्यति ।)

राजा—धैर्यावलम्बिनमपि त्वरयति मां मुरजवाद्यरागोऽयम् ।
अवतरतः सिद्धिपथं शब्दः स्वमनोरथस्येव ॥ २२

(इति निष्क्रान्ताः सर्वे ।)

इति प्रथमोऽङ्कः ।

★

द्वितीयोऽङ्कः

(ततः प्रविशति संगीतरचनायां कृतायामासनस्थो राजा सवयस्यो धारिणी परिव्राजिका विभवतश्च परिवारः ।)

राजा—भगवति ! अत्रभवतोराचार्ययोः प्रथमं कतरस्योपदेशं द्रक्ष्यामः ।

परि०—ननु समानेऽपि ज्ञानवृद्धभावे वयोवृद्धत्वाद् गणदासः पुरस्कारमर्हति ।

राजा—तेन हि मौद्गल्य, एवमत्रभवतोरावेद्य नियोगमशून्यं कुरु ।

कञ्चुकी—यदाज्ञापयति देवः । (इति निष्क्रान्तः ।)

गण०—देव ! शर्मिष्ठायाः कृतिर्लयमध्या चतुष्पदास्ति । तस्यास्तु छलिकप्रयोगमेकमनाः श्रोतुमर्हति देवः ।

राजा—आचार्य ! बहुमानादवहितोऽस्मि । तत्प्रवेशय पात्रम् ।

(निष्क्रान्तो गणदासः ।)

राजा—(जनान्तिकम् ।) वयस्य—

नेपथ्यपारगतायाश्चक्षुर्दर्शनसमुत्सुकं तस्याः ।
संहर्तुमधीरतया व्यवसितमिव मे तिरस्करिणीम् ॥ १

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ସମସ୍ତେ ଉଠିଲେ)

ବିଦୂ—(ରାଜାଙ୍କ ଆଡ଼କୁ ଚୁପ୍ ଚୁପ୍) ଆହେ ! ଧୀରେ ଧୀରେ ଚାଲନ୍ତୁ । (ତରତର ହେଲେ ଆମ କୌଶଳ ଜାଣିପାରି) ମାନନୀୟା ଧାରଣୀ ସବୁ ଭଣ୍ଡୁର କରି-ଦେବେ ।

ରାଜା—ମୁଁ ଧୈର୍ଯ୍ୟ ଧରିବାକୁ ଚାହିଁଲେ ମଧ୍ୟ ଏ ମୃଦଙ୍ଗଧ୍ୱନି ମୋତେ ତରତର କରୁଛି । ଏ ଧ୍ୱନି ମୋର ପ୍ରାପ୍ୟ ସିଦ୍ଧ ହୋଇଥିବା ଅଭିଳାଷର ହିଁ ଧ୍ୱନି ଭଳି ମୋତେ ବୋଧ ହେଉଛି । (ସମସ୍ତଙ୍କର ପ୍ରସ୍ଥାନ)

ପ୍ରଥମ ଅଙ୍କ ସମାପ୍ତ

ଦ୍ୱିତୀୟ ଅଙ୍କ

(ଗୀତବାଦ୍ୟ ପ୍ରସ୍ତୁତି ପରେ ରାଜା ଆସନରେ ବସିଥିବାର ଦେଖାଗଲେ । ତାଙ୍କ ସଙ୍ଗରେ ଥିଲେ ବିଦୂଷକ, ରାଣୀ ଧାରଣୀ, ପରିବ୍ରାଜିକା ପଣ୍ଡିତ କୌଶିକୀ ଓ ବିଭବ-ଅନୁରୂପ ପରିଜନବର୍ଗ)

ରାଜା—ଆଦରଣୀୟା ! ଦୁଇ ଆଚାର୍ଯ୍ୟଙ୍କ ମଧ୍ୟରୁ ପ୍ରଥମେ କାହାର ଅଭିନୟ ଶିକ୍ଷଣ ଦେଖିବା ?

ପରିବ୍ରାଜିକା—ମହାରାଜ, ଦୁହେଁ ଜ୍ଞାନରେ ସମାନ ହେଲେ ମଧ୍ୟ ଗଣଦାସ ବୟସରେ ବଡ଼ ହୋଇଥିବାରୁ ପ୍ରଥମେ ତାଙ୍କର ଅଭିନୟ ଶିକ୍ଷଣ ପ୍ରଦର୍ଶିତ ହେବା ଉଚିତ ।

ରାଜା—ତା' ହେଲେ ମୌଦ୍‌ଗଲ୍ୟ ! ଦୁଇ ଆଚାର୍ଯ୍ୟଙ୍କୁ ଏହା ଜଣାଇଦେଇ ନିଜ କାର୍ଯ୍ୟରେ ରୁହ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ଚାଲିଗଲେ)

ଗଣଦାସ—(ପ୍ରବେଶ କରି) ଶର୍ମିଷ୍ଠାଙ୍କ ପ୍ରବର୍ତ୍ତିତ ଚତୁଷ୍ପଦୀ ଗାନ, ଯାହାର ଲୟ ହେଉଛି ମଧ୍ୟମ, ସେଥିରେ ଛଳିକ ନାମକ ଅଭିନୟାତ୍ମକ ଗାନ ମହାରାଜ ମନ ଦେଇ ଶୁଣନ୍ତୁ ।

ରାଜା—ଆଚାର୍ଯ୍ୟ, ମୁଁ ଆଦରର ସହିତ ମନଯୋଗ ଦେଲି । ଆପଣ ପାତ୍ର ପ୍ରବେଶ କରାନ୍ତୁ । (ଗଣଦାସ ଚାଲିଗଲେ)

ରାଜା—(ବିଦୂଷକଙ୍କୁ ଚୁପ୍ ଚୁପ୍) ବନ୍ଧୁ, ବର୍ତ୍ତମାନ ମାଳବିକା ନେପଥ୍ୟ ଗୃହରେ (ବେଶଗୃହରେ) ଅଛି । ତାକୁ (ମାଳବିକାକୁ) ଦେଖିବାପାଇଁ ମୋର ଚକ୍ଷୁ ଏତେ ଉଚ୍ଛନ୍ନ ହୋଇଉଠୁଛି ଯେ ମୁଁ ଚକ୍ଷୁକୁ ନିବୃତ୍ତ କରି ରଖିପାରୁ ନାହିଁ । ସତେ ଯେପରି ମୋ ଚକ୍ଷୁ ଅଧୀର ହୋଇ ପରଦାକୁ ଚିରି ପକାଇବାକୁ ଚେଷ୍ଟା କରୁଛି ! ୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(अपवार्य ।) उवट्ठिदं णअणमहु संणिहिदमक्खिअं च । ता अप्पमत्तो दाणिं पेक्ख । (उपस्थितं नयनमधु संनिहितमक्षिकं च । तदप्रमत्त [illegible]श्य ।)

(ततः प्रविशत्याचार्यावेक्ष्यमाणाङ्गसौष्ठवा मालविका ।)

विदू०—(जनान्तिकम् ।) पेक्खदु भवं । ण क्खु से पडिच्छन्दादो परिहीअदि महुरदा । (पश्यतु भवान् । न खल्वस्याः प्रतिच्छन्दात् परिहीयते मधुरता ।)

राजा—(अपवार्य) वयस्य—

चित्रगतायामस्यां कान्तिविसंवादशङ्कि मे हृदयम् ।
संप्रति शिथिलसमाधिं मन्ये येनेयमालिखिता ॥ २

गण०—वत्से ! मुक्तसाध्वसा सत्त्वस्था भव ।

राजा—(आत्मगतम् ।) अहो सर्वस्थानानवद्यता रूपविशेषस्य ।

तथा हि—

दीर्घाक्षं शरदिन्दुकान्ति वदनं बाहू नतावंसयोः
संक्षिप्तं निबिडोन्नतस्तनमुरः पार्श्वे प्रमृष्टे इव ।
मध्यः पाणिमितो नितम्बि जघनं पादावरालाङ्गुली
छन्दो नर्तयितुर्यथैव मनसि श्लिष्टं तथास्या वपुः ॥ ३

माल०—(उपगानं कृत्वा चतुष्पदवस्तु गायति ।)

दुल्लहो पिओ मे तस्सिं भव हिअअ णिरासं
अम्हो अपङ्गो मे परिप्फुरइ किं वि वामओ ।
एसो सो चिरदिट्ठो कहं उण उवणइदव्वो
णाह मं पराहिणं तुइ परिगणअ सतिण्हम ॥ ४

(दुर्लभः प्रियो मे तस्मिन् भव हृदय निराश
महो अपाङ्गो मे परिस्फुरति किमपि वामः ।
एष स चिरदृष्टः कथं पुनरुपनेतव्यो
नाथ मां पराधीनां त्वयि परिगणय सतृष्णाम् ॥)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—(ଚୁପ୍ ଚୁପ୍) ନେତ୍ରମଧ୍ୟ ବର୍ତ୍ତମାନ ଉପନୀତ, ମଧୁମକ୍ଷି ମଧ୍ୟ ଉପସ୍ଥିତ । ତେଣୁ ସାବଧାନ ଭାବରେ ଦେଖନ୍ତୁ ।

(ତା' ପରେ ମାଳବିକାର ପ୍ରବେଶ । ଆଗ୍ରହରେ ତା'ର ଅଙ୍ଗସୌଷ୍ଠବ ଉପରେ ଆଖି ଗଡାଇନେଉଥାନ୍ତି ।)

ବିଦୂ—(ଆଡ଼ କରି ଚୁପ୍ ଚୁପ୍) ବନ୍ଧୁ, ଦେଖନ୍ତୁ, ଦେଖନ୍ତୁ । ଆପଣ ଚିତ୍ରରେ ଏହାର ଯେଉଁ ଲାବଣ୍ୟ ଦେଖିଥିଲେ, ବାସ୍ତବ ଲାବଣ୍ୟ ତାହା ଠାରୁ କମ୍ ନୁହେଁ ।

ରାଜା—(ଚୁପ୍ ଚୁପ୍) ବନ୍ଧୁ,

ଏହାକୁ ଚିତ୍ରରେ ଦେଖି ମୋ ହୃଦୟରେ ସନ୍ଦେହ ହେଉଥିଲା ଯେ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ସେପରି ହୋଇନଥିବ । କିନ୍ତୁ ବର୍ତ୍ତମାନ ଏହାକୁ ସାକ୍ଷାତରେ ଦେଖି ମୁଁ ଭାବୁଛି, ଏହାର ଚିତ୍ର ଯେ ଅଙ୍କନ କରିଥିଲା, ସେ ନିଜ କଳାରେ ନିପୁଣ ନଥିଲା । ୨

ଗଣଦାସ—ଝିଅ, ତୁ ଲଜ୍ଜା ଛାଡ଼ି ପ୍ରକୃତିସ୍ଥ ହୁଅ ।

ରାଜା—(ସ୍ୱଗତ) ଅହୋ ! ସକଳ ଅଙ୍ଗରେ ଏହାର ରୂପଲାବଣ୍ୟ କି ଚମତ୍କାର ! କାରଣ—

ଏହାର ଚକ୍ଷୁ ଦୀର୍ଘ, ଶରତଚନ୍ଦ୍ର ପରି ମୁଖର କାନ୍ତି, ସ୍କନ୍ଧଠାରେ ବାହୁଯୋଡ଼ିକ ନତ, ସ୍ତନମଣ୍ଡଳ ଉଚ୍ଚ ତଥା ବିଶାଳ ହୋଇଥିବାରୁ ବକ୍ଷଦେଶ ପୀନ୍ତି, ପାର୍ଶ୍ୱ ଲିପା ହେଲା ଭଳି, କଟି ମୁଠାଭିତରେ ରହିଲା ଭଳି, ଜଙ୍ଘ ବିଶାଳ ନିତମ୍ବ ଯୁକ୍ତ ଏବଂ ପାଦର ଅଙ୍ଗୁଳିଗୁଡ଼ିକ ଲମ୍ବ । ମନେ ହେଉଛି, ନୃତ୍ୟଶିକ୍ଷକ ଗୁରୁଙ୍କର ମନରେ ଯେଉଁଭଳି ଅଭିପ୍ରାୟ, ଠିକ୍ ସେଇଭଳି ଭାବରେ ଏହାର ସର୍ବାଙ୍ଗ ଗଢା ହୋଇଛି । ୩

ମାଳବିକା—(ଉପଗାନ ଅର୍ଥାତ୍ ସ୍ୱର-ଆଳପନ କରି ଚତୁଷ୍ପଦୀ ଗୀତ ଗାଇଲେ)—

ପ୍ରିୟତମ ମୋ ପକ୍ଷରେ ଦୁର୍ଲଭ । ତେଣୁ ରେ ହୃଦୟ, ତୁ ନିରାଶ ହୋଇଯା । ତଥାପି ମୋର ବାମ ଚକ୍ଷୁକୋଣ କାହିଁକି ସ୍ଫୁରୁଛି ? ହେ ନାଥ, ତୁମକୁ ବହୁତ ଦିନ ତଳେ ଦେଖିଥିଲି । ମୁଁ କିପରି ବା ତୁମର ପାର୍ଶ୍ୱବର୍ତ୍ତିନୀ ହୋଇପାରିବି ? ମୁଁ ପରାଧୀନା । ଆପଣ ଜାଣନ୍ତୁ ଯେ ମୁଁ ଆପଣଙ୍କ ପ୍ରତି ଅନୁରାଗିଣୀ । ୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ततो यथारसमभिनयति ।)

विदू०—(जनान्तिकम् ।) भो वअस्स, चउप्पदवत्थुअं दुवारीकरिअ तुइ उवट्ठाविदो अप्पा तत्तहोदीए । (भो वयस्य ! चतुष्पदवस्तुकं द्वारीकृत्य त्वय्युपस्थापित आत्मा तत्रभवत्या ।)

राजा—सखे ! एवमेव ममापि हृदयम् । अनया खलु—

जनमिममनुरक्तं विद्धि नाथेति गेये
वचनमभिनयन्त्या स्वाङ्गनिर्देशपूर्वम् ।
प्रणयगतिमदृष्ट्वा धारिणीसंनिकर्षा-
दहमिव सुकुमारप्रार्थनाव्याजमुक्तः ॥ ५

(मालविका गीतान्ते निष्क्रमितुमारब्धा ।)

विदू०—भोदि चिट्ठ ! किंवि वो विसुमरिदो कम्मभेदो । तं दाव पुच्छिस्सम् । (भवति, तिष्ठ । किमपि वो विस्मृतः कर्मभेदः । तं तावत् प्रक्ष्यामि ।)

गण०—वत्से ! क्षणमात्रं स्थित्वोपदेशविशुद्धा यास्यसि ।

(मालविका निवृत्य स्थिता ।)

राजा—(आत्मगतम् ।) अहो, सर्वास्ववस्थासु चारुता शोभान्तरं पुष्यति । तथा हि—

वामं संधिस्तिमितवलयं न्यस्य हस्तं नितम्बे
कृत्वा श्यामाविटपसदृशं स्रस्तमुक्तं द्वितीयम् ।
पादाङ्गुष्ठालुलितकुसुमे कुट्टिमे पातिताक्षं
नृत्तादस्याः स्थितमतितरां कान्तमृज्वायतार्धम् ॥ ६

देवी—णं गोदमवअणं वि अज्जो हिअए करेदि । (ननु गौतमवचनमप्यार्यो हृदये करोति ।)

गण०—देवि ! मा मैवम् । देवप्रत्ययात्संभाव्यते सूक्ष्मदर्शिता गौतमस्य । पश्य—

मन्दोऽप्यमन्दतामेति संसर्गेण विपश्चितः ।
पङ्कच्छिदः फलस्येव निकषेणाविलं पयः ॥ ७

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ତା' ପରେ ରସୋଚିତ ଭାବରେ ଅଭିନୟ କଲେ)

ବିଦୂ—(ରାଜାଙ୍କ ଆଡ଼କୁ ଚୁପ୍‌ଚୁପ୍) ହେ ବନ୍ଧୁ, ଚତୁଷ୍ପଦୀ ଗୀତର ବିଷୟବସ୍ତୁକୁ ଆଳ କରି ଆଦରଣୀୟା (ମାଳବିକା) ତୁମଠାରେ ନିଜକୁ ସମର୍ପଣ କରିଦେଲେ ।

ରାଜା—ବନ୍ଧୁ, ମୋର ହୃଦୟ ତାହା ବୁଝୁଛି ।

"ହେ ନାଥ, ଏଇ ବ୍ୟକ୍ତିଙ୍କୁ ଅନୁରକ୍ତା ବୋଲି ଜାଣନ୍ତୁ" ଏହା ହିଁ ତାର ଗାଇବାର ବିଷୟ । ଏଥିରେ ସେ ନିଜ ଆଡ଼କୁ ନିର୍ଦ୍ଦେଶ କରି ଗୀତର ଅଭିନୟ କଲା । କିନ୍ତୁ ଧାରିଣୀ ନିକଟରେ ଥିବାରୁ ମୋ ପକ୍ଷରୁ ପ୍ରଣୟର କୌଣସି ସୂଚନା ନ ପାଇ କୋମଳ ପ୍ରାର୍ଥନା ଦ୍ୱାରା ହିଁ ମୋତେ ଯେପରି କିଛି କହିଦେଲା ! (ମାଳବିକା ଗୀତ ପରେ ଫେରିଯିବାକୁ ଲାଗିଲା) ୫

ବିଦୂ—କଲ୍ୟାଣୀ ! ଟିକିଏ ରୁହ । ଆମେ ଗୋଟିଏ ବିଷୟ ଭୁଲିଯାଇଥିଲୁ । ସେଇ ବିଷୟଟି ପଚାରିବି ।

ଗଣଦାସ—ଝିଅ, ଟିକିଏ ରହିଯା, ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇ ଯିବୁ ।

(ମାଳବିକା ଲେଉଟି ଆସି ଠିଆ ହେଲା)

ରାଜା—(ସ୍ୱଗତ) ଅହୋ ! ସୌନ୍ଦର୍ଯ୍ୟ ସମସ୍ତ ଅବସ୍ଥାରେ ନୂଆ ନୂଆ ରୂପ ଧାରଣ କରେ ! ଦେଖ—

ଏ ବାମ ହାତକୁ ନିତମ୍ବ ଉପରେ ରଖିଛି । ସେହି ହାତର ପାପୁଲି-ଗଣ୍ଠିଠାରେ କଙ୍କଣ ନିଶ୍ଚଳ ଭାବରେ ରହିଛି । ଶ୍ୟାମାଲତାର ଶାଖାତୁଲ୍ୟ ଡ଼ାହାଣ ହାତଟିକୁ ତଳକୁ ଓହଳାଇଦେଇ ଠିଆ ହୋଇଛି । ତଳକୁ ଦୃଷ୍ଟି କରି ନୃତ୍ୟବେଦି ଉପରେ ବିଛା ହୋଇଥିବା ଫୁଲଗୁଡ଼ିକୁ ପାଦର ଅଙ୍ଗୁଳିରେ ଖେଳାଉଛି । ଏହିପରି, ଦେହର ଉପର ଅର୍ଦ୍ଧଭାଗକୁ ନିଶ୍ଚଳ ତଥା ସିଧା କରି ତାର ଉଭା ହୋଇଥିବାର ଠାଣି ନୃତ୍ୟଠାଣିଠାରୁ ମଧ୍ୟ ଅଧିକ ସୁନ୍ଦର ଦିଶୁଛି । ୬

ରାଣୀ—ଗୌତମ (ବିଦୂଷକ) ଙ୍କ ବଚନ ମଧ୍ୟ ମହାରାଜ ଗ୍ରହଣ କରୁଛନ୍ତି ?

ଗଣଦାସ—ମହାରାଣୀ, ଏପରି କହନ୍ତୁନାହିଁ । ମହାରାଜଙ୍କ ସଂସର୍ଗରୁ ଗୌତମ ମଧ୍ୟ ସୂକ୍ଷ୍ମଦର୍ଶିତା ଗୁଣ ଲାଭ କରିଛନ୍ତି । ଦେଖନ୍ତୁ—

ବିଦ୍ୱାନ୍ ଲୋକଙ୍କ ସଂପର୍କରୁ ମୂର୍ଖମାନେ ମଧ୍ୟ ବିଦ୍ୱାନ୍ ହୁଅନ୍ତି । ଯେପରି 'ନିର୍ମଳୀ' ଫଳର ସଂପର୍କରୁ ଆବିଳ (ଗୋଳିଆ) ଜଳ ମଧ୍ୟ ନିର୍ମଳ ହୁଏ । ୭

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(विदूषकं विलोक्य ।) तच्छृणुमो वयं विवक्षितमार्यस्य ।

विदू०—(गणदासं विलोक्य ।) कोसिइं दाव पुच्छ । पच्छा जो मए कम्मभेदो दिट्ठो तं भणिस्सं । (कौशिकीं तावत्पृच्छ । पश्चाद्यो मया कर्मभेदो दृष्टस्तं भणिष्यामि ।)

गण०—भगवति ! यथादृष्टमभिधीयतां गुणो वा दोषो वेति ।

परि०—यथादृष्टं सर्वमनवद्यम् । कुतः—

अङ्गैरन्तर्निहितवचनैः सूचितः सम्यगर्थः
पादन्यासो लयमनुगतस्तन्मयत्वं रसेषु ।
शाखायोनिर्मृदुरभिनयस्तद्विकल्पानुवृत्तौ
भावो भावं नुदति विषयाद्रागबन्धः स एव ॥ ८

गण०—देवः कथं वा मन्यते ।

राजा—वयं स्वपक्षशिथिलाभिमानाः संवृत्ताः ।

गण०—अद्य नर्तयितास्मि ।

उपदेशं विदुः शुद्धं सन्तस्तमुपदेशिनः ।
श्यामायते न युष्मासु यः काञ्चनमिवाग्निषु ॥ ९

देवी—दिट्ठिआ परिक्खआराहणेण अज्जो वड्ढइ । (दिष्टया परीक्षकाराधनेनार्यो वर्धते ।)

गण०—देवि ! त्वत्परिग्रहोऽपि मे वृद्धिहेतुः । (विदूषकं विलोक्य ।) गौतम ! वदेदानीं यत्ते मनसि वर्तते ।

विदू०—पढमोवदेसदंसणे पढमं वम्हणस्स पूजा कादव्वा । सा णं वो विसुमरिदा । (प्रथमोपदेशदर्शने प्रथमं ब्राह्मणस्य पूजा कर्तव्या । सा ननु वो विस्मृता ।)

परि०—प्रयोगाभ्यन्तरः प्रश्नः ।

(सर्वे प्रहसिताः । मालविका स्मितं करोति ।)

राजा—(आत्मगतम् ।) उपात्तसारश्चक्षुषा मे स्वविषयः । यदनेन—

स्मयमानमायताक्ष्याः किंचिदभिव्यक्तदशनशोभिमुखम् ।
असमग्रलक्ष्यकेसरमुच्छ्वसदिव पङ्कजं दृष्टम् ॥ १०

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ବିଦୂଷକଙ୍କୁ ଚାହିଁ) ଆର୍ଯ୍ୟ, ଆପଣଙ୍କ ବକ୍ତବ୍ୟ ମୁଁ ଶୁଣିବାକୁ ଚାହେଁ ।

ବିଦୂ—(ଗଣଦାସଙ୍କୁ ଚାହିଁ) ଆଗେ କୌଶିକୀଙ୍କୁ ପଚାର । ତା' ପରେ ମୁଁ ଯାହା ଜାଣୁଛି ଦେଖିଲି, କହିବି ।

ଗଣଦାସ—କଲ୍ୟାଣୀ, ତୁମେ ଯାହା ଦୋଷ ବା ଗୁଣ ଦେଖିଲ, କୁହ ।

ପରିବ୍ରାଜିକା— ମୁଁ ଯାହା ଦେଖିଲି, ସମସ୍ତ ଅନବଦ୍ୟ (ପ୍ରଶଂସନୀୟ) । କାରଣ—

ଅଙ୍ଗଗୁଡ଼ିକ ଦ୍ୱାରା ଗୀତର ଅର୍ଥ ଏଭଳି ସ୍ପଷ୍ଟ ଭାବରେ ସୂଚିତ ହେଉଥିଲା ଯେ ବୋଧ ହେଉଥିଲା ସତେ ଯେପରି ଅଙ୍ଗଗୁଡ଼ିକ ହିଁ କଥା କହୁଛନ୍ତି ! ପାଦ ପକାଇବା ଲୟାନୁସାରୀ ହେଉଥିଲା । ରସାଭିବ୍ୟକ୍ତିରେ ତନ୍ମୟତା ପ୍ରକାଶ ପାଉଥିଲା । କର, ଚରଣ ଆଦି ଅଙ୍ଗ ଦ୍ୱାରା କୋମଳ ଅଭିନୟ ଫୁଟି ଉଠୁଥିଲା । ଏହାପରି, ଅଭିନୟର ବିଭିନ୍ନ ଭେଦପ୍ରଭେଦର ଅନୁସରଣରେ କୃତ ଭାବ (ଅଙ୍ଗଭଙ୍ଗୀ ବା କାର୍ଯ୍ୟକଳାପ) ମନକୁ ଅନ୍ୟାନ୍ୟ ବିଷୟରୁ ନିବୃତ୍ତ କରି ରଖୁଥିଲା । ଯେଉଁ ରାଗବନ୍ଧ (ଅନୁରାଗାଦି ଚିତ୍ତ ଅବସ୍ଥା) ପ୍ରଦର୍ଶିତ ହେଲା, ତାହା ଅଭିନୟ ବୋଲି ବୋଧ ନହୋଇ ପ୍ରକୃତ ଲୋକର ବୋଲି ବୋଧ ହେଲା । ୮

ଗଣଦାସ—ମହାରାଜ କଅଣ ମନେ କରୁଛନ୍ତି ?

ରାଜା—ମୋତେ ମୋ ପକ୍ଷର ଗୌରବ-ଅଭିମାନ ଛାଡ଼ିଦେବାକୁ ପଡ଼ିଲା ।

ଗଣଦାସ—ତା' ହେଲେ ଆଜି ଠିକ୍ ନୃତ୍ୟଗୁରୁ ହେଲି ।

ସଜ୍ଜନମାନେ ସେଇ ଶିକ୍ଷାକୁ ନିର୍ଦୋଷ ଶିକ୍ଷା ବୋଲି କହନ୍ତି, ଯାହା କି ଅଗ୍ନିରେ ଶୁଦ୍ଧ ସୁବର୍ଣ୍ଣ ମଳିନ ନହେଲା ପରି ଆପଣମାନଙ୍କ ଆଗରେ ମଳିନ ହୁଏନାହିଁ । ୯

ରାଣୀ—ସୌଭାଗ୍ୟତଃ ଆପଣ ପରୀକ୍ଷା ଦ୍ୱାରା ସଭାସଦଙ୍କୁ ପ୍ରୀତ କରିଛନ୍ତି । ତେଣୁ ଆପଣଙ୍କୁ ମୋର ବଧେଇ ।

ଗଣଦାସ—ମହାରାଣୀ, ଆପଣଙ୍କର ଆଶ୍ରୟ ହିଁ ମୋର ଗୌରବର କାରଣ । (ବିଦୂଷକଙ୍କୁ ଚାହିଁ) ଗୌତମ, ବର୍ତ୍ତମାନ କୁହନ୍ତୁ ଯାହା ଆପଣଙ୍କ ମନରେ ଅଛି ।

ବିଦୂ—ପ୍ରଥମ ଅଭିନୟ ପ୍ରଦର୍ଶନ ସମୟରେ ଆଗେ ବ୍ରାହ୍ମଣଙ୍କୁ ପୂଜା କରିବା ଉଚିତ । ତାହା ଆପଣମାନେ ଭୁଲିଗଲେ ।

ପରିବ୍ରାଜିକା—କି ସୁନ୍ଦର ଅଭିନୟ ବିଷୟକ ପ୍ରଶ୍ନ !

(ସମସ୍ତେ ଉଚ୍ଚ ସ୍ୱରରେ ହସିଲେ । ମାଳବିକା ମୃଦୁମୃଦୁ ହସିଲେ)

ରାଜା—(ସ୍ୱଗତ) ମୋର ଚକ୍ଷୁ ଆଜି ନିଜକୁ ସାର୍ଥକ କଲା । ଯେହେତୁ ଚକ୍ଷୁ—

ଅଳ୍ପ ଅଳ୍ପ କେଶର ଯୁକ୍ତ ପଦ୍ମଫୁଲଟି ଫୁଟି ଉଠୁଥିଲା ପରି ଦନ୍ତ ଅଳ୍ପ ଅଳ୍ପ ପ୍ରକାଶ ପାଇ ହସହସ ହୋଇଉଠୁଥିବା ବିଶାଳାକ୍ଷୀର ମୁଖଟିକୁ ଦେଖିଲା । ୧୦

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

गण०—महाब्राह्मण, न खलु प्रथमं नेपथ्यसवनमिदम्। अन्यथा कथं त्वां दक्षिणीयं नार्चयिष्यामः।

विदू०—मए णाम, सुक्खघणगज्जिदे अन्तरिक्खे जलपाणं इच्छदा चादआइदम्। अहवा पण्डितसंतोसपच्चआ णं मूढा जादी। जदि अत्तहोदिए सोहणं भणिदं तदा इमं से पारितोसिअ पअच्छामि। (इति राज्ञो हस्तात्कटकमाकर्षति।) [मया नाम शुष्कघनगर्जितेऽन्तरिक्षे जलपानमिच्छता चातकायितम्। अथवा पण्डितसंतोषप्रत्यया ननु मूढजातिः। यद्यत्रभवत्या शोभनं भणितं तत इदं ते पारितोषिकं प्रयच्छामि।]

देवी—चिट्ठ दाव। गुणन्तरं अजाणन्तो किंणिमित्तं आहरणं देसि। [तिष्ठ तावत्! गुणान्तरमजानन् किन्निमित्तं त्वमाभरणं ददासि।]

विदू०—परकेरअं ति करिअ। (परकीयमिति कृत्वा।

देवी—(आचार्यं विलोक्य) अज्ज गणदास, णं दंसिदोवदेसा दे सिस्सा। (आर्य गणदास, ननु दर्शितोपदेशा ते शिष्या।)

गण०—वत्से! एहि गच्छाव इदानीम्।

(सहाचार्येण निष्क्रान्ता मालविका।)

विदू०—(जनान्तिकम्) एत्तिओ मे मदिविहवो भवन्तं सेविदुँ। (एतावान्मे मतिविभवो भवन्तं सेवितुम्।)

राजा—अलमलं परिच्छेदेन। अहं हि—

भाग्यास्तमयमिवाक्ष्णोर्हृदयस्य महोत्सवावसानमिव।
द्वारपिधानमिव धृतेर्मन्ये तस्यास्तिरस्करणम्॥ ११

विदू०—(जनान्तिकम्) दलिद्दो विअ आदुरो वेज्जेण ओसदं दीअमाणं इच्छसि। (दरिद्र इवातुरो वैद्येनौषधं दीयमानमिच्छसि।)

(प्रविश्य।)

हर०—देव! मदीयमिदानीं प्रयोगमवलोकयितुं क्रियतां प्रसादः।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଗଣଦାସ—ହେ ମହା ବ୍ରାହ୍ମଣ (ମୂର୍ଖ) ! ଏହା ପ୍ରଥମ ନୃତ୍ୟଯଜ୍ଞ ନୁହେଁ । ତାହା ନ ହୋଇଥିଲେ ଆପଣଙ୍କୁ କଅଣ ଦକ୍ଷିଣା ଦେଇ ଅର୍ଚ୍ଚନା କରିନଥାନ୍ତୁ ?

ବିଦୂ—ତା' ହେଲେ ଆକାଶରେ ଖାଲି ଶୁଖିଲା ଗର୍ଜନ କରୁଥିବା ମେଘ ପ୍ରତି ଜଳପାନ-ଇଚ୍ଛୁକ ଚାତକ ଭଳି ଆଚରଣ କଲି ! ଅବା ପଣ୍ଡିତମାନଙ୍କର ସନ୍ତୋଷ ହୋଇଛି ବୋଲି ଧାରଣା କରି ମୂର୍ଖମାନେ ସନ୍ତୋଷ ପ୍ରକାଶ କରନ୍ତି । ଯଦି ପଣ୍ଡିତକୌଶିକୀ ଏ ବିଷୟରେ ଭଲ ମତ ଦେଇଛନ୍ତି, ତେବେ ମୁଁ ମଧ୍ୟ ତାଙ୍କୁ (ମାଳବିକାଙ୍କୁ) ଏହି ପୁରସ୍କାର ଦେବାକୁ ଇଚ୍ଛା କରୁଛି । (ଏହା କହି ରାଜାଙ୍କ ହାତରୁ କଙ୍କଣ ଟାଣିଲେ)

ରାଣୀ—ଟିକିଏ ରୁହ । ଗୁଣର ତାରତମ୍ୟ ନ ଜାଣି (ଅନ୍ୟ ଜଣଙ୍କର ଅଭିନୟ ନ ଦେଖି) ଏ ଆଭରଣ କାହିଁକି ଦେଉଛ ?

ବିଦୂ—ପରର ବୋଲି ଦେଇଦେଉଛି ।

ରାଣୀ—(ଆଚାର୍ଯ୍ୟଙ୍କୁ ଚାହିଁ) ଆର୍ଯ୍ୟ ଗଣଦାସ, ଆପଣଙ୍କ ଶିଷ୍ୟାଙ୍କର ତ ପରୀକ୍ଷା ସରିଲା ।

ଗଣଦାସ—ଆ ଜ୍ଞିଅ, ବର୍ତ୍ତମାନ ଯିବା ।

(ଆଚାର୍ଯ୍ୟଙ୍କ ସହିତ ମାଳବିକାର ପ୍ରସ୍ଥାନ)

ବିଦୂ—(ରାଜାଙ୍କୁ ଆଡେଇ ଆଣି ଚାହିଁ) ବନ୍ଧୁ, ଆପଣଙ୍କ ସେବା ପାଇଁ ମୋର ଏତିକି ବୁଦ୍ଧିବିଭବ ଥିଲା ।

ରାଜା—ରୁହ, ବୁଦ୍ଧିର ସୀମା ବତାଇବା ଦରକାର ନାହିଁ । ମୁଁ ଯେହେତୁ ମନେ କରୁଛି, ମାଳବିକା ଯେ ଚାଲିଯାଉଛି, ସତେ ଯେପରି ମୋ ଚକ୍ଷୁର ସୌଭାଗ୍ୟରବି ଅସ୍ତ ହୋଇ ଯାଉଛି, ହୃଦୟର ମହୋତ୍ସବ ଅବସାନ ହୋଇଆସୁଛି ଏବଂ ଧୈର୍ଯ୍ୟର ଦ୍ୱାର ରୁଦ୍ଧ ହୋଇ ଆସୁଛି । ୧୧

ବିଦୂ—(ରାଜାଙ୍କୁ ଆଡ଼ କରି ନେଇ ଚୁପ୍‌ଚାପ୍) ଆହେ ! ବୈଦ୍ୟଠାରୁ ମାଗଣା ଔଷଧ ଚାହୁଁଥିବା ଦରିଦ୍ର ରୋଗୀ ଭଳି ତ ହେଉଛ !

ହରଦତ୍ତ—(ପ୍ରବେଶ କରି) ମହାରାଜ, ବର୍ତ୍ତମାନ ମୋର ଅଭିନୟ ଦେଖିବାକୁ ଅନୁଗ୍ରହ କରନ୍ତୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(आत्मगतम् ।) अवसितो दर्शनार्थः । (दाक्षिण्यमवलम्ब्य, प्रकाशम् ।) ननु पर्युत्सुका एव वयम् ।

हर०—अनुगृहीतोऽस्मि ।

(नेपथ्ये ।) जयतु जयतु देव ! उपारूढो मध्याह्नः । तथाहि—

पत्रच्छायासु हंसा मुकुलितनयना दीर्घिकापद्मिनीनां
सौधान्यत्यर्थतापाद्वलभिपरिचयद्वेषिपारावतानि ।
बिन्दूत्क्षेपात्पिपासुः परिसरति शिखी भ्रान्तिमद्वारियन्त्रं
सर्वैरुस्रैः समग्रैस्त्वमिव नृपगुणैर्दीप्यते सप्तसप्तिः ॥ १२

विदू०—अविहा अविहा । अम्हाणं उण भोअणवेला उवट्ठिदा । अत्तभवदो उइदवेलादिक्कमे चिइच्छआ दोसं उदाहरन्ति । (हरदत्तं विलोक्य ।) हरदत्त, किं दाणिं भणसि । (अविधा अविधा । अस्माकं पुनर्भोजनवेलोपस्थिता । अत्रभवत उचितवेलातिक्रमे चिकित्सका दोषमुदाहरन्ति । हरदत्त, किमिदानीं भणसि ।)

हर०—अस्ति वचनस्यान्यस्यावकाशोऽत्र ?

राजा—तेन हि त्वदीयमुपदेशं श्वो वयं द्रक्ष्यामः । विरमतु भवान् ।

हर०— यदाज्ञापयति देवः । (इति निष्क्रान्तः)

देवी—णिव्वट्टेदु अज्जउत्तो मज्जणविहिम् । (निर्वर्तयत्वार्यपुत्रो मज्जनविधिम् ।)

विदू०—भोदि, विसेसेण पाणभोअणं तुवरावेहि । (भवति, विशेषेण पानभोजनं त्वरय ।

परि—(उत्थाय) स्वस्ति भवते । (इति सपरिजनया देव्या सह निष्क्रान्ता ।)

विदू०—भो वअस्स ! ण केवलं रूवे, सिप्पे वि अदुदीआ मालविआ । (भो वयस्य ! न केवलं रूपे, शिल्पेऽप्यद्वितीया मालविका ।)

राजा—वयस्य—

अव्याजसुन्दरीं तां विज्ञानेन ललितेन योजयता ।
परिकल्पितो विधात्रा बाणः कामस्य विषदिग्धः ॥ १३

किं बहुना । सखे ! चिन्तयितव्योऽस्मि ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ସ୍ୱଗତ) ଅଭିନୟ ଦେଖିବାର ଅଭିପ୍ରାୟ ତ ପୂର୍ଣ୍ଣ ହୋଇଗଲା । (ପ୍ରକାଶ୍ୟରେ ଉଦାରତାର ସହିତ) ହଁ, ଆପଣଙ୍କର ଅଭିନୟ ମଧ୍ୟ ଦେଖିବାକୁ ଆମେ ଆଗ୍ରହୀ ।

(ନେପଥ୍ୟେ)

ମହାରାଜାଙ୍କର ଜୟ ହେଉ । ବର୍ତ୍ତମାନ ମଧ୍ୟାହ୍ନ ହୋଇଗଲା । ଦେଖନ୍ତୁ—

ହଂସମାନେ ପୁଷ୍କରିଣୀରେ ପଦ୍ମଲତାର ପତ୍ରଚ୍ଛାୟାରେ ଆଖି ବୁଜି ବସିଛନ୍ତି । ଅତ୍ୟନ୍ତ ତାପ ହେତୁ ପାରାବତ (ପାରା)ମାନେ ବଳଭୀ (ଉପର ମହଲା) କୁ ଯିବା ପାଇଁ ଗୃହକୁ ନାହାନ୍ତି । ମୟୂରଗଣ ଜଳପାନ କରିବାକୁ ଇଚ୍ଛା କରି, ଘୂର୍ଣ୍ଣିମାନ ଜଳଯନ୍ତ୍ରର ଜଳବିନ୍ଦୁମାନ ଉପରକୁ ଉଠୁଥିବାରୁ, ତାହା ନିକଟକୁ ଯାଉଛନ୍ତି । ହେ ମହାରାଜ, ଆପଣ ଯେପରି ସମସ୍ତ ନୃପଗୁଣରେ ପରିପୂର୍ଣ୍ଣ ହୋଇ ଦୀପ୍ତିମନ୍ତ ଦେଖାଯାନ୍ତି, ସୂର୍ଯ୍ୟ ସେହିପରି ତାଙ୍କର ସମସ୍ତ କିରଣରେ ପରିପୂର୍ଣ୍ଣ ହୋଇ ଦୀପ୍ତିମନ୍ତ ହେଲେଣି । ୧୨

ବିଦୂ—ଓହୋ ! ଆମର ଖାଇବା ସମୟ ହୋଇଗଲା ! ମହାରାଜଙ୍କର ଖାଇବା-ସମୟ ବିତାଇ ଖାଇବାରେ ଦେହ ଅସୁସ୍ଥ ହେବ ବୋଲି ଚିକିତ୍ସକମାନେ କହୁଛନ୍ତି । (ହରଦତ୍ତଙ୍କ ଆଡ଼କୁ ଚାହିଁ) ହରଦତ୍ତ ! ଆପଣ ବର୍ତ୍ତମାନ କଅଣ କହୁଛନ୍ତି ?

ହରଦତ୍ତ—ଏ ବିଷୟରେ କଅଣ କିଛି କହିବାର ଅବକାଶ ଅଛି ?

ରାଜା —ତା' ହେଲେ ଆପଣଙ୍କ ଅଭିନୟ ଶିକ୍ଷଣ ଆମେ ଆସନ୍ତା କାଲି ଦେଖିବୁ । ବର୍ତ୍ତମାନ ଆପଣ ବିରତ ହୁଅନ୍ତୁ ।

ହରଦତ୍ତ—ମହାରାଜାଙ୍କର ଯାହା ଆଜ୍ଞା । (ଚାଲିଗଲେ)

ରାଣୀ—ଆର୍ଯ୍ୟପୁତ୍ର ବର୍ତ୍ତମାନ ସ୍ନାନ ସାରନ୍ତୁ ।

ବିଦୂ—କଲ୍ୟାଣୀ, ଆପଣ ଶୀଘ୍ର ଖାଦ୍ୟପେୟର ବ୍ୟବସ୍ଥା କରନ୍ତୁ ।

ପରିବ୍ରାଜିକା—(ଉଠି) ଆପଣଙ୍କର ମଙ୍ଗଳ ହେଉ । (ଏହା କହି ରାଣୀ ଓ ପରିଜନ-ବର୍ଗଙ୍କ ସହ ଚାଲିଗଲେ)

ବିଦୂ—ବନ୍ଧୁ, ମାଳବିକା କେବଳ ରୂପରେ ନୁହେଁ, ଶିଳ୍ପ (ନୃତ୍ୟକଳା)ରେ ମଧ୍ୟ ଅଦ୍ୱିତୀୟା ।

ରାଜା —ବନ୍ଧୁ, ସେଇ ଅକୃତ୍ରିମ ସୁନ୍ଦରୀକୁ ବିଧାତା ଯେ ଲଳିତ କଳାରେ ନିପୁଣ କଲା, ତଦ୍ଦ୍ୱାରା ସେ କନ୍ଦର୍ପର ଶରକୁ ବିଷବୋଳା କରିଦେଲା ! ୧୩ ଆଉ ଅଧିକ କଅଣ କହିବି ? ବର୍ତ୍ତମାନ ମୋ କଥା ଚିନ୍ତା କର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—भवदा वि अहं। दिढं विपणिकन्दू विअ मे हिअअब्भन्तरं दज्झइ। (भवताप्यहम्। दृढं विपणिकन्दुरिव मे हृदयाभ्यन्तरं दह्यते।)

राजा—एवमेव भवान् सुहृदर्थेऽपि त्वरताम्।

विदू०—गहीदखणोम्हि। किं तु मेहावलीणिरुद्धा जोण्हा विअ पराहीण-दंसणा तत्तहोदी मालविआ। भवं वि सूणापरिसरचरो विअ गिद्धो आमिसलोलुओ भीरुओ अ। अच्चंतादुरो विअ कज्जसिद्धिं पत्थन्तो मे रोअसि। (गृहीतक्षणोऽस्मि। किं तु मेघावलीनिरुद्धा ज्योत्स्नेव पराधीनदर्शना तत्रभवती मालविका। भवानपि सूना-परिसरचर इव गृध्र आमिषलोलुपो भीरुकश्च। अत्यन्तातुर इव कार्यसिद्धिं प्रार्थयमानो मे रोचसे।)

राजा—कथमनातुरो भविष्यामि।

सर्वान्तःपुरवनिताव्यापारप्रतिनिवृत्तहृदयस्य।
सा वामलोचना मे स्नेहस्यैकायनीभूता॥ १४

(इति निष्क्रान्ताः सर्वे।)

इति द्वितीयोऽङ्कः।

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ଆପଣ ମଧ୍ୟ ମୋ କଥା ଚିନ୍ତା କରନ୍ତୁ । ହାଟରେ ବିକା ହେବାକୁ ପଡ଼ିଥିବା ଛାଉଆ ପରି ମୋ ପେଟଭିତର ଜଳିଲାଣି ।

ରାଜା—ତୁମେ ମଧ୍ୟ ମିତ୍ରକାର୍ଯ୍ୟ ପାଇଁ ଶୀଘ୍ର ବ୍ୟବସ୍ଥା କର ।

ବିଦୂ—ସୁଯୋଗ ମିଳିଗଲା । କିନ୍ତୁ ବନ୍ଧୁ, ମେଘାବୃତା ଜ୍ୟୋତ୍ସ୍ନା ପରି ମାଳବିକା ପରାଧୀନା । ତାକୁ ଦେଖିବା ସହଜ ନୁହେଁ । ଆପଣ ମଧ୍ୟ କଂସେଇଖାନା ଉପରେ ଉଡ଼ୁଥିବା ଗୃଧ୍ର ପରି ମାଂସଲୋଭୀ, କିନ୍ତୁ ଡରୁଆ । ଅତି ଆତୁର ରୋଗୀ ଯେଭଳି ଶୀଘ୍ର ରୋଗରୁ ମୁକ୍ତ ପାଇବା ପାଇଁ (ବୈଦ୍ୟ ନିକଟରେ) ପ୍ରାର୍ଥନା କରେ, ଆପଣ ସେହିପରି ଶୀଘ୍ର କାର୍ଯ୍ୟସିଦ୍ଧି ପାଇଁ (ମୋ ନିକଟରେ) ପ୍ରାର୍ଥନା କରି ବେଶ୍ ଶୋଭା ପାଉଛନ୍ତି ।

ରାଜା—କିପରି ବା ଆତୁର ନ ହୋଇ ରହିବି ?

ଅନ୍ତଃପୁରର ସମସ୍ତ ରମଣୀଙ୍କର (ହାସ୍ୟ, କୌତୁକ, କଟାକ୍ଷପାତ ଆଦି) ସମସ୍ତ କାର୍ଯ୍ୟକଳାପରୁ ମୋର ହୃଦୟ ନିବୃତ୍ତ ହୋଇଗଲାଣି । ବର୍ତ୍ତମାନ କେବଳ ସେହି ସୁନୟନା ମାଳବିକା ମୋ ପ୍ରୀତିର ଏକମାତ୍ର ଅଧିକାରିଣୀ । ୧୪

(ସମସ୍ତଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଅଙ୍କ ସମାପ୍ତ

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

तृतीयोऽङ्कः

(ततः प्रविशति परिव्राजिकायाः परिचारिका समाहितिका ।)

समा०—आणत्तम्हि भअवदीए—देवस्स उववणत्थं बीअऊरअं गेण्हिअ आअच्छ त्ति । ता जाव पमदवणपालिअं महुअरिअं अण्णेसामि । (परिक्रम्यावलोक्य ।) एसा तवणीआसोअं ओलोअन्ती महुकरिआ चिट्ठदि । ता जाव णं उवसप्पामि । (आणप्तास्मि भगवत्या—समाहितिके, देवस्योपवनस्थं बीजपूरकं गृहीत्वागच्छेति । तद्यावत्प्रमदवनपालिकां मधुकरिकामन्विष्यामि । एषा तपनीयाशोकमवलोकयन्ती मधुकरिका तिष्ठति । तद्यावदेनामुपसर्पामि ।)

(ततः प्रविशत्युद्यानपालिका ।)

समा०—(उपसृत्य ।) आलि, अवि सुहो दे उज्जाणवणव्वावारो । (आलि ! अपि सुखस्ते उद्यानवनव्यापारः ।)

मधु०—अम्हो समाहिदिआ । सहि ! साअदं दे । (अहो समाहितिका ! सखि ! स्वागतं ते ।)

समा०—हला, भअवदी आणवेदि—अरित्तपाणिणा अम्हारिसजणेण तत्तहोदी देवी देक्खिदव्वा । ता बीअपूरएण सुस्सूसिदुं इच्छामित्ति । (हला, भगवत्याज्ञापयति—अरिक्तपाणिनास्मादृशजनेन तत्रभवती देवी द्रष्टव्या । तद्बीजपूरकेण शुश्रूषितुमिच्छामीति ।)

मधु०—णं संणिहिदं बीजपूरअं । कहेहि दाव अण्णोण्णसंघरिसिदाणं णट्टाअरिआणं उवदेसं देक्खिअ कदरो भअवदीए पसंसिदो । (ननु संनिहितं बीजपूरकम् । कथय तावदन्योन्यसंघर्षितयोर्नाट्याचार्ययोरुपदेशं दृष्ट्वा कतरो भगवत्या प्रशंसितः ।)

समा०—दुवे वि किल आगमिणा पओअणिउणा अ । किंतु सिस्साए मालविआए गुणविसेसेण गणदासस्स उवदेसो पसंसिदो । (द्वावपि किलागमिनौ प्रयोगनिपुणौ च । किन्तु शिष्याया मालविकाया गुणविशेषेण गणदासस्योपदेशः प्रशंसितः ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ତୃତୀୟ ଅଙ୍କ

(ତା' ପରେ ପରିବ୍ରାଜିକା ପଣ୍ଡିତ କୌଶିକୀଙ୍କର ପରିଚାରିକା ସମାହିତିକାର ପ୍ରବେଶ)

ସମାହିତିକା—ମାନନୀୟା (ପଣ୍ଡିତକୌଶିକୀ) ମୋତେ ଆଦେଶ ଦେଇଛନ୍ତି-- "ସମାହିତିକା ! ମହାରାଜଙ୍କର ଉଦ୍ୟାନରୁ ବୀଜପୂର (ଲେମ୍ବୁ) ଘେନି ଆସ । " ତା ହେଲେ ଯାଉଛି ଉଦ୍ୟାନପାଳିକା ମଧୁକରିକାକୁ ଖୋଜିବି । (କିଛିବାଟ ଯାଇ ଓ ଚାହିଁ) ଏଇ ତ ! ମଧୁକରିକା ତପନୀୟ ଅଶୋକ (ସ୍ୱର୍ଣ୍ଣବର୍ଣ୍ଣର ଅଶୋକ) ବୃକ୍ଷ ଉପରେ ଦୃଷ୍ଟି ରଖି ଠିଆ ହୋଇଛି ! ତା ହେଲେ ତା' ପାଖକୁ ଯାଏଁ ।

(ତା' ପରେ ଉଦ୍ୟାନପାଳିକା ମଧୁକରିକାର ପ୍ରବେଶ)

ସମାହିତିକା—ସଖୀ, ତୁମର ଉଦ୍ୟାନକାମ ଭଲରେ ଚାଲିଛି ତ ?

ମଧୁକରିକା—କିଏ ! ସମାହିତିକା ! ସଖୀ, ତୁମକୁ ସ୍ୱାଗତ ।

ସମାହିତିକା—ସଖୀ ! ମାନନୀୟା ପରିବ୍ରାଜିକା (ପଣ୍ଡିତକୌଶିକୀ) ମୋତେ ଆଦେଶ ଦେଇଛନ୍ତି—"ମୋ ପରି ଲୋକ ପକ୍ଷରେ ରିକ୍ତହସ୍ତରେ ଯାଇ ମହାରାଣୀଙ୍କୁ ସାକ୍ଷାତ୍ କରିବା ଉଚିତ ନୁହେଁ । ତେଣୁ ବୀଜପୂର ଫଳ ନେଇ ତାଙ୍କୁ ସାକ୍ଷାତ୍ କରିବାକୁ ଯିବି । "

ମଧୁକରିକା—ବୀଜପୂର ଏଇ ପାଖରେ ଅଛି । କୁହ, ଦୁଇ ଆଚାର୍ଯ୍ୟ ତ ପରସ୍ପର ଝଗଡ଼ା କରୁଥିଲେ । ଉଭୟଙ୍କର ଅଭିନୟ ଶିକ୍ଷଣ ଦେଖି ମାନନୀୟା (ପଣ୍ଡିତକୌଶିକୀ) କାହାକୁ ପ୍ରଶଂସା କଲେ ?

ସମାହିତିକା—ଦୁହେଁ ଶାସ୍ତ୍ରଜ୍ଞ, ଏବଂ ପ୍ରୟୋଗରେ (ଶିଖାଇବାରେ) ମଧ୍ୟ ନିପୁଣ । ତଥାପି ଶିଷ୍ୟା ମାଳବିକାର ବିଶେଷ ଗୁଣ ହେତୁ ଗଣଦାସ ପ୍ରଶଂସା ପାଇଲେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

मधु०—अह मालविआगदं कोलीणं कीरिसं सुणिअदि ? (अथ मालविकागतं कौलीनं कीदृशं श्रूयते ?)

समा०—बाढं क्रिल तस्सिं साभिलासो भट्टा । किंतु केवलं देवीए धारिणीए चित्तं रक्खन्तो अत्तणो पहुत्तं ण दंसेदि । मालविआ वि इमेसु दिअसेसु अणुहूदमुत्ता विअ मालदीमाला मिलाणा लक्खीअदि । अदो अवरं ण आणे । विसज्जेहि मं । (बाढं किल तस्यां साभिलाषो भर्ता । किंतु केवलं देव्या धारिण्याश्चित्तं रक्षन्नात्मनः प्रभुत्वं न दर्शयति । मालविकाप्येषु दिवसेष्वनुभूतमुक्तेव मालतीमाला ग्लाना लक्ष्यते । अतः परं न जाने । विसृज माम् ।)

मधु०—एदं साहावलम्बि वीअपूरअं गेण्ह । (एतच्छाखावलम्बि बीजपूरकं गृहाण ।)

समा०—तह । (इति नाट्येन बीजपूरकं गृहीत्वा ।) हला, तुमं वि अदो पेसलदरं साहुजणसुस्सूसाए फलं पावेहि । (इति प्रस्थिता ।) (तथा । सखि, त्वमप्यतः पेशलतरं साधुजनशुश्रूषायाः फलं प्राप्नुहि ।)

मधु०—हला, समं जेव्व गच्छम्ह । अहं वि इमस्स चिराअमाणकुसुमोग्गमस्स तवणीआसोअस्स दोहलणिमित्तं देवीए णिवेदेमि । (सखि, सममेव गच्छावः । अहमप्यस्य चिरायमाणकुसुमोद्गमस्य तपनीयाशोकस्य दोहदनिमित्तं देव्यै निवेदयामि ।)

समा०—जुज्जइ । अहिआरो क्खु तुह । (युज्यते । अधिकारः खलु तव ।)

(इति निष्क्रान्ते ।)

इति प्रवेशकः ।

(ततः प्रविशति कामयमानावस्थो राजा विदूषकश्च ।)

राजा—(आत्मानं विलोक्य ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମଧୁକରିକା—ଆଚ୍ଛା, ମାଳବିକା ବିଷୟରେ କି କାନକୁହାକୁହି କଥା ଶୁଣିବାକୁ ମିଳୁଛି ?

ସମାହିତିକା—ମହାରାଜ ତା' ପ୍ରତି ଆସକ୍ତ, ଏ କଥା ଠିକ୍ । କିନ୍ତୁ କେବଳ ମହାରାଣୀ ଧାରିଣୀଙ୍କ ମନ ରଖିବାକୁ ସେ ପ୍ରଭୁତ୍ୱ ଦେଖାଉନାହାନ୍ତି । ମାଳବିକା ମଧ୍ୟ ଏହିମଧ୍ୟରେ ପେଷା ହୋଇ କଢ଼ା ହୋଇଥିବା ମାଳତୀମାଳା ପରି ଝାଉଁଳି ପଡୁଥିବାର ଲକ୍ଷ୍ୟ କରାଯାଉଛି । ଏହା ପରେ ମୁଁ ଆଉ ଅଧିକ କିଛି ଜାଣେନାହିଁ । ମୋତେ ବିଦାୟ ଦିଅ ।

ମଧୁକରିକା—ଏଇ ଡ଼ାଳରେ ଓହଳିଥିବା ବୀଜପୂର ନିଅ ।

ସମାହିତିକା—ହେଉ । (ନାଟ୍ୟରେ ବୀଜପୂର ଫଳ ତୋଳି)ସଖୀ, ଏଇ ସାଧୁଜନ-ସେବାରୁ ତୁମେ ଏହାଠାରୁ ବଳି ଉତ୍ତମ ଫଳ ଲାଭ କର ।

ମଧୁକରିକା—ସଖୀ, ସାଙ୍ଗ ହୋଇ ଯିବା । ଏଇ ତପନୀୟ ଅଶୋକ ଗଛରେ ଫୁଲ ଫୁଟିବା ବିଳମ୍ବ ହେଉଛି । ତେଣୁ ଏହାକୁ ଦୋହଦ ଦେବାପାଇଁ ମହାରାଣୀଙ୍କୁ କହିବ ।

ସମାହିତିକା—ଠିକ୍ ଅଛି । ତୁମର ତ ଏହା ଦାୟିତ୍ୱ ।

(ଉଭୟଙ୍କର ପ୍ରସ୍ଥାନ)

ପ୍ରବେଶକ ଶେଷ

(ତା' ପରେ କାମପୀଡ଼ିତ ରାଜାଙ୍କର ପ୍ରବେଶ । ସଙ୍ଗରେ ବିଦୂଷକ)

ରାଜା—(ନିଜକୁ ଗୃହିଁ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

शरीरं क्षामं स्यादसति दयितालिङ्गनसुखे
भवेत्सास्रं चक्षुः क्षणमपि न सा दृश्यत इति।
तया सारङ्गाक्ष्या त्वमसि न कदाचिद्विरहितं
प्रसक्ते निर्वाणे हृदय परितापं व्रजसि किम्?

विदू०—अलं भवदो धीरं उज्झिअ परिदेविदेण। दिट्ठा मए तत्तहोदीए मालविआए पिअसही बउलावलिआ। सुणाविदा अ अत्थं जो भवदा संदिट्ठो। (अलं भवतो धीरत्वमुज्झित्वा परिदेवितेन। दृष्टा मया तत्रभवत्या मालविकायाः प्रियसखी बकुलावलिका। श्राविता चार्थं यो भवता संदिष्टः।)

राजा—ततः किमुक्तवती?

विदू०—विण्णावेहि भट्टारअम्। अणुगहीदम्हि इमिणा णिओएण। किंदु सा तवस्सिणी देवीए अहिअं रक्खन्तीए णाअरक्खिदो विअ णिही ण सुहं समासादइदव्वा। तह वि जइस्सम्। (विज्ञापय भट्टारकम्। अनुगृहीतास्म्यनेन नियोगेन। किंतु सा तपस्विनी देव्याधिकं रक्षन्त्या नागरक्षित इव निधिर्न सुखं समासादयितव्या। तथापि यतिष्ये।)

राजा—भगवन् संकल्पयोने, प्रतिबन्धवत्स्वपि विषयेष्वभिनिवेश्य किं तथा प्रहरसि यथा जनोऽयं न कालान्तरक्षमो भवति। (सविस्मयम्।)

क्व रुजा हृदयप्रमाथिनी क्व च ते विश्वसनीयमायुधम्।
मृदु तीक्ष्णतरं यदुच्यते तदिदं मन्मथ दृश्यते त्वयि ॥ २

विदू०—णं भणामि तस्सिं साहणिज्जे कज्जे किदो मए उवाओवक्खेओ। ता पज्जवत्थावेदु भवं अप्पाणं। (ननु भणामि तस्मिन्साधनीये कार्ये कृतो मयोपायोपक्षेपः। तत्पर्यवस्थापयतु भवानात्मानम्।)

राजा—अथेमं दिवसशेषमुचितव्यापारविमुखेन चेतसा क्व नु खलु यापयामि।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରିୟତମାର ଆଲିଙ୍ଗନସୁଖ ନ ମିଳିଲେ ଶରୀର କ୍ଷୀଣ ହୋଇପାରେ, କ୍ଷଣେମାତ୍ର ତାର ଦର୍ଶନସୁଖ ନ ମିଳିଲେ ଚକ୍ଷୁ ଲୋତକପୂର୍ଣ୍ଣ ହୋଇପାରେ । କିନ୍ତୁ ରେ ହୃଦୟ ! ତୁ ତ ମୃଗାକ୍ଷୀଠାରୁ କେବେ ହେଲେ ବିଚ୍ଛିନ୍ନ ହୋଇନାହୁଁ । ଏ ତ ତୋର ପରମ ସୁଖର ସମୟ, ତା ହେଲେ ତୁ ଏପରି ସନ୍ତାପ ଭୋଗୁଛୁ କାହିଁକି ? ୧

ବିଦୂ—ଆପଣ ଧୈର୍ଯ୍ୟ ହରାଇ ବିଳାପ କରିବାରେ କିଛି ଲାଭ ନାହିଁ । ମୁଁ କଲ୍ୟାଣୀ ମାଳବିକାଙ୍କର ପ୍ରିୟସଖୀ ବକୁଳାବଳିକାକୁ ଦେଖିଥିଲି । ତାକୁ ଆପଣଙ୍କର ସଂବାଦ ମୁଁ କହିଦେଇଛି ।

ରାଜା—ସେ କଅଣ କହିଲା ?

ବିଦୂ—କହିଲା—"ମହାରାଜଙ୍କୁ ଜଣାଇଦିଅ, ଏହି ଆଦେଶ ପାଇ ମୁଁ ଅନୁଗୃହୀତା ହେଲି । କିନ୍ତୁ ବିଚାରୀ ମାଳବିକାକୁ ମହାରାଣୀ ଅଧିକ ସତର୍କତାର ସହିତ ଦେଖାଚାହାଁ କରୁଛନ୍ତି । ତେଣୁ ସର୍ପରକ୍ଷିତ ନିଧି (ଧନରାଶି) ନିକଟକୁ ଯେପରି ଯାଇ ହୁଏ ନାହିଁ, ତା ନିକଟକୁ ସେପରି ଯାଇହେଉନାହିଁ । ତଥାପି ମୁଁ ଚେଷ୍ଟା କରିବ ।"

ରାଜା—ହେ ଭଗବାନ୍ କାମଦେବ ! ଯେଉଁ ବିଷୟ ପ୍ରତିବନ୍ଧକମୟ, ସେଭଳି ବିଷୟରେ ମୋର ଅନୁରାଗ ସୃଷ୍ଟି କରି ତୁମେ ମୋତେ କାହିଁକି ପୀଡ଼ା ଦେଉଛ ? ଯଦ୍ଦ୍ୱାରା ମୁଁ ଆଉ ବେଶୀ ସମୟ ଅପେକ୍ଷା କରିବାକୁ ସମର୍ଥ ନୁହେଁ । (ବିସ୍ମୟର ସହିତ) କାହିଁ ହୃଦୟବିଦୀର୍ଣ୍ଣକାରୀ ପୀଡ଼ା ! କାହିଁ ତୁମର ବିଶ୍ୱାସଯୋଗ୍ୟ ଅସ୍ତ୍ର ! (ଫୁଲର ଶର ଯେ ପୀଡ଼ା ଦେବ, ଏଭଳି ବିଶ୍ୱାସ କରାଯାଇନପାରେ ।) ଲୋକ ଯାହାକୁ କୋମଳ ତଥା ତୀକ୍ଷ୍ଣ ବୋଲି କହନ୍ତି, ତାହା ତୁମଠାରେ ହିଁ ଦେଖାଯାଏ । ୨

ବିଦୂ—ଆଜ୍ଞା, ମୁଁ ପରା କହୁଛି, ସେଇ କାର୍ଯ୍ୟ ସାଧନ ପାଇଁ ମୁଁ ଉପଯୁକ୍ତ ଉପାୟ ଖଞ୍ଜିଛି । ତେଣୁ, ଆପଣ ଧୈର୍ଯ୍ୟ ଧରନ୍ତୁ !

ରାଜା—ମନ ତ କରଣୀୟ କାର୍ଯ୍ୟ ପ୍ରତି ବିମୁଖ । ଏଭଳି ଅବସ୍ଥାରେ ଏହି ସନ୍ଧ୍ୟା-ସମୟ କେଉଁଠାରେ ଅତିବାହିତ କରିବ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—अज्ज एव्व पढमावदारसुहआणि रत्तकुरवआणि उवाअणं पेसिअ णववसन्तावदारव्ववदेसेण इरावदीए णिउणिआमुहेण पत्थिदो भवं—इच्छामि अज्जउत्तेण सह दोलाहिरोहणं अणुहविदुं त्ति। भवदा वि से पडिण्णादं। ता पमदवणं एव्व गच्छम्ह। (अद्यैव प्रथमावतारसुभगानि रक्तकुरबकाण्युपायनं प्रेष्य नववसन्तावतारव्यपदेशेनेरावत्या निपुणिकामुखेन प्रार्थितो भवान्—'इच्छाम्यार्यपुत्रेण सह दोलाधिरोहणमनुभवितुमिति। भवताप्यस्यै प्रतिज्ञातम्। तत्प्रमदवनमेव गच्छावः।)

राजा—न क्षममिदम्।

विदू०—कहं विअ। (कथमिव।)

राजा—वयस्य, निसर्गनिपुणाः स्त्रियः कथमन्यसंक्रान्तहृदयमुपलालयन्तमपि ते सखी न मां न लक्षयिष्यति। अतः पश्यामि—

उचितः प्रणयो वरं विहन्तुं बहवः खण्डनहेतवो हि दृष्टाः।
उपचारविधिर्मनस्विनीनां न तु पूर्वाभ्यधिकोऽपि भावशून्यः॥३

विदू०—णारिहदि भवं अन्तेउरट्ठिदं दक्खिण्णं एक्कपदे पिट्ठदो कादुम्।
(नार्हति भवानन्तःपुरस्थितं दाक्षिण्यमेकपदे पृष्ठतः कर्तुम्।)

राजा—(विचिन्त्य।) तेन हि प्रमदवनमार्गमादेशय।

विदू०—इदो इदो भवं। (इत इतो भवान्।)

(उभौ परिक्रामतः।)

विदू०—णं एदं पमदवणं पवणवलचलाहिं पल्लवङ्गलीहिं तुवरेदि विअ भवन्तं पवेसिदुं। (नन्वेतत्प्रमदवनं पवनवलचलाभिः पल्लवाङ्गुलीभिस्त्वरयतीव भवन्तं प्रवेष्टुम्।)

राजा—(स्पर्शं रूपयित्वा।) अभिजातः खलु वसन्तः। सखे, पश्य—

उन्मत्तानां श्रवणसुभगैः कूजितैः कोकिलानां
सानुक्रोशं मनसिजरुजः सह्यतां पृच्छतेव।
अङ्गे चूतप्रसवसुरभिर्दक्षिणो मारुतो मे
सान्द्रस्पर्शः करतल इव व्यापृतो माधवेन॥ ४

विदू०—पविस णिव्वुदिलाहाअ। (प्रविश निर्वृतिलाभाय।)

(उभौ प्रविशतः।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ଆଜି ପ୍ରଥମ କରି ଫୁଟିଥିବା ଲାଲବର୍ଣ୍ଣ କୁରବକ ଫୁଲଗୁଡ଼ିଏ ଉପହାର ପଠାଇ ରାଣୀ ଇରାବତୀ ଧାରାପୃଷ୍ଟଙ୍କୁ ନବ ବସନ୍ତ ଆଗମନ କରିଛି, ଏହି ସୂଚନା ଦେବା ଆଳରେ ନିପୁଣିକା ମୁଖରେ କହି ପଠାଇଛନ୍ତି—"ଆର୍ଯ୍ୟପୁତ୍ରଙ୍କ ସହିତ ମୁଁ ଦୋଳାଟିରେ ଝୁଲିବା ସୁଖ ଅନୁଭବ କରିବାକୁ ଚାହେଁ ।" ଆପଣ ମଧ୍ୟ ତାଙ୍କୁ ସେଥିପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ଆସନ୍ତୁ ପ୍ରମଦବନକୁ ଯିବା ।

ରାଜା—ବର୍ତ୍ତମାନ ତାହା କରିହେବ ନାହିଁ ।

ବିଦୂ—କାହିଁକି ?

ରାଜା—ବନ୍ଧୁ, ସ୍ତ୍ରୀମାନେ ସ୍ୱଭାବତଃ ଚତୁରା । ମୁଁ ତୁମ ସଖୀ (ରାଣୀ ଇରାବତୀ) ପ୍ରତି ଯେତେ ଅନୁରାଗ ଦେଖାଇଲେ ମଧ୍ୟ ମୋର ହୃଦୟ ଯେ ଅନ୍ୟ ପ୍ରତି ଆସକ୍ତ, ଏହା ତାଙ୍କୁ ଅଲକ୍ଷିତ ରହିବନାହିଁ । ଏଣୁ ମୁଁ ଦେଖୁଛି—

ପ୍ରଣୟ-ଅନୁରୋଧ ଖଣ୍ଡନ କରିଦେବା ବରଂ ଭଲ । ଏଥିପାଇଁ ବହୁତ କାରଣ ମଧ୍ୟ ମିଳିପାରେ । କିନ୍ତୁ ମନସ୍ୱିନୀ ରମଣୀମାନଙ୍କ ପ୍ରତି ପୂର୍ବ ଅପେକ୍ଷା ଅଧିକ ଉତ୍ତମ ବ୍ୟବହାର ଦେଖାଇ ଭିତରେ ଭାବଶୂନ୍ୟ (ପ୍ରୀତିଶୂନ୍ୟ) ରହିବା ଭଲ ନୁହେଁ । ୩

ବିଦୂ—ଅନ୍ତଃପୁରରେ ଆପଣଙ୍କ ଦାକ୍ଷିଣ୍ୟ (ସମସ୍ତଙ୍କ ପ୍ରତି ସମାନ ବ୍ୟବହାର) ବେଶ୍ ଜଣାଶୁଣା । ତାହାକୁ ସହସା ପରିତ୍ୟାଗ କରିଦେବା ଆପଣଙ୍କ ପକ୍ଷରେ ଉଚିତ ହେବନାହିଁ ।

ରାଜା—(ଚିନ୍ତା କରି) ତା' ହେଲେ ପ୍ରମଦବନକୁ ବାଟ ବତାଅ ।

ବିଦୂ—ଏଣେ ଆସନ୍ତୁ, ଏଣେ ।

(ଉଭୟେ ଯିବାରେ ଲାଗିଲେ)

ବିଦୂ—ଏଇ ପ୍ରମଦବନ ପବନରେ ଦୋହଲୁଥିବା ପଲ୍ଲବରୂପକ ଅଙ୍ଗୁଳିରେ ସତେ ଯେପରି ଆପଣଙ୍କୁ ଏଠାରେ ଶୀଘ୍ର ପ୍ରବେଶ କରିବାପାଇଁ ଡ଼ାକୁଛି !

ରାଜା—(ପବନସ୍ପର୍ଶର ସୂଚନା ଦେଇ) ବସନ୍ତର ଆବିର୍ଭାବ ଆଭିଜାତ୍ୟପୂର୍ଣ୍ଣ । ବନ୍ଧୁ ! ଦେଖ—

ବସନ୍ତ ଉନ୍ମତ୍ତ କୋକିଳମାନଙ୍କ ଶ୍ରୁତିସୁଖକର କୂଜନ ଦ୍ୱାରା ସତେ ଯେପରି ଦୟାର ସହିତ ମୋତେ ପଚାରୁଛି—"କାମପୀଡା ସହ୍ୟ ହେଉଛି ତ ?" ପୁଣି ସେ ଆମ୍ରମୁକୁଳର ସୁଗନ୍ଧରେ ସୁଗନ୍ଧିତ ହୋଇଥିବା ଦକ୍ଷିଣା ପବନରୂପକ ଶୀତଳସ୍ପର୍ଶମୟ ହାତ ମୋ ଦେହରେ ବୁଲାଇନେଲା ପରି ମୋତେ ବୋଧ ହେଉଛି । ୪

ବିଦୂ—ଶାନ୍ତି ଲାଭ ପାଇଁ ପ୍ରବେଶ କରନ୍ତୁ ।

(ଉଭୟେ ପ୍ରବେଶ କଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—अवधाणेण दिट्ठिं देहि। एदं क्खु भवन्तं विअ विलोहइदुकामाए पमदवणलच्छीए जुवदीवेसलज्जावइत्तिअं वसन्तकुसुमणेवत्थं गहीदं। (अवधानेन दृष्टिं देहि। एतत्खलु भवन्तमिव विलोभयितुकामया प्रमदवनलक्ष्म्या युवतिवेषलज्जापयितृकं वसन्तकुसुमनेपथ्यं गृहीतम्।)

राजा—ननु विस्मयादवलोकयामि।

रक्ताशोकरुचा विशेषितगुणो बिम्बाधरालक्तकः
प्रत्याख्यातविशेषकं कुरबकं श्यामावदातारुणम्।
आक्रान्ता तिलकक्रिया च तिलकैर्लग्नद्विरेफाञ्जनैः
सावज्ञेव मुखप्रसाधनविधौ श्रीर्माधवी योषिताम्॥ ५

(उभौ नाट्येनोद्यानशोभां निर्वर्णयतः।)

(ततः प्रविशति पर्युत्सुका मालविका।)

माल०--अविण्णादहिअअं भट्टारअं अहिलसन्दी अप्पणो वि दाव लज्जेमि। कुदो विहवो सिणिद्धस्स सहीजणस्स इमं वुत्तन्तं आचक्खिदुं। जाणे अप्पडिआरगरुअं वेअणं केत्तिअं कालं मअणो मं णइस्सदित्ति (इति कतिचित्पदानि गत्वा।) आ, कहिं क्खु पत्थिदम्हि। (इति स्मृतिमभिनीय।) आदिट्ठम्हि देवीए—'मालविए, गोदमचापलादो दोलापरिब्भट्टाए सरुजो मह चलणो। तुमं दाव गदुअ तवणीआसोअस्स दोहलं णिवट्टेहि त्ति। जइ सो पञ्चरत्तब्भन्तरे कुसुमं दंसेदि तदो (इत्यन्तरा निःश्वस्य) अहं अहिलासपूरइत्तअं पसादं दावइस्सं त्ति। ता जाव णिओअभूमिं पढमं गदा होमि, दाव अणुपदं मह चलणालंकारहत्थाए वउलावलिआए आअन्दव्वं। ता परिदेवइस्सं दाव वीसद्धं मुहुत्तअं। (इति परिक्रामति।) [अविज्ञातहृदयं भर्तारमभिलषन्त्यात्मनोऽपि तावल्लज्जे। कुतो विभवः स्निग्धस्य सखीजनस्येमं वृत्तान्तमाख्यातुम्। न जानेऽप्रतिकारगुरुकां वेदनां कियन्तं कालं मदनो मां नेष्यतीति। आः, कुत्र खलु प्रस्थितास्मि। आदिष्टास्मि देव्या—'मालविके, गौतमचापलाद्दोलापरिभ्रष्टायाः सरुजौ मम चरणौ। त्वं तावद्गत्वा तपनीयाशोकस्य दोहदं निर्वर्तयेति। यद्यसौ पञ्चरात्राभ्यन्तरे कुसुमं दर्शयति, ततोऽहमभिलाषपूरयितृकं प्रसादं दापयिष्यामीति। तद्यावन्नियोगभूमिं प्रथमं गता भवामि, तावदनुपदं मम चरणालंकारहस्तया बकुलावलिकयागन्तव्यम्, तत्परिदेवयिष्ये तावद्विस्रब्धं मुहूर्तकम्।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବଟୁ —ମନଯୋଗପୂର୍ବକ ଦେଖନ୍ତୁ । ଏଇ ପ୍ରମଦବନଲକ୍ଷ୍ମୀ (ପ୍ରମଦବନର ଶୋଭା) ସତେ ଯେପରି ଆପଣଙ୍କୁ ମୁଗ୍ଧ କରିବା ଉଦ୍ଦେଶ୍ୟ ରେ ଯୁବତୀମାନଙ୍କ ବେଶକୁ ଲଜ୍ଜା ଦେଲା ଭଳି ବସନ୍ତକୁସୁମ ବେଶ ଧାରଣ କରିଛି ।

ରାଜା—ହଁ, ମୁଁ ଆଶ୍ଚର୍ଯ୍ୟର ସହିତ ଦେଖୁଛି । ଲୋହିତବର୍ଣ୍ଣ ଅଶୋକପୁଷ୍ପର କାନ୍ତି ବିମ୍ବାଧରୀମାନଙ୍କର ଅଧର-ଅଳତାକୁ ବଳିଯାଇଛି । ଶ୍ୟାମଳ, ଧବଳ ତଥା ଲୋହିତ, ଏ ତିନି ସମ୍ମିଳିତ ବର୍ଣ୍ଣର କୁରବକ ପୁଷ୍ପ ରମଣୀମାନଙ୍କ ମଥାର ବିଭିନ୍ନବର୍ଣ୍ଣ ଚିତ୍ରରଚନାକୁ ଜିଣିଯାଇଛି । କଜ୍ଜଳସଦୃଶ ଭ୍ରମରଗଣ ବସିଥିବା ପୁନ୍ନାଗପୁଷ୍ପ (ପୋଲଙ୍ଗଫୁଲ) ଲଲାଟସ୍ଥିତ ତିଳକ ଚିତାକୁ ପରାସ୍ତ କରିଛି । ଏହିପରି, ବୋଧହେଉଛି, ମୁଖ ସଜାଇବାରେ ବସନ୍ତଲକ୍ଷ୍ମୀ ରମଣୀମାନଙ୍କୁ ସତେ ଯେପରି ଅବଜ୍ଞା କରୁଛି ! ୫

(ଉଭୟେ ନାଟ୍ୟରେ ଉଦ୍ୟାନଶୋଭା ଦେଖିବାରେ ଲାଗିଲେ ।) (ତା'ପରେ ଉତ୍କଣ୍ଠିତ ମାଳବିକାର ପ୍ରବେଶ)

ମାଳବିକା—ମୁଁ ଜାଣେନି, ମୋ ପ୍ରତି ମହାରାଜଙ୍କ ହୃଦୟ କିଭଳି । ତଥାପି ମୁଁ ତାଙ୍କୁ ଅଭିଳାଷ କରି ନିଜକୁ ନିଜେ ଲଜ୍ଜା ଅନୁଭବ କରୁଛି । ସ୍ନେହଶୀଳା ପ୍ରିୟସଖୀ ଆଗରେ ଏ କଥା କହିବାକୁ ମୋର ଶକ୍ତି ବା କାହିଁ ? ମୋ ବେଦନାର ତ ପ୍ରତିକାର ନାହିଁ । କେଜାଣି କାମଦେବ ମୋତେ ଏହି ଅବସ୍ଥାରେ କେତେ କାଳ ପକାଇବ । (କେତେକ ପାଦ ଯାଇ) ଆଃ ! ମୁଁ କୁଆଡ଼େ ଯାଉଥିଲିଟି ? (ମନେ ପକାଇବାର ଅଭିନୟ କରି) ମହାରାଣୀ ମୋତେ ଆଦେଶ ଦେଇଛନ୍ତି—''ମାଳବିକା, ଗୌତମଙ୍କର ଚପଳତା ହେତୁ ଦୋଳାରୁ ପଡ଼ିଯାଇ ମୋ ପାଦରେ ଆଘାତ ଲାଗିଛି । ତୁ ବର୍ତ୍ତମାନ ଯାଇ ତପନୀୟ ଅଶୋକ ଗଛରେ ଦୋହଦ ଦେଇଦେ । ଯଦି ଦୋହଦ ଦେବାର ପାଞ୍ଚ ରାତି ଭିତରେ ଏଥିରେ ଫୁଲ ଫୁଟିବ, ତେବେ (ଦୀର୍ଘଶ୍ୱାସ ପକାଇ) ମୁଁ ତୋତେ ତୋର ଅଭିଳାଷ ପୂରଣ କଲା ଭଳି ପୁରସ୍କାର ଦେବ । ତା' ହେଲେ ମୁଁ ତାଙ୍କର ଆଦେଶ ପାଳନ ସ୍ଥାନରେ (ଅଶୋକ-ଗଛ ନିକଟରେ) ପହଞ୍ଚିଲେ ବକୁଳାବଳିକା ମୋର ପାଦନୂପୁର ଅଳଙ୍କାର ନେଇ ସେଠାରେ ପହଞ୍ଚିବ । ତେଣୁ ବର୍ତ୍ତମାନ ମୁଁ ନିରୋଳାରେ ମୁହୂର୍ତ୍ତେ କାନ୍ଦିପକାଏଁ । (ବୁଲିବାରେ ଲାଗିଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(दृष्ट्वा) ही ही, बअस्स, एदं क्खु सीहुपाणुव्वेजिदस्स मच्छ-ण्डिआ उवणदा। (आश्चर्यमाश्चर्यम्। वयस्य, एतत्खलु सीधु-पानोद्वेजितस्य मत्स्यण्डिकोपनता।)

राजा—अये किमेतत्?

विदू०—एसा णादिपरिक्खिदवेसा उस्सुअवअणा एआइणी मालविआ अदूरे वट्टदि। (एषा नातिपरिष्कृतवेषोत्सुकवदनैकाकिनी माल-विकाऽदूरे वर्तते।)

राजा—(सहर्षम्।) कथं मालविका।

विदू०—अह इं। (अथ किम्।)

राजा—शक्यमिदानीं जीवितमवलम्बयितुम्।

त्वदुपलभ्य समीपगतां प्रियां हृदयमुच्छ्वसितं मम विक्लवम्।
तरुवृतां पथिकस्य जलार्थिनः सरितमारसितादिव सारसात्॥ ६

अथ क्व तत्रभवती?

विदू०—एसा तरुराइमज्झादो णिक्कन्ता इदो उज्जेव्व परिवट्टन्ती दीसइ। (एषा तरुराजिमध्यान्निष्क्रान्तेत एव परिवर्तमाना दृश्यते।)

राजा—(विलोक्य, सहर्षम्।) वयस्य, पश्याम्येनाम्।

विपुलं नितम्बदेशे मध्ये क्षामं समुन्नतं कुचयोः।
अत्यायतं नयनयोर्मम जीवितमेतदायाति॥ ७

सखे! पूर्वस्मादतिमनोहरावस्थान्तरमुपारूढा तत्रभवती। तथा हि।

शरकाण्डपाण्डुगण्डस्थलेयमाभाति परिमिताभरणा।
माधवपरिणतपत्रा कतिपयकुसुमेव कुन्दलता॥ ८

विदू०—एसा वि भवं विअ मअणव्वाहिणा परिमिट्ठा भविस्सदि। (एषापि भवानिव मदनव्याधिना परिमृष्टा भविष्यति।)

राजा—सौहार्दमेवं पश्यति।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ - (ଦେଖି) ବାଃ ! ବାଃ ! ବନ୍ଧୁ ! ଏ ତ ମଦ୍ୟପାନବିହ୍ୱଳ ବ୍ୟକ୍ତି ଆଗରେ ମିଶ୍ରି ମିଳିଗଲା !

ରାଜା—ଆହେ ! କଥା କଅଣ ?

ବିଦୂ—ଏଇ ଅଦୂରରେ ଏକାକିନୀ ମାଳବିକା ! ତାଙ୍କର ବେଶ ସାଦାସିଧା, ମୁଖରେ ଉତ୍କଣ୍ଠାର ସୂଚନା ।

ରାଜା—(ଆନନ୍ଦରେ) କଅଣ ! ମାଳବିକା ?

ବିଦୂ—ହଁ ।

ରାଜା —ତା' ହେଲେ ଜୀବନଧାରଣ ବର୍ତ୍ତମାନ ସମ୍ଭବ ।

ସାରସପକ୍ଷୀର କଳରବରୁ ତୃଷାର୍ତ୍ତ ପଥିକ ଯେପରି ଗଛଲତା ଗହଳମଧ୍ୟରେ ଛପି ରହିଥିବା ନଦୀଧାରା ନିକଟରେ ଅଛି ବୋଲି ଜାଣି ଆନନ୍ଦରେ ବିହ୍ୱଳ ହୋଇ ଉଠେ, ସେହି ପରି ତୁମ କଥାରୁ ମୋର ପ୍ରିୟା ନିକଟରେ ଅଛି ବୋଲି ଜାଣି ମୋର ବିରହାର୍ତ୍ତ ହୃଦୟ ଆନନ୍ଦରେ ବିଭୋର ହୋଇଉଠୁଛି । ୬

ତା ହେଲେ ସେ ଆଦରଣୀୟା କେଉଁଠି ?

ବିଦୂ—ଏଇ, ଗଛଗହଳ ଭିତର ଦେଇ ଏଣିକି ଆସୁଥିବାର ଦେଖାଯାଉଛନ୍ତି ।

ରାଜା—(ଖୁସି ସ୍ୱଗତ) ବନ୍ଧୁ, ମୁଁ ତାଙ୍କୁ ଦେଖୁଛି । ପୃଥୁଳ ନିତମ୍ବ, କ୍ଷୀଣ କଟୀ, ଉଚ୍ଚ କୁଚ ଦ୍ୱୟ, ବିଶାଳ ନେତ୍ରଯୁଗଳ । ସତେ ଯେପରି ମୋର ଜୀବନ ରୂପ ଧାରଣ କରି ଏଣିକି ଆସୁଛି ! ୭

ବନ୍ଧୁ, ପୂର୍ବ ଅପେକ୍ଷା କଲ୍ୟାଣୀ ଅଧିକ ସୁନ୍ଦର ଅବସ୍ଥା ଲାଭ କରିଛି । କାରଣ—

ଏହାର ଗଣ୍ଡସ୍ଥଳ କାଶତଣ୍ଡୀ ଫୁଲ ପରି ପାଣ୍ଡୁର ବର୍ଣ୍ଣ ଧାରଣ କରିଛି । ଏ ଅଳ୍ପ କେତୋଟି ମାତ୍ର ଆଭରଣ ପିନ୍ଧିଛି । ତେଣୁ ବସନ୍ତକାଳରେ ପାଚିଲା ପତ୍ର ଓ ଅଳ୍ପ କେତେକ ଫୁଲ ଧାରଣ କରି କୁନ୍ଦଲତା ଯେପରି ଦେଖାଯାଏ, ଏ ସେହିପରି ଦେଖାଯାଉଛି । ୮

ବିଦୂ—ଏ ମଧ୍ୟ ଆପଣଙ୍କ ପରି କାମବ୍ୟାଧିରେ ପୀଡ଼ିତା ହୋଇଥିବେ ।

ରାଜା—ପ୍ରଣୟରୁ ଏଭଳି ଦେଖାଯାଏ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

माल०—अअं सो ललिदसुउमालदोहलापेक्खी अगिहीदकुसुमणेवत्थो उक्कण्ठिदाए सह अणुकरेदि असोओ। जाव एदस्स पच्छाअसीदले सिलापट्टए णिसण्णा अप्पाणं विणोदेमि। (अयं स ललितसुकुमारदोहदापेक्षी अगृहीतकुसुमनेपथ्य उत्कण्ठितायाः समाऽनुकरोत्यशोकः। यावदस्य प्रच्छायशीतले शिलापट्टके निषण्णात्मानं विनोदयामि।)

विदू०—सुदं भवदा उक्कण्ठिदम्हि त्ति तत्तहोदी मन्तेदि। (श्रुतं भवता उत्कण्ठितास्मीति तत्रभवती मन्त्रयते।)

राजा—नैतावता भवन्तं प्रसन्नतर्कं मन्ये। कुतः—

बोढा कुरबकरजसां किसलयपुटभेदशीकरानुगतः।
अनिमित्तोत्कण्ठामपि जनयति मनसो मलयवातः॥ ९

(मालविकोपविष्टा।)

राजा—सखे! इतस्तावदावां लतान्तरितौ भवावः।

विदू०—इरावदिं विअ अदूरे पेक्खामि। (इरावतीमिवादूरे प्रेक्षे।)

राजा—नहि कमलिनीं दृष्ट्वा ग्राहमवेक्षते मतङ्गजः। (इति विलोकयन् स्थितः।)

माल०—हिअअ, णिरवलम्बणादो अदिभूमिलङ्घिणो ते मणोरहादो विरम। किं मं आआसिअ। (हृदय। निरवलम्बनादतिभूमिलङ्घिनो ते मनोरथाद्विरम। किं मामायास्य।)

(विदूषको राजानं वीक्षते।)

राजा—प्रिये! पश्य महत्त्वं स्नेहस्य।

औत्सुक्यहेतुं विवृणोषि न त्वं तत्त्वावबोधैकफलो न तर्कः।
तथापि रम्भोरु करोमि लक्ष्यमात्मानमेषां परिदेवितानाम्॥१०

विदू०—संपदं भवदो णिस्संसअं भविस्सदि। एसा अप्पिदमअणसंदेसा विवित्ते णं बउलावलिआ उवट्ठिदा। (सांप्रतं भवतो निःसंशयं भविष्यति। एषार्पितमदनसंदेशा विविक्ते ननु वकुलावलिकोपस्थिता।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ମାଳବିକା—ଏ ସେଇ ଅଶୋକଗଛ, ଯେ କି ଲଳିତ କୋମଳ ଦୋହଦ (ରମଣୀ-ପାଦାଘାତ) ପାଇବାକୁ ଆଶା କରୁଛି, ଏବଂ ମୁଁ ଯେପରି ପୁଷ୍ପ-ଆଭରଣ ପରିଧାନ ନ କରି ଉତ୍କଣ୍ଠିତା ଅବସ୍ଥାରେ ରହିଛି, ଏ ମଧ୍ୟ ସେହିପରି ଅପୁଷ୍ପିତ ଅବସ୍ଥାରେ, ଦୋହଦଲାଭ-ଉତ୍କଣ୍ଠାରେ ରହିଛି । ଯାଉଛି, ଏହାର ଶୀତଳ ଛାଇରେ ଶିଳାଖଣ୍ଡଟି ଉପରେ ବସି ନିଜକୁ ଆନନ୍ଦିତ କରିବି ।

ବିଦୂ—ଆପଣ ଶୁଣିଲେ ତ ? ଆଦରଣୀୟା ନିଜକୁ ଉତ୍କଣ୍ଠିତା ବୋଲି କହିଲେ ।

ରାଜା—ଏତିକରେ ମୁଁ ତୁମର ଅନୁମାନକୁ ଯଥାର୍ଥ ବୋଲି ମନେ କରୁନାହିଁ । କାରଣ—

କୁରବକ ଫୁଲର ପରାଗ ବହନ କରି, ନୂଆ ପତ୍ରଗୁଡ଼ିକୁ ଫିଟାଇ ତା ମଧ୍ୟରେ ଥିବା ଶିଶିର ବିନ୍ଦୁର ସଂପର୍କରେ ଆସି ଏ ଯେଉଁ ମଳୟ ପବନ ବହୁଛି, ସେ ମଧ୍ୟ ବିନା କାରଣରେ ଉତ୍କଣ୍ଠା ସୃଷ୍ଟି କରିପାରେ । ୯

(ମାଳବିକା ବସିଲେ)

ରାଜା—ବନ୍ଧୁ, ଆମେ ଏଣେ ଲତାକୁଞ୍ଜ ଭିତରେ ଛପିଯିବା ।

ବିଦୂ—ଅଦୂରରେ ଇରାବତୀ ଆସୁଥିବାର ମୁଁ ଦେଖୁଛି ।

ରାଜା—ହସ୍ତୀ କମଳିନୀକୁ ଦେଖିଲେ କୁମ୍ଭୀରକୁ ଡ଼ରେନାହିଁ ।

(ଏହା କହି ଦେଖିବାରେ ଲାଗିଲେ)

ମାଳବିକା—ରେ ହୃଦୟ ! କୌଣସି ଅବଲମ୍ବନ ନ ପାଇ ତୋର ଅଭିଳାଷ ବହୁତ ଦୂର ବଢ଼ିଗଲାଣି । ଏଭଳି ଅଭିଳାଷରୁ ତୁ ବର୍ତ୍ତମାନ ନିବୃତ୍ତ ହୁଅ । ମୋତେ କଷ୍ଟ ଦେଇ ତୋର ଲାଭ କଅଣ ?

(ବିଦୂଷକ ରାଜାଙ୍କ ଆଡ଼କୁ ଚାହିଁଲେ)

ରାଜା—ପ୍ରିୟେ, ଦେଖ, ପ୍ରେମର କି ମହତ୍ତ୍ୱ ! ତୁମେ ତୁମ ଉତ୍କଣ୍ଠାର କୌଣସି କାରଣ ପ୍ରକାଶ କରୁନାହଁ ! ଅନୁମାନ ମଧ୍ୟ କେବେହେଲେ ଯଥାର୍ଥ କଥା ପ୍ରକାଶ କରି ପାରେନାହିଁ ! ତଥାପି ଗୋ ରମ୍ଭୋରୁ ! ମୁଁ ନିଜକୁ ହିଁ ତୁମ ବିଳାପର ଲକ୍ଷ୍ୟସ୍ଥଳ ବୋଲି ମନେ କରୁଛି । ୧୦

ବିଦୂ—ବର୍ତ୍ତମାନ ଆପଣଙ୍କର ସବୁ ସନ୍ଦେହ ତୁଟିଯିବ । ଯେଉଁ ବକୁଳାବଳିକାକୁ ଆପଣଙ୍କର କାମସନ୍ଦେଶ (ମାଳବିକା ପ୍ରତି ଆପଣଙ୍କର ଅଭିଳାଷ ବିଷୟକ ସମ୍ବାଦ) ଦିଆଯାଇଥିଲା, ସେ ବର୍ତ୍ତମାନ ଏଇ ନିର୍ଜନ ସ୍ଥାନକୁ ମାଳବିକାଙ୍କ ନିକଟକୁ ଆସୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—अपि स्मरेदसावस्मदभ्यर्थनाम् ।

विदू०—किं दाणिं एसा दासीए दुहिता तुह गुरुअं संदेसं विसुमरेदि । अहं दाव ण विसुमरेमि । (किमिदानीमेषा दास्या दुहिता तव गुरुकं संदेशं विस्मरति । अहं तावन्न विस्मरामि ।)

(प्रविश्य चरणालंकारहस्ता बकुलावलिका ।)

बकु०—अवि सुहं सहीए । (अपि सुखं सख्याः ।)

माल०—अम्हो ! बउलावलिआ उवट्ठिदा । सहि, साअदं दे । उवविस । (अहो ! बकुलावलिकोपस्थिता । सखि, स्वागतं ते । उपविश ।)

बकु०—(उपविश्य ।) हला, तुमं दाणिं जोग्गदाए णिउत्ता । ता एक्कं दे चलणं उवणेहि, जाव सालत्तअं सणूउरं अ करेमि । (सखि, त्वमिदानीं योग्यतया नियुक्ता । तस्मादेकं ते चरणमुपनय यावत्सालक्तकं सनूपुरं च करोमि ।)

माल०—(आत्मगतम् ।) हिअअ, अलं सुहिदाए, उवट्ठिदो अअं विहवो । कहं दाणिं अत्ताणं मोचेअं । अहवा एदं एव्व मे मित्तूमण्डणं भविस्सदि । (हृदय ! अलं सुखितया, उपस्थितोऽयं विभवः । कथं वेदानीमात्मानं मोचयेयम् । अथवा एतदेव मे मृत्युमण्डनं भविष्यति ।)

बकु०—किं विआरेसि । उस्सुआ क्खु इमस्स तवणीआसोअस्स कुसुमोग्गमे देवी । (किं विचारयसि । उत्सुका खल्वस्य तपनीयाशोकस्य कुसुमोद्गमे देवी ।)

राजा—कथमशोकदोहदनिमित्तोऽयमारम्भः ।

विदू०—किं णु क्खु जाणासि तुमं । मह कालणादो देवी मं अन्तेउरणेवच्छेण योजइस्सदि त्ति । (किं खलु जानासि त्वं मम कारणाद्देवी इमामन्तःपुरनेपथ्येन योजयिष्यतीति)

माल०—हला, मरिसेहि दाव णं । (इति पादमुपहरति ।) (सखि ! मर्षय तावदेनम् ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ସେ କଅଣ ଆମର ଅନୁରୋଧ ବିଷୟ ସ୍ମରଣ କରିପାରିବ ?

ବିଦୂ—ସେ ଦାସୀପୁତ୍ରୀ କଅଣ ଆପଣଙ୍କର ଏତେ ବଡ଼ ସମ୍ବାଦକୁ ଭୁଲିଯାଇପାରିବ ? ନାହିଁ, ମୁଁ ତ ଭୁଲିପାରୁନାହିଁ !

(ପାଦ-ଅଳଙ୍କାର ଧରି ବକୁଳାବଳିକାର ପ୍ରବେଶ)

ବକୁଳା—ସଖୀଙ୍କର ସବୁ କୁଶଳ ତ ?

ମାଳବିକା— ଆଃ ! ବକୁଳାବଳିକା ଆସିଲଣି ! ସଖୀ, ତୁମକୁ ସ୍ୱାଗତ । ବସ।

ବକୁଳା—(ବସି)ସଖୀ, ତୁମକୁ ଯୋଗ୍ୟା ଦେଖି ଏହି କାମରେ (ଅଶୋକବୃକ୍ଷରେ ପାଦାଘାତରୂପ ଦୋହଦ ଦେବାରେ) ନିୟୋଜିତ କରିଯାଇଛି । ତେଣୁ, ତୁମେ ଗୋଟିଏ ପାଦ ବଢ଼ାଇଦିଅ, ମୁଁ ଅଳତା ପିନ୍ଧାଇଦେବି, ନୂପୁର ବାନ୍ଧିଦେବି ।

ମାଳବିକା—(ସ୍ୱଗତ) ହୃଦୟ ! ତୋର ସୁଖରେ ବା କି ପ୍ରୟୋଜନ ? ଏ ବିଭବ ବର୍ତ୍ତମାନ ମିଳିଛି । କିପରି ବା ନିଜକୁ ମୁକ୍ତ କରିବି ? ଅଥବା ଏହା ହିଁ ମୋର ମୃତ୍ୟୁକାଳୀନ ମଣ୍ଡନ ହେବ ।

ବକୁଳା—କଅଣ ବିଚାର କରୁଛ ? ମହାରାଣୀ ଏଇ ତପନୀୟ ଅଶୋକ ଗଛରେ ଫୁଲ ଦେଖିବାକୁ ଅତ୍ୟନ୍ତ ଆଗ୍ରହୀ ।

ରାଜା— କଅଣ ? ଅଶୋକ ଗଛରେ ଦୋହଦ ଦେବାପାଇଁ ପ୍ରସ୍ତୁତି ଚାଲିଛି କି ?

ବିଦୂ—କଅଣ ଆପଣ ମନେ କରୁଥିଲେ କି ଆପଣଙ୍କ ପାଇଁ ମହାରାଣୀ ଏହାଙ୍କୁ ଅନ୍ତଃପୁରବେଶରେ (ରାଣୀବେଶରେ) ସଜାଇବେ ବୋଲି ?

ମାଳବିକା--ସଖୀ, ମୋତେ କ୍ଷମା କର । (ଗୋଟିଏ ପାଦ ବଢ଼ାଇଦେଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

बकु०—अइ, सरिरअं सि मे। (इति नाट्येन चरणसंस्कारमारभते।)
(अयि, शरीरमसि मे ।)

राजा—चरणान्तनिवेशितां प्रियायाः सरसां पश्य वयस्य रागलेखाम् ।
प्रथमामिव पल्लवप्रसूतिं हरदग्धस्य मनोभवद्रुमस्य ॥ ११

विदू०—चलणाणुरूवो तत्तहोदीए अहिआरो उवक्खित्तो । (चरणानुरूपस्तत्रभवत्या अधिकार उपक्षिप्तः ।)

राजा—सम्यगाह भवान् ।

नवकिसलयरागेणाग्रपादेन बाला
स्फुरितनखरुचा द्वौ हन्तुमर्हत्यनेन ।
अकुसुमितमशोकं दोहदापेक्षया वा
प्रणमितशिरसं वा कान्तमार्द्रापराधम् ॥ १२

विदू०—पहरिस्सदि तत्तहोदी तुमं अवरद्धम् । (प्रहरिष्यति तत्रभवती त्वामपराद्धम् ।)

राजा—मूर्ध्ना प्रतिगृहीतं वचः सिद्धिदर्शिनो ब्राह्मणस्य ।

(ततः प्रविशति युक्तमदा इरावती चेटी च)

इरा०—हञ्जे णिउणिए, सुणामि बहुसो मदो किल इत्थिआजणस्स विसेसमण्डणं त्ति । अवि सच्चो एसो लोअवाओ । (चेटि निपुणिके, श्रृणोमि बहुशो मदः किल स्त्रीजनस्य विशेषमण्डनमिति । अपि सत्य एष लोकवादः ।)

निपु०—पढमं लोअवाओ एव अज्ज सच्चो संवुत्तो । (प्रथमं लोकवाद एवाद्य सत्यः संवृत्तः ।)

इरा०—अलं मयि सिणेहेण । कहेहि कुदो दाणिं ओगमिदव्वं दोलाघरं पढमं गदो भट्टा ण वेत्ति । (अलं मयि स्नेहेन । कथय कुत इदानीमवगन्तव्यं दोलागृहं प्रथमं गतो भर्ता न वेति ।)

निपु०—भट्टिणीए अखण्डिदादो पणआदो । (भट्टिन्या अखण्डितात् प्रणयात् ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବକୁଳା—ଆଗୋ, ତୁମେ ତ ମୋର ଶତ୍ରୁ (ଅତ ଆପଣାର) ।
(ଏହା କହି ନାଟ୍ୟରେ ପାଦରେ ରଙ୍ଗ ଦେଇ ସଜାଇଲା ।)

ରାଜା—ବନ୍ଧୁ ! ଦେଖ—

ପ୍ରିୟାର ପାଦରେ ସଦ୍ୟ ଲଗାହୋଇଥିବା ଆର୍ଦ୍ର ରଙ୍ଗର ରେଖାକୁ ଦେଖିଲେ ମନେ ହେଉଛି, ସତେ ଯେପରି ଶିବଙ୍କ ଦ୍ୱାରା ଦଗ୍ଧ ହୋଇଥିବା କନ୍ଦର୍ପ ରୂପୀ ବୃକ୍ଷରେ ପୁଣି ନୂଆ କର ପତ୍ର କଅଁଳଛି ! ୧୧

ବିଦୂ—ମହାରାଣୀ ଉପଯୁକ୍ତ ପାଦକୁ ଉପଯୁକ୍ତ ଅଧିକାର ଦେଇଛନ୍ତି ।

ରାଜା—ତୁମେ ଠିକ୍ କହିଲ ।

ଏ ବାଳାର ନବପଲ୍ଲବ ସଦୃଶ ପାଦରେ ନଖଗୁଡ଼ିକର କାନ୍ତି ସ୍ଫୁରିତ ହୋଇ ଉଠୁଛି । ଏଭଳି ପାଦରେ ଏ ଦୁଇ ଜଣଙ୍କୁ ପ୍ରହାର କରିପାରେ—ଦୋହଦ ପାଇଁ ଆଶା କରୁଥିବା, ଅପୁଷ୍ପିତ ଅବସ୍ଥାରେ ଥିବା ଅଶୋକବୃକ୍ଷକୁ କିମ୍ବା ସଦ୍ୟ ଅପରାଧ କରି ପାଦତଳେ ପ୍ରଣାମ କରୁଥିବା ପ୍ରିୟତମକୁ । ୧୨

ବିଦୂ—ଆପଣ ହିଁ ଅପରାଧୀ । ଆଦରଣୀୟା ଆପଣଙ୍କ ଉପରେ ହିଁ ପଦପ୍ରହାର କରିବେ ।

ରାଜା—ସିଦ୍ଧିଦର୍ଶୀ ବ୍ରାହ୍ମଣଙ୍କର ବଚନ ଶିରୋଧାର୍ଯ୍ୟ ।
(ତା' ପରେ ମଦମତ୍ତା ଇରାବତୀଙ୍କର ପ୍ରବେଶ । ସାଙ୍ଗରେ ଜଣେ ଦାସୀ)

ଇରାବତୀ—ଆଲୋ ନିପୁଣିକା, ମୁଁ ଶୁଣେ, ମଦ ହେଉଛି ସ୍ତ୍ରୀଲୋକଙ୍କର ଅସାଧାରଣ ଅଳଙ୍କାର । ଏହି ଲୋକପ୍ରବାଦ କଅଣ ଠିକ୍ ?

ନିପୁଣିକା—ପ୍ରଥମେ ଏହା ଲୋକପ୍ରବାଦ ଥିଲା, ବର୍ତ୍ତମାନ (ଆପଣଙ୍କଠାରେ) ଏହା ସତ୍ୟ ପ୍ରମାଣିତ ହୋଇଛି ।

ଇରାବତୀ—ମୋଠାରେ ବେଶୀ ସ୍ନେହ ଦେଖାନା । ବର୍ତ୍ତମାନ କହ, ମହାରାଜ ଦୋଳାଗୃହକୁ ଗଲେଣି କି ନା, ଏ କଥା କାହାଠାରୁ ଜାଣିବା ?

ନିପୁଣିକା—ରାଣୀଙ୍କର ମହାରାଜଙ୍କ ପ୍ରତି ଯେଉଁ ଅଗାଧ ପ୍ରେମ, ତାହାରଠାରୁ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

इरा०—अलं सेवाए । मज्झत्थदं परिगहिअ भणाहि । (अलं सेवया । मध्यस्थतां परिगृह्य भण ।)

निपु०—वसन्तोस्सवुवाअणलोलुवेण अज्जगोदमेण कहिअं तुवरदु भट्टिणी त्ति । (वसन्तोत्सवोपायनलोलुपेनार्यगौतमेन कथितं त्वरतां भट्टिनीति ।)

इरा०—(अवस्थासदृशं परिक्रम्य ।) हञ्जे । मदेण किलाअमाणं अत्ताणं अज्जउत्तस्स दंसणे हिअअं तुवरेदि । चलणा उण ण मह पसरन्ति । (चेटि, मदेन क्लाम्यमानमात्मानमार्यपुत्रस्य दर्शने हृदयं त्वरयति । चरणौ पुनर्न मम प्रसरतः ।)

निपु०—णं संपत्तं म्ह दोलाघरं । (ननु संप्राप्ते स्वो दोलागृहम् ।)

इरा०—णिउणिए, अज्जउत्तो एत्थ ण दीसदि । (निपुणिके, आर्यपुत्रोऽत्र न दृश्यते ।)

निपु०—णं भट्टिणीए ओलोअदु । परिहासणिमित्तं कहिं वि अदिट्ठेण भत्तुणा होदव्वं । अम्हे वि पिअङ्गुलदापरिक्खित्तं असोअ-सिलापट्टअं पविसामो । (ननु भट्टिन्यवलोकयतु । परिहासनिमित्तं कुत्राप्यदृष्टेन भर्त्रा भवितव्यम् । आवामपि प्रियङ्गुलतापरि-क्षिप्तमशोकशिलापट्टकं प्रविशावः ।)

इरा०—तह (तथा ।)

निपु०—(विलोक्य ।) ओलोअदु भट्टिणी चूदङ्कुरं विचिणन्तीणं पिपीलिआहिं दंसिदं । (अवलोकयतु भट्टिनी चूताङ्कुरं विचि-न्वत्योः पिपीलिकाभिर्दष्टम् ।)

इरा०—कहं विअ एदं । (कथमिवेदम् ।)

निपु०— एसा असोअपादवच्छाआए मालविआए बउलावलिआ चलणालंकारं णिव्वट्टेदि । (एषाशोकपादपच्छायायां माल-विकाया बकुलावलिका चरणालंकारं निर्वर्तयति ।)

इरा०—(शङ्कां रूपयित्वा ।) अभूमी इअं मालविआए, कहं एत्थ तक्केसि । (अभूमिरियं मालविकायाः, कथमत्र तर्कयसि ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ଇରାବତୀ—ତୋଷାମୋଦ ଦରକାର ନାହିଁ, ନିର୍ଲିପ୍ତ ଭାବରେ କହ ।

ନିପୁଣିକା—ବସନ୍ତ- ଉତ୍ସବରେ ଉପହାର ପାଇବାକୁ ଲାଳାୟିତ ଥିବା ଗୌତମ (ବିଦୂଷକ) କହୁଛନ୍ତି ଯେ ରାଣୀ (ଇରାବତୀ)ଶୀଘ୍ର ଆସନ୍ତୁ ।

ଇରାବତୀ—(ନିଶାଗ୍ରସ୍ତ ଅବସ୍ଥାରେ ଗତି କରି) ଆଲୋ ଦାସୀ ! ମୋତେ ମଦନିଶା ଧରିଛି । ଆର୍ଯ୍ୟପୁତ୍ରଙ୍କ ନିକଟକୁ ଯିବାପାଇଁ ହୃଦୟ ବ୍ୟଗ୍ର ହୋଇ ଉଠୁଛି, କିନ୍ତୁ ପାଦ ଉଠୁନାହିଁ ।

ନିପୁଣିକା—ଓ ! ଆମେ ତ ଦୋଳାଗୃହ ପାଖରେ ପହଞ୍ଚି ଯାଇଥାଇଁ ।

ଇରାବତୀ—ନିପୁଣିକା, ଆର୍ଯ୍ୟପୁତ୍ର ତ ଏଠାରେ ଦେଖା ଯାଉନାହାନ୍ତି !

ନିପୁଣିକା—ଆପଣ ଦୃଷ୍ଟିପାତ କରନ୍ତୁ । ମହାରାଜ ହୁଏତ ପରିହାସ କରିବାକୁ କେଉଁଠି ଲୁଚି ରହିଥିବେ । ଆସନ୍ତୁ, ଆମେ ଦୁହେଁ ମଧ୍ୟ ଦ୍ରାକ୍ଷାଲତା ବେଷ୍ଟିତ ଅଶୋକଗଛର ତଳେ ଶିଳାଖଣ୍ଡ ଉପରେ ବସିବା ।

ଇରାବତୀ—ହିଁ, ସେଇଆ କରିବା ।

ନିପୁଣିକା—(ଚାହିଁ) ଦେଖନ୍ତୁ ରାଣୀ ! ଆମେ ଆମ୍ବ ବଉଳ ଖୋଜୁଥିଲେ, ଏଣେ ପିମ୍ପୁଡ଼ି ଆମକୁ କାମୁଡ଼ିବାରେ ଲାଗିଲେ !

ଇରାବତୀ—କଥା କଅଣ ?

ନିପୁଣିକା—ଅଶୋକଗଛର ଛାଇରେ ବକୁଳାବଳିକା ମାଳବିକାର ପାଦରେ ଅଳଙ୍କାର ପିନ୍ଧାଉଛି ।

ଇରାବତୀ—(ଶଙ୍କା ଅଭିନୟ କରି) ମାଳବିକାର ତ ଏଠିକି ଆସିବାର କଥା ନୁହେଁ । ତାର ଏଠିକି ଆସିବାର କାରଣ କଅଣ ତୁ ମନେ କରୁଛୁ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निपु०--तक्केमि दोलापरिब्भंसिदाए सरुअचलणाए देवीए असोअ-दोहलाहिआरे मालविआ णिउत्तेत्ति । अण्णहा कहं देवी सअं धारिअं णूउरजुअलं परिअणस्स अब्भणुजाणिस्सदि । (तर्कयामि दोलापरिभ्रष्टया सरुजचरणया देव्याऽशोकदोहदाधिकारे मालविका नियुक्तेति । अन्यथा कथं देवी स्वयंधारितं नूपुरयुगलं परिजनस्याभ्यनुज्ञास्यति ।)

इरा०—महदी क्खु से संभावणा । (महती खल्वस्याः संभावना ।)

निपु०—किं ण अण्णेसीअदि भट्टा । (किं नान्विष्यते भर्ता ।)

इरा०—हला, ण मे चलणा अण्णदो पवट्टन्ति । मदो मं विआरेदि । आसङ्किदस्स दाव अन्तं गमिस्सं । (मालविकां निर्वर्ण्य । निरूप्यात्मगतम् ।) ठाणे क्खु कादरं मे हिअअं। (सखी, न मे चरणावन्यतः प्रवर्तेते। मदो मां विकारयति। आशङ्कितस्य तावदन्तं गमिष्यामि । स्थाने खलु कातरं मे हृदयम् ।)

बकु०—(मालविकायै चरणं दर्शयन्ती ।) अवि रोअदि दे राअरेहाविण्णासो । (अपि रोचते ते रागरेखाविन्यासः ।)

माल०—हला अत्तणो चलणं त्ति लज्जेमि णं पसंसिदुं । केण पसाहणकलाए अहिविणीदासि । (सखि, आत्मनश्चरण इति लज्जे एनं प्रशंसितुम् । केन प्रसाधनकलायामभिविनीतासि ।)

बकु०—एत्थ क्खु भत्तुणो सीस्सम्हि । (अत्र खलु भर्तुः शिष्यास्मि ।)

विदू०—तुवरेहि दाव णं गुरुदक्खिणए । (त्वरय तावदेनां गुरुदक्षिणायै ।)

माल०—दिट्ठिआ ण गव्विदासि । (दिष्ट्या न गर्वितासि ।)

बकु०—उवदेसाणुरूवा चलणा लम्भिअ अज्ज दाव गव्विदा भविस्सं । (रागं विलोक्यात्मगतम् ।) हन्त, सिद्धं मे दुत्थम् । (प्रकाशम् ।) सहि, एक्कस्स दे चलणस्स अवसिदो राअणिक्खेवो । केवलं मुहमारुदो लम्भइदव्वो । अहवा पवादं एदं ठाणं । [उपदेशानुरूपौ चरणौ लब्ध्वाद्य तावद् गर्विता भविष्यामि । हन्त, सिद्धं मे दूत्यम् । सखि ! एकस्य ते चरणस्यावसितो रागनिक्षेपः । केवलं मुखमारुतो लम्भयितव्यः । अथवा प्रवातमेतत् स्थानम् ।]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିପୁଣିକା--ମୁଁ ଅନୁମାନ କରୁଛି, ଦେବୀ ଦୋଳାରୁ ପଡ଼ିଯାଇଥିବାରୁ ତାଙ୍କ ପାଦରେ ଆଘାତ ଲଗିଛି, ତେଣୁ ସେ ଅଶୋକ ଗଛକୁ ଦୋହଦ ଦେବା-ପାଇଁ ମାଳବିକାକୁ ନିଯୁକ୍ତ କରିଛନ୍ତି । ତା ନ ହୋଇଥିଲେ ଦେବୀ ଯେଉଁ ନୂପୁର ଯୋଡ଼ା ନିଜେ ପିନ୍ଧନ୍ତି, ତାହାକୁ ପରଗୃହକାର ପାଦରେ ପିନ୍ଧିବା-ପାଇଁ କଅଣ ଅନୁମତି ଦେଇଥାଆନ୍ତେ ?

ଇରାବତୀ—ମାଳବିକା ବିଷୟରେ ମୋତେ ବଡ ସନ୍ଦେହ ଲଗୁଛି ।

ନିପୁଣିକା—ମହାରାଜଙ୍କୁ ଆମେ କାହିଁକି ନ ଖୋଜିବା ?

ଇରାବତୀ—ସଖୀ, ମୋ ପାଦ ଆଉ ଆଗକୁ ଯାଉନାହିଁ । ମଦନଶା ମୋତେ ଆସ୍ୱତ୍ତ କରିନେଲଣି । ତଥାପି ଆଗେ ମୁଁ ସନ୍ଦେହ ଦୂର କରିନେବି । (ମାଳବିକାକୁ ନିରୀକ୍ଷଣ କରି ସ୍ୱଗତ) ମୋର ହୃଦୟ ଯେ କାତର ହେଉଛି, ତାହା ଯଥାର୍ଥ ।

ବକୁଳା—(ମାଳବିକାକୁ ତାର ପାଦ ଦେଖାଇ) ତୁମ ପାଦରେ ଅଲତା-ରଙ୍ଗର ପ୍ରସାଧନ ତୁମକୁ ଭଲ ଦେଖାଯାଉଛି ?

ମାଳବିକା—ସଖୀ ! ନିଜର ପାଦ ବୋଲି ପ୍ରଶଂସା କରିବାକୁ ମୋତେ ଲଜମାଡ଼ୁଛି। ତୁମେ କାହାଠାରୁ ଏ ପ୍ରସାଧନକଳା ଶିଖିଲ ?

ବକୁଳା—ଏ ବିଷୟରେ ମୁଁ ମହାରାଜଙ୍କର ଶିଷ୍ୟା ।

ବିଦୂ--ବନ୍ଧୁ, ଶୀଘ୍ର ଆପଣ ଯାଆନ୍ତୁ, ତାକୁ ଗୁରୁଦକ୍ଷିଣା ମାଗନ୍ତୁ ।

ମାଳ—ସୌଭାଗ୍ୟକୁ ତୋ ମନରେ ଗର୍ବ ନାହିଁ ।

ବକୁଳା—ମୋ ଶିକ୍ଷାର ଉପଯୁକ୍ତ ପାଦଦୁଇଟି ପାଇ ଆଜି ହିଁ ମୁଁ ଗର୍ବିତା ହେବି । (ରଙ୍ଗ ଦେଖି ସ୍ୱଗତ) ବାଃ ! ଆଜି ମୋର ଦୂତୀକାର୍ଯ୍ୟ ସିଦ୍ଧ ହେଲା । (ପ୍ରକାଶ୍ୟରେ) ସଖୀ, ତୁମର ଗୋଟିଏ ପାଦରେ ରଙ୍ଗବୋଳା ଶେଷ ହେଲା । କେବଳ ମୁହଁରେ ଫୁଙ୍କି ତାହା ଶୁଖାଇଦେବି । ଅଥବା ଏ ସ୍ଥାନରେ ତ ଭଲ ପବନ ବହୁଛି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—सखे, पश्य—

आर्द्रालक्तकमस्याश्चरणं मुखमारुतेन शोषयितुम् ।
प्रतिपन्नः प्रथमतरः संप्रति सेवावकाशो मे ॥ १३

विदू०—कुदो दे अणुसओ । एदं भवदा चिरक्कमेण अणुभविदव्वं । (कुतस्तेऽनुशयः । एतद् भवता चिरक्रमेणानुभवितव्यम् ।)

बकु०—सहि ! अरुणसतपत्तं विअ सोहृदि दे चलणं । सव्वहा भत्तुणो अङ्कपरिवट्टिणी होहि । (सखि ! अरुणशतपत्रमिव शोभते ते चरणम् । सर्वथा भर्तुरङ्कपरिवर्तिनी भव ।)

(इरावती निपुणिकामवेक्षते ।)

राजा—ममेयमाशीः ।

माल०—हला, मा अविणीअं मन्तेहि । (सखि ! मा अविनीतं मन्त्रयस्व ।)

बकु०—मन्तइदव्वं एव्व मन्तिदं मए । (मन्त्रयितव्यमेव मन्त्रितं मया ।)

माल०—पिआ क्खु अहं तव । (प्रिया खल्वहं तव ।)

बकु०—ण केवलं मह । (न केवलं मम ।)

माल०—कस्स वा अण्णस्स । (कस्य वान्यस्य ।)

बकु०—गुणेसु अहिणिवेसिणो भत्तुणो वि । (गुणेष्वभिनिवेशिनो भर्तुरपि ।)

माल०—अलीअं मन्तेसि । एदं एव्व मयि णात्थि । (अलीकं मन्त्रयसे । एतदेव मयि नास्ति ।)

बकु०—सच्चं तुयि णत्थि । भत्तुणो किसेसु सुन्दरपाण्डुरेसु दीसइ अङ्गेसु । (सत्यं त्वयि नास्ति । भर्तुः कृशेषु सुन्दरपाण्डुरेषु दृश्यतेऽङ्गेषु ।)

निपु०—पढमं गणिदं विअ हदासए उत्तरं । (प्रथमं गणितमिव हताशाया उत्तरम् ।)

बकु०—अणुराओ अणुराएण परिक्खिदव्वो त्ति सुअणवअणं पमाणीकरेहि । (अनुरागोऽनुरागेण परीक्षितव्य इति सुजनवचनं प्रमाणीकुरु ।)

माल०—किं अत्तणो छन्देण मन्तेसि । (किमात्मनश्छन्देन मन्त्रयसि ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ବନ୍ଧୁ, ଦେଖ—

ଏହାର ପାଦରେ ବୋଳା ହୋଇଥିବା ଓଦା ଅଲତାରଙ୍ଗକୁ ମୁହଁର ଫୁଙ୍କପବନରେ ଶୁଖାଇଦେବାର ସୁଯୋଗ ମୋତେ ମିଳୁଛି । ତାର ସେବା କରିବାକୁ ଏହା ମୋର ପ୍ରଥମ ସୁଯୋଗ । ୧୩

ବିଦୂ—ମନରେ ଏତେ ଖେଦ କାହିଁକି ? ଏଭଳି ସେବା କରିବା ସୁଖ ତ ଆପଣଙ୍କୁ ଦୀର୍ଘକାଳ ମିଳିବ ।

ବକୁଳା—ସଖୀ, ଲାଲବର୍ଣ୍ଣର ପଦ୍ମ ପରି ତୁମର ପାଦ-ଶୋଭା ପାଉଛି । ମହାରାଜଙ୍କର ପ୍ରିୟତମା ହୁଅ ।

ରାଜା—ଏହା ମୋ ପ୍ରତି ମଧ୍ୟ ଆଶୀର୍ବାଦ ।

ମାଳବିକା—ସଖୀ, ଅବିନୀତ କଥା କହନାହିଁ ।

ବକୁଳା—ଯାହା କୁହାଯିବା ଉଚିତ, ତାହା କହିଲି ।

ମାଳବିକା—ମୁଁ ତୁମର ପ୍ରିୟ ଲୋକ ବୋଲି ।

ବକୁଳା—କେବଳ ମୋର ନୁହଁ ।

ମାଳବିକା—ଆଉ ବା କାହାର ?

ବକୁଳା—ଗୁଣଗ୍ରାହୀ ମହାରାଜଙ୍କର ମଧ୍ୟ ।

ମାଳବିକା—ତୁମେ ମିଛ କହୁଛ । ଏଭଳି ଗୁଣ ମୋଠାରେ ନାହିଁ ।

ବକୁଳା—ସତରେ ତୁମଠାରେ ନାହିଁ, ଅଛି ମହାରାଜାଙ୍କର କ୍ଷୀଣ ହୋଇଯାଇଥିବା ତଥା ପାଣ୍ଡୁରବର୍ଣ୍ଣ ଧାରଣ କରିଥିବା ଶରୀରରେ ।

ନିପୁଣିକା—ଏ ଦୁଷ୍ଟା ଆଗରୁ ଗଣିରଖିଥିଲା ଭଳି ତ ଉତ୍ତର ଦେଉଛି ।

ବକୁଳା—ଅନୁରାଗକୁ ଅନୁରାଗରେ ହିଁ ପରୀକ୍ଷା କରାଯାଏ—ସୁଜନମାନଙ୍କର ଏହି ଉକ୍ତିକୁ ପ୍ରମାଣ ବୋଲି ଜାଣ ।

ମାଳବିକା—ନିଜ ମନକୁ ଭଲ ଲାଗିଲା ଭଳି କ'ଣ ସବୁ କହୁଯାଉଛ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

बकु०—णहि णहि । भत्तुणो क्खु एदाइं पणअमिदुलाइं अक्खराइं वत्तन्तरिदाइं । (नहि नहि । भर्तुः खल्वेतानि प्रणयमृदुलान्यक्षराणि वक्त्रान्तरितानि ।)

माल०—हला, देवीं चिन्तिअ ण मे हिअअं विस्ससदि । (सखि ! देवीं चिन्तयित्वा न मे हृदयं विश्वसिति ।)

बकु०—मुद्धे, भमरसंपादो भविस्सदि त्ति वसन्तावदारसव्वस्सं किं ण चूदप्पसवो ओदंसिदव्वो । (मुग्धे ! भ्रमरसंपातो भविष्यतीति वसन्तावतारसर्वस्वं किं न चूतप्रसवोऽवतंसितव्यः ।)

माल०—तुमं दाव दुज्जादे गच्छतस्स सहायिणी होहि । (त्वं तावद्दुर्जाते गच्छतः सहायिनी भव ।)

बकु०—विमद्दसुरही बउलावलिआ क्खु अहं । (विमर्दसुरभिर्बकुलावलिका खल्वहम् ।)

राजा—साधु बकुलावलिके साधु ।

भावज्ञानानन्तरं प्रस्तुतेन प्रत्याख्याने दत्तयुक्तोत्तरेण ।
वाक्येनेयं स्थापिता स्वे निदेशे स्थाने प्राणाः कामिनां दूत्यधीनाः ॥१४

इरा०—हञ्जे, पेक्ख कारिदं एव्व बउलावलिआए एदस्सिं पदं मालविआए । (सखि ! पश्य कारितमेव बकुलावलिकयैतस्मिन्पदं मालविकायाः ।)

निपु०—भट्टिणि, अहिआरस्स उइदो उवदेसो । (भट्टिनि, अधिकारस्योचित उपदेशः ।)

इर०—ठाणे क्खु संकिदं मे हिअअं । गहीदत्था अणन्तरं चिन्तइस्सं । (स्थाने खलु शङ्कितं मे हृदयम् । गृहीतार्थानन्तरं चिन्तयिष्यामि ।)

बकु०—एसो दुदीओ वि दे णिव्वुत्तपरिकम्मा चलणो । जावं णं सणूउरं करेमि । (इति नाट्येन नूपुरयुगलमामुच्य ।) हला, उट्ठेहि । असोअविआसइत्तअं देवीए णिओअं अणुचिट्ठ । (एष द्वितीयोऽपि ते निवृत्तपरिकर्मा चरणः । यावदेनं सनूपुरं करोमि । हला, उत्तिष्ठ । अशोकविकासयितृकं देव्या नियोगमनुतिष्ठ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବକୁଳା—ନା, ନା । ଏହା ମହାରାଜାଙ୍କର ହିଁ ପ୍ରଣୟବୋଳା ମଧୁର କଥା । ଏହା ଅନ୍ୟର (ମୋର) ତୁଣ୍ଡରେ କୁହାଯାଉଛି ମାତ୍ର ।

ମାଳ—ସଖୀ, ଦେବୀ (ମହାରାଣୀ ଧାରଣୀ) ମନେ ପଡ଼ିଗଲେ ମୋର ଏ କଥାରେ ବିଶ୍ୱାସ ଆସୁନାହିଁ ।

ବକୁଳା—ପାଗଳୀ ! ମୁହଁ ପାଖକୁ ଭ୍ରମର ଆସିବ ବୋଲି କ'ଣ ବସନ୍ତ-ଆବିର୍ଭାବ ସଂପଦ ସ୍ୱରୂପ ଆମ୍ରବଉଳକୁ କର୍ଣ୍ଣଭୂଷଣ କରାଯାଏନାହିଁ ?

ମାଳ—ମୁଁ କଠିନ ସମୟ ମଧ୍ୟରେ ଗତି କରୁଛି । ଏ ସମୟରେ ତୁମେ ହିଁ ମୋର ସହାୟ ।

ବକୁଳା—ମୁଁ ବକୁଳାବଳିକା । ମୋତେ ଯେତେ ଦଳୁଥିବ, ମୁଁ ସେତେ ସୁଗନ୍ଧ ଦେଉଥିବ ।

ରାଜା—ଧନ୍ୟ ! ବକୁଳାବଳିକା ! ଧନ୍ୟ !

ତୁ (ମାଳବିକାର) ଅଭିପ୍ରାୟ ବୁଝି କଥା କହିଲୁ, ସେ ତୋ କଥା ଗ୍ରହଣ ନ କରୁଥିବା ସମୟରେ ଉପଯୁକ୍ତ ଉତ୍ତର ଦେଲୁ । ଏହିପରି ଭାବରେ ତୁ ତାକୁ ନିଜ ଆଦେଶର ଅଧୀନ କରିପାରିଲୁ । ଯାହା କହନ୍ତି, କାମୀ-(ପ୍ରଣୟୀ) ମାନଙ୍କର ପ୍ରାଣ ଦୂତୀମାନଙ୍କର ଅଧୀନ, ତାହା ଠିକ୍ । ୪

ଇରାବତୀ—ସଖୀ, ଦେଖିଲୁ ତ, ବକୁଳାବଳିକା ଏ ବିଷୟରେ ମାଳବିକା ଉପରେ ପ୍ରଭାବ ଜମେଇ ଦେଇଛି ।

ନିପୁ—ମହାରାଣୀ ! ତାକୁ ଯେଉଁପରି ଆଦେଶ ମିଳିଛି, ସେ ସେହିପରି ଶିକ୍ଷା ଦେଇଛି ।

ଇରାବତୀ—ମୋ ମନରେ ଯେଉଁ ସନ୍ଦେହ ଉପୁଜିଥିଲା, ତାହା ଠିକ୍ । ଭଲ ଭାବରେ ବୁଝି ସାରିଲା ପରେ ଚିନ୍ତା କରିବି ।

ବକୁଳା—ସଖୀ, ଅନ୍ୟ ପାଦଟିରେ ମଧ୍ୟ ରଙ୍ଗ ଦେବା ସାରିଦେଲି । ବର୍ତ୍ତମାନ ଏଥିରେ ନୂପୁର ବାନ୍ଧିବି । (ନାଟ୍ୟରେ ନୂପୁର ଯୋଡ଼ାଏ ପିନ୍ଧାଇ ସଖୀ ! ଉଠ । ଅଶୋକ ଗଛରେ ଫୁଲ ଫୁଟାଇବା ପାଇଁ ଦେବୀ (ମହାରାଣୀ) ଯେଉଁ ଆଦେଶ ଦେଇଛନ୍ତି, ତାହା ପାଳନ କର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(उभे उत्तिष्ठतः ।)

इरा०—सुदो देवीए णिओओ । होदु दाणिं । (श्रुतो देव्या नियोगः । भवत्विदानीम् ।)

बकु०—एसो उवारूढराओ उअभोअक्खमो पुरदो दे वट्टई । (एष उपारूढराग उपभोगक्षमः पुरतस्ते वर्तते ।)

माल०—(सहर्षम् ।) किं भट्टा । (किं भर्ता ।)

बकु०—(सस्मितम् ।) ण दाव भट्टा । एसो असोअसाहावलम्बी पल्लवगुच्छओ । ओदंसेहि णं । (न तावद् भर्ता । एषोऽशोक-शाखावलम्बी पल्लवगुच्छः । अवतंसयैनम् ।

(मालविका विषादं नाटयति ।)

विदू०—सुदं भवदा । (श्रुतं भवता ।)

राजा—सखे ! पर्याप्तमेतावत्कामिनाम् ।

अनातुरोत्कण्ठितयोः प्रसिद्ध्यता समागमेनापि रतिर्न मां प्रति ।
परस्परप्राप्तिनिराशयोर्वरं शरीरनाशोऽपि समानुरागयोः ॥ १५

(मालविका रचितपल्लवावतंसा पादमशोकाय प्रहिणोति ।)

राजा—वयस्य—

आदाय कर्णकिसलयमस्मादियमत्र चरणमर्पयति ।
उभयोः सदृशविनिमयादात्मानं वञ्चितं मन्ये ॥ १६

माल०—वामो क्खु एसो असोओ जो वज्जअं पमाणीकदुअ कुसुमुग्गमं ण दंसेदि । अवि णाम अह्माणं सम्भावणा सफला हवे ? (वामः खलु, एषः अशोकः यः व्यञ्जकं प्रमाणीकृत्य कुसुमोद्गमं न दर्शयति । अपि नाम अस्माकं सम्भावना सफला भवेत् ।)

बकु०—हला, णत्थि दे दोसो । णिग्गुणो अअं असोओ जइ कुसुमोब्भेद-मन्थरो भवे जो दे चलणसक्कारं लम्भिओ । (सखि ! नास्ति ते दोषः । निर्गुणोऽयमशोको यदि कुसुमोद्भेदमन्थरो भवेत्, यस्ते चरणसत्कारं लम्भितः ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ଦୁହେଁ ଉଠିଲେ)

ଇରାବତୀ—ଦେବୀଙ୍କ ଆଦେଶ ବୋଲି ଶୁଣିଲେ । ଦେଖିବା, ବର୍ତ୍ତମାନ କଅଣ ହେଉଛି ।

ବକୁଳା—ଯେ ଅନୁରାଗପୂର୍ଣ୍ଣ ତଥା ଉପଭୋଗ-ଉପଯୁକ୍ତ, ସେ ତୋର ଆଗରେ ।

ମାଳ—(ଆନନ୍ଦରେ) କଅଣ ମହାରାଜ ?

ବକୁଳା—(ମୃଦୁହାସ୍ୟର ସହିତ) ମହାରାଜ ନୁହନ୍ତି, ଏଇ ଅଶୋକ ଶାଖାରେ ଓହଳିଥିବା ପଲ୍ଲବଗୁଚ୍ଛ । ଏହାକୁ କାନରେ ପିନ୍ଧ ।

(ମାଳବିକା ବିଷାଦର ଅଭିନୟ କଲେ)

ବିଦୂ—ଆପଣ ଶୁଣିଲେ ତ ?

ରାଜା—ବନ୍ଧୁ, କାମୀଜନଙ୍କ ପାଇଁ ଏତିକି ଯଥେଷ୍ଟ । ଉତ୍କଣ୍ଠିତ ହେଉଥିବା ଓ ଉତ୍କଣ୍ଠିତ ହେଉନଥିବା ପ୍ରେମିକପ୍ରେମିକାଙ୍କର ମିଳନ ଘଟିବା ଘଟେ, ତାହା ମୋତେ ଭଲ ବୋଧ ହୁଏ ନାହିଁ । କିନ୍ତୁ ପରସ୍ପର ପ୍ରତି ସମାନ ଅନୁରାଗ ରଖି ପରସ୍ପରକୁ ପାଇ ନ ପାରି ପ୍ରେମିକ ପ୍ରେମିକା ଯଦି ପ୍ରାଣତ୍ୟାଗ କରନ୍ତି, ତାହା ମୋତେ ଭଲ ବୋଧ ହୁଏ । ୧୫

(ମାଳବିକା ଅଶୋକଗଛର ପଲ୍ଲବକୁ କର୍ଣ୍ଣଭୂଷଣ କରି ଉକ୍ତ ଗଛରେ ପଦପ୍ରହାର କଲେ ।)

ରାଜା—ବନ୍ଧୁ !

ମାଳବିକା କର୍ଣ୍ଣଭୂଷଣ ନିମନ୍ତେ ଅଶୋକଗଛରୁ ପଲ୍ଲବ ନେଇ ତାକୁ ପଦପ୍ରହାର ଦେଲେ । ଉଭୟେ ଏହିପରି ପରସ୍ପର ସମାନ ବିନିମୟ କଲେ । କିନ୍ତୁ ମୁଁ ହିଁ ନିଜକୁ ବଞ୍ଚିତ ମନେ କରୁଛି । ୧୬

ମାଳ—ଏ ଅଶୋକ ମୋ ପ୍ରତି ପ୍ରତିକୂଳ ବୋଧ ହେଉଛି । କାରଣ, ଏ ପୁଷ୍ପ-ପ୍ରକାଶକ ଦୋହଦ ପାଇଲେ ମଧ୍ୟ ପୁଷ୍ପ ପ୍ରକାଶ କରୁନାହିଁ । ମୁଁ ଏ ବିଷୟରେ ସଫଳ ହେବି ତ ?

ବକୁଳା—ସଖୀ, ଏ ଗୁଣବାନ ଅଶୋକ ତୁମର ପାଦ-ଅଭ୍ୟର୍ଥନା ପାଇଲେ ମଧ୍ୟ ଯଦି ପୁଷ୍ପ ପ୍ରସ୍ଫୁଟିତ ନ କରେ, ତେବେ ତୁମର ଦୋଷ କଅଣ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—
अनेन तनुमध्यया मुखरनूपुराराविणा
नवाम्बुरुहकोमलेन चरणेन संभावितः ।
अशोक यदि सद्य एव मुकुलैर्न संपत्स्यसे
वृथा वहसि दोहदं ललितकामिसाधारणम् ॥ १७

सखे ! वचनानुसरणपूर्वकं प्रवेष्टुमिच्छामि ।

विदू०—एहि । णं परिहासइस्सं । (एहि, एनां परिहासयिष्यामि ।)

(उभौ प्रवेशं कुरुतः ।)

निपु०—भट्टिणि भट्टिणि ! भट्टा एत्थ पविसदि । (भट्टिनि भट्टिनि ! भर्तात्र प्रविशति ।)

इरा०—एदं मम पढमं चिन्तिदं हिअएण । (एतन्मम प्रथमं चिन्तितं हृदयेन ।)

विदू०—(उपेत्य ।) भोदि, जुत्तं णाम अत्तहोदि पिअवअस्से अअं असोओ णं वामपादेण ताडिदुं । (भवति ! युक्तं नाम अत्रभवति प्रियवयस्येऽयमशोको ननु वामपादेन ताडयितुम् ।)

उभे—(ससंभ्रमम् ।) अहो, भट्टा । [अहो, भर्ता ।]

विदू०—बउलावलिए, गहीदत्थाए तुए अत्तहोदी ईरिसं अविणअं करन्ती कीस ण णिवारिदा । (बकुलावलिके, गृहीतार्थया त्वयात्रभवतीदृशमविनयं कुर्वन्ती कस्मान्न निवारिता ।)

(मालविका भयं रूपयति ।)

निपु०—भट्टिणि ! पेक्ख । किं पउत्तं अज्जगोदमेण । (भट्टिनि ! पश्य । किं प्रवृत्तमार्यगौतमेन ।)

इरा०—कहं क्खु बह्मबन्धू अण्णहा जीविस्सदि । (कथं खलु ब्रह्मबन्धुरन्यथा जीविष्यति ।)

बकु०—अज्ज ! एसा देवीए णिओअं अणुचिट्ठदि । एदस्सिं अदिक्कमे परवदी इअं । पसीददु भट्टा । (इत्यात्मना सहैनां प्रणिपातयति ।) (आर्य ! एषा देव्या नियोगमनुतिष्ठति । एतस्मिन्नतिक्रमे परवतीयम्। प्रसीदतु भर्ता ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ରେ ଅଶୋକ ! ତୁ ଏ କ୍ଷୀଣକଟୀର ନୂପୁର ରୁଣଝୁଣୁ କରୁଥିବା, ନବୀନ ପଦ୍ମ ତୁଲ୍ୟ କୋମଳ ପାଦର ଅଭ୍ୟର୍ଥନା ପାଇ ମଧ୍ୟ ଯଦି ସଙ୍ଗେ ସଙ୍ଗେ ଫୁଲକଢ଼ି ଧାରଣ ନ କଲୁ, ତେବେ, ସୁନ୍ଦରୀ ରମଣୀମାନେ ସାଧାରଣ ଭାବେ ଯେଉଁ (ପଦାଘାତରୂପ) ଦୋହଦ ପ୍ରଦାନ କରନ୍ତି, ତାହା ତୁ ବୃଥା ବହନ କଲୁ । ୧୭

ବନ୍ଧୁ, କୌଣସି କଥାର ଅନୁସରଣ କର (କଥାର ଖିଅ ଧର) ମୁଁ ପ୍ରବେଶ କରିବାକୁ ଇଚ୍ଛା କରୁଛି ।

ବିଦୂ—ଆସନ୍ତୁ, ଏହାଙ୍କୁ ପରିହାସ କରିବା । (ଦୁହେଁ ପ୍ରବେଶ କଲେ)

ନିପୁଣିକା—ମହାରାଣୀ ! ମହାରାଣୀ ! ଏଠିକି ମହାରାଜ ଆସୁଛନ୍ତି !

ଇରାବତୀ—ଏହା ହିଁ ମୁଁ ହୃଦୟରେ ପ୍ରଥମେ ଚିନ୍ତା କରିଥିଲି ।

ବିଦୂ—(ନିକଟକୁ ଆସି) କଲ୍ୟାଣୀ ! ଏଠାରେ ଆମର ପ୍ରିୟ ବନ୍ଧୁ ମହାରାଜ ଥାଉଁ ଥାଉଁ ଏହି ଅଶୋକଗଛକୁ ବାମ ପାଦରେ ପ୍ରହାର କରିବା କଅଣ ଉଚିତ ହେବ ?

ଦୁହେଁ—(ହତବତେଇ ଯାଇ) ଓହୋ ! ମହାରାଜ !

ବିଦୂ—ବକୁଳାବଳିକା ! ତୁମେ ତ ସବୁ ଜାଣ । କଲ୍ୟାଣୀ ଏଠାରେ ଅବିନୟ ଆଚରଣ କରୁଛନ୍ତି, ତୁମେ ତାଙ୍କୁ ବାରଣ କଲ ନାହିଁ କାହିଁକି ?

(ମାଳବିକା ଭୟର ଅଭିନୟ କଲେ ।)

ନିପୁଣିକା—ମହାରାଣୀ ! ଆର୍ଯ୍ୟ ଗୌତମ କଅଣ କରୁଛନ୍ତି, ଦେଖନ୍ତୁ ।

ଇରାବତୀ—ବିଚରା ବ୍ରାହ୍ମଣ ବନ୍ଧୁ ଜୀଇବ କିପରି ?

ବକୁଳା—ଆର୍ଯ୍ୟ ! ଏ ମହାରାଣୀଙ୍କ ଆଦେଶ ପାଳନ କରୁଛନ୍ତି । ଏହି ଅପରାଧରେ ଏ ପରାଧୀନା । ମହାରାଜ ପ୍ରସନ୍ନ ହୁଅନ୍ତୁ ।

(ନିଜେ ପ୍ରଣିପାତ କରି ମାଳବିକାଙ୍କୁ ପ୍ରଣିପାତ କରାଇଲେ ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—यद्येवमनपराधासि। उत्तिष्ठ भद्रे। (हस्तेन गृहीत्वैनामुत्थापयति।)

विदू०—जुज्जइ देवी एत्थ माणइदव्वा। (युज्यते देव्यत्र मानयितव्या।)

राजा—(विहस्य।)

किसलयमृदोर्विलासिनि कठिने निहतस्य पादपस्कन्धे।
चरणस्य न ते बाधा संप्रति वामोरु वामस्य॥ १८

(मालविका लज्जां नाटयति।)

इरा०—अहो, णवणीदकप्पहिअओ अज्जउत्तो। (अहो, नवनीतकल्पहृदय आर्यपुत्रः।)

माल०—बउलावलिए, एहि। अणुट्ठिदं अत्तणो णिओअं देवीए णिवेदेम्ह। (बकुलावलिके, एहि। अनुष्ठितमात्मनो नियोगं देव्यै निवेदयावः।)

बकु०—विण्णवेहि भट्टारं विसज्जेहि त्ति। (विज्ञापय भर्तारं विसर्जयेति।)

राजा—भद्रे! यास्यसि। मम तावदुत्पन्नावसरमर्थित्वं श्रूयताम्।

बकु०—अवहिदा सुणाहि। आणवेदु भट्टा। (अवहिता शृणु। आज्ञापयतु भर्ता।)

राजा—धृतिपुष्पमयमपि जनो बध्नाति न तादृशं चिरात्प्रभृति।
स्पर्शामृतेन पूरय दोहदमस्याप्यनन्यरुचेः॥ १९

इरा०—(सहसोपसृत्य) पूरेहि पूरेहि। असोओ कुसुमं ण दंसेदि। अअं उण पुप्फदि एव्व। (पूरय पूरय। अशोकः कुसुमं न दर्शयति। अयं पुनः पुष्यत्येव।)

(सर्वे इरावतीं दृष्ट्वा संभ्रान्ताः।)

राजा—(अपवार्य।) वयस्य, का प्रतिपत्तिरत्र।

विदू०—किं अण्णं। जङ्घाबलं एव्व। (किमन्यत्। जङ्घाबलमेव।)

इरा०—बउलावलिए! तुए साहु उवक्कन्तं। दाणिं सफलब्भत्थणं करेहि अज्जउत्तं। (बकुलावलिके, त्वया साधूपक्रान्तम्। इदानीं सफलाभ्यर्थनं कुर्वार्यपुत्रम्।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ଯଦି ଏପରି, ତେବେ ତୁମେ ନିରପରାଧ । ଉଠ ଭଦ୍ରେ ।

(ହସ୍ତ ଧରି ଉଠାଇଦେଲେ ।)

ବିଦୂ—ହଁ ଠିକ୍ କଥା । ମହାରାଣୀ (ଧାରଣୀ)ଙ୍କ ଆଦେଶ ପାଳନ କରିବା ଉଚିତ ।

ରାଜା—(ହସିକରି) ଗୋ ବିଳାସିନି, ଗୋ ଗୁରୁଜଘନା, ଏଇ କଠିନ ବୃକ୍ଷଗଣ୍ଡିରେ ତୁମେ ତୁମ ବାମ ପାଦରେ ଯେଉଁ ପ୍ରହାର କଲ, ତଦ୍ଦ୍ୱାରା ତୁମ ପାଦରେ ଆଘାତ ଲାଗିନାହିଁ ତ ? ୧୮

(ମାଳବିକା ଲଜ୍ଜା ଅଭିନୟ କଲେ)

ଇରାବତୀ—ଆହା ! ଆର୍ଯ୍ୟପୁତ୍ରଙ୍କ ହୃଦୟ ଲହୁଣି ପରି କୋମଳ !

ମାଳ—ବକୁଳାବଳିକା, ଆସ, ମୁଁ ଆଦେଶ ପାଳନ କରିଛି ବୋଲି ମହାରାଣୀଙ୍କୁ ଜଣାଇବା ।

ବକୁଳା—ମହାରାଜଙ୍କୁ "ବିଦାୟ ଦିଅନ୍ତୁ" ବୋଲି କୁହ ।

ରାଜା—କଲ୍ୟାଣୀ, ଯାଅ । କିନ୍ତୁ ଏଇ ଅବସରରେ ମୋର ଗୋଟିଏ ପ୍ରାର୍ଥନା ଶୁଣିଯାଅ ।

ବକୁଳା—(ମାଳବିକାଙ୍କୁ) ମନ ଦେଇ ଶୁଣ । (ରାଜାଙ୍କୁ) ମହାରାଜ ! ଆଜ୍ଞା ଦିଅନ୍ତୁ ।

ରାଜା—ଦୀର୍ଘ ସମୟ ହେଲା ଏ ବ୍ୟକ୍ତିର (ମୋର) ଧୈର୍ଯ୍ୟ ପୁଷ୍ପିତ ହୋଇନାହିଁ । ଆଉ କାହାରିଠାରେ ଏହାର ରୁଚି ନାହିଁ । ବର୍ତ୍ତମାନ ତୁମେ ତୁମର ଅମୃତମୟ ସ୍ପର୍ଶ ଦ୍ୱାରା ଏହାର ଦୋହଦ (ଅଭିଳାଷ) ପୂରଣ କରିଦେଇ ଯାଅ । ୧୯

ଇରାବତୀ—(ହଠାତ୍ ନିକଟକୁ ଆସି) ପୂରାଅ, ପୂରାଅ, ଅଶୋକ ତ ପୁଷ୍ପିତ ହେଲାନାହିଁ, ଏ ପୁଷ୍ପିତ ହୁଅନ୍ତୁ ।

(ସମସ୍ତେ ଇରାବତୀଙ୍କୁ ଦେଖି ହଡ଼ବଡ଼େଇଗଲେ)

ରାଜା—(ବିଦୂଷକଙ୍କୁ ଚୁପ୍ ଚୁପ୍) ବନ୍ଧୁ, କଅଣ କରିବା ?

ବିଦୂ—ଆଉ କଅଣ ? କେବଳ ଜଙ୍ଘବଳ । (ଧାଇଁ ପଳାଇଯିବା) ।

ଇରାବତୀ—ବକୁଳାବଳିକା, ତୁ ଭଲ କାମ କରିଛୁ । ବର୍ତ୍ତମାନ ଆର୍ଯ୍ୟପୁତ୍ରଙ୍କ ପ୍ରାର୍ଥନା ପୂରଣ କର ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

उभे—पसीददु भट्टिणी । काओ अम्हे भत्तुणो पणअपरिग्गहस्स । (इति निष्क्रान्ते ।) [प्रसीदतु भट्टिनी । के आवां भर्तुः प्रणयपरिग्रहस्य ।)

इरा°—अविस्ससणीआ पुरिसा । अत्तणो वञ्चणवअणं पमाणीकरिअ आक्खित्ताए वाहजणगीदग्गहीदचित्ताए विअ हरिणीए एदं ण विण्णादं मए । (अविश्वसनीयाः पुरुषाः । आत्मनो वञ्चनावचनं प्रमाणीकृत्याक्षिप्तया व्याधजनगीतगृहीतचित्तयेव हरिण्यैतन्न विज्ञातं मया ।)

विदू°—(जनान्तिकम् ।) भो, पडिपज्जेहि किंपि उत्तरम् । उदआन्तमूले विवहिए विमहिदेण कुम्भीलएण संधिच्छेदो सिक्खिदव्वो त्ति वत्तव्वं होदि । (भो, प्रतिपद्यस्व किमप्युत्तरम् । उदकान्तमूले विपथिके विमथितेन कुम्भीलकेन संधिच्छेदः शिक्षितव्य इति वक्तव्यं भवति ।)

राजा—सुन्दरि ! न मे मालविकया कश्चिदर्थः । मया त्वं चिरयसीति यथाकथंचिदात्मा विनोदितः ।

इरा°—ण विस्ससणीओसि । ण मए विण्णादं ईरिसं विणोदवत्थुअं अज्जउत्तेण उवलद्धं त्ति । अण्णहा दुक्खभाइणीए एव्वं ण करीअदि । [न विश्वसनीयोऽसि । न मया विज्ञातमीदृशं विनोदवस्तुकमार्यपुत्रेणोपलब्धम् इति । अन्यथा दुःखभागिन्यैवं न क्रियेत ।]

विदू°—मा दाव अत्तभवदो दक्खिण्णस्स उअरोहं करेहि । समीवदिट्ठेण देवीए परिचारिआ इत्थिआजणेन संकहावि जइ वारीअदि एत्थ तुमं एव्व पमाणं । (मा तावदत्रभवतो दाक्षिण्यस्योपरोधं कुरु । समीपदृष्टेन देव्याः परिचारिकास्त्रीजनेन संकथापि यदि वार्यते, अत्र त्वमेव प्रमाणम् ।)

इरा°—णं संकहा णाम होदु । किंति अत्ताणं आआसइस्सं । (इति रुषा प्रस्थिता ।) [ननु संकथा नाम भवतु । किमित्यात्मानमायासयिष्यामि ।]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବକୁଳା—ମହାରାଣୀ ପ୍ରସନ୍ନ ହୁଅନ୍ତୁ । ମହାରାଜଙ୍କ ପ୍ରେମର ଅଧିକାରଣୀ ହେବାକୁ ଆମେ ବା କିଏ ! (ଉଭୟେ ଚାଲିଗଲେ)

ଇରାବତୀ—ପୁରୁଷମାନଙ୍କୁ ବିଶ୍ୱାସ ନାହିଁ । ମୋତେ ସେ ଯେଉଁ ପ୍ରତାରଣା-ପୂର୍ଣ୍ଣ ବଚନ କହିଲେ, ସେଥିରେ ମୁଁ ବିଶ୍ୱାସ କରି, ବ୍ୟାଧର ଗୀତରେ ହରିଣୀ ଆକୃଷ୍ଟା ହୋଇଗଲା ପରି, ମୁଁ ଆକୃଷ୍ଟା ହୋଇ ଏହା ଜାଣିପାରିଲିନାହିଁ ।

ବିଦୂ—(ରାଜାଙ୍କୁ ଆଡ କରି ଚୁପ୍ ଚୁପ୍) ଆହେ ! କୌଣସି ଉତ୍ତର ଦିଅନ୍ତୁ । ବର୍ତ୍ତମାନ ଆପଣଙ୍କର ବକ୍ତବ୍ୟ ହେଉଛି—ନିର୍ଜନ ଜଳାଶୟ ନିକଟରେ ଧରା ପଡ଼ି ମାଡ଼ ଖାଉଥିବା ଚୋରକୁ ଧରିଥିବା ଲୋକର ହାତଗୋଡ଼ଗଣ୍ଠିସବୁ ଭାଙ୍ଗି ପକାଇବା ଜଣାଥିବା ଦରକାର ।

ରାଜା—ସୁନ୍ଦରୀ ! ମାଳବିକାଠାରେ ମୋର କୌଣସି ପ୍ରୟୋଜନ ନାହିଁ । ତୁମର ଆସିବାରେ ବିଳମ୍ବ ହେଲା ବୋଲି ମୁଁ ଏଠାରେ କୌଣସି ପ୍ରକାରେ ମନ ବହଲାଉଥିଲି ।

ଇରା—ତୁମକୁ ଆଉ ବିଶ୍ୱାସ ନାହିଁ । ମୁଁ ଜାଣିନଥିଲି ଯେ ମହାରାଜଙ୍କୁ ଏଭଳି ଏକ ବିନୋଦବସ୍ତୁ ମିଳିଯାଇଛି ! ମୁଁ ଦୁଃଖଭାଗିନୀ ଯଦି ଜାଣିଥାଆନ୍ତି, ତେବେ ଏପରି କରିନଥାନ୍ତି ।

ବିଦୂ—କଲ୍ୟାଣୀ ! ମହାରାଜଙ୍କ ସମାନୁରାଗିତା ପ୍ରତି ଆକ୍ଷେପ କରନ୍ତୁ ନାହିଁ । ଦେବୀଙ୍କ କୌଣସି ପରିଚାରିକା ଯଦି ପାଖରେ ଦେଖା ହୋଇଗଲା ଏବଂ ତା' ସଙ୍ଗରେ ଯଦି ମହାରାଜ ଦିପଦ କଥା ହେଲେ, ଏହା ଯଦି ନିନ୍ଦିତ ହୁଏ, ତେବେ ଆପଣ ଯାହା ଭଲ ମନେ କରୁଛନ୍ତି ।

ଇରା—ହଁ, କଥାବାର୍ତ୍ତା ଚାଲୁ । ମୁଁ କାହିଁକି ମଝିରେ ନିଜକୁ ଦୁଃଖ ଦେବି ? (ଯିବାକୁ ଲାଗିଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—(अनुसरन् ।) प्रसीदतु भवती ।

(इरावती रसनासन्धारितचरणा व्रजत्येव ।)

राजा—सुन्दरि ! न शोभते प्रणयिनि जने निरपेक्षता ।

इरा°—सठ ! अविस्ससणीअहिअओसि । (शठ ! अविश्वसनीयहृदयोऽसि ।)

राजा—शठ इति मयि तावदस्तु ते परिचयवत्यवधीरणा प्रिये ।

चरणपतितया न चण्डि तां विसृजसि मेखलयापि याचिता ॥२०

इरा°—इअं पि हदासा तुमं एव्व अणुसरदि । (इति रसनामादाय राजानं ताडयितुमिच्छति ।) [इयमपि हताशा त्वामेवानुसरति ।]

राजा—वयस्य, एषा इरावती ।

बाष्पासारा हेमकाञ्चीगुणेन श्रोणीबिम्बादप्युपेक्षाच्युतेन ।

चण्डी चण्डं हन्तुमभ्युद्यता मां विद्युद्दाम्ना मेघराजीव विन्ध्यम् ॥२१

इरा°—किं मं एव्व भूओ वि अवरद्धं करेसि । (किं मामेव भूयोऽप्यपराद्धं करोषि ।)

राजा—(सरसनं हस्तमवलम्बयति ।)

अपराधिनि मयि दण्डं संहरसि किमुद्यतं कुटिलकेशि ।

वर्धयसि विलसितं त्वं दासजनायाद्य कुप्यसि च ॥ २२

नूनमिदमनुज्ञातम् । (इति पादयोः पतति ।)

इरा°—ण क्खु इमे मालविआचलणा, जा दे हरिसदोहलं पूरयिस्सन्ति । (इति निष्क्रान्ता सह चेटया ।) [न खल्विमौ मालविकाचरणौ, यौ ते हर्षदोहदं पूरयिष्यतः ।)

विदू°—उट्ठेहि । अकिदप्पसादोऽसि । [उत्तिष्ठ । अकृतप्रसादोऽसि ।]

राजा—(उत्थायेरावतीमपश्यन् ।) तत्कथं गतैव प्रिया ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—(ପଛେ ପଛେ ଯାଇ) କଲ୍ୟାଣୀ ! ପ୍ରସନ୍ନ ହୁଅନ୍ତୁ ।

(ଇରାବତୀଙ୍କର ଅଣ୍ଟାସୂତା ଖସି ପାଦ ଛନ୍ଦ ହୋଇଗଲା । ତଥାପି ସେ ଯିବାରେ ଲଗିଲେ ।)

ରାଜା—ସୁନ୍ଦରୀ ! ପ୍ରିୟଜନ ପ୍ରତି ଏଭଳି ଉଦାସୀନତା ଶୋଭା ପାଏ ନାହିଁ ।

ଇରା—ଶଠ ! ତୁମ ହୃଦୟକୁ ଆଉ ବିଶ୍ୱାସ ନାହିଁ ।

ରାଜା—ଗୋ ପ୍ରିୟେ ! ମୋର ପରିଚୟ ତୁମେ ଭଲ ଭାବେ ପାଇଥିଲେ ମଧ୍ୟ (ମୋର ସ୍ୱଭାବ ଚରିତ ତୁମେ ଭଲ ଭାବେ ଜାଣିଥିଲେ ମଧ୍ୟ) ମୋତେ 'ଶଠ' ବୋଲି କହି ଯାହା ଅବଜ୍ଞା କରୁଛ, କର । କିନ୍ତୁ ଗୋ ଚଣ୍ଡୀ ! ଏ ମେଖଳା (ଅଣ୍ଟାସୂତା) ତୁମ ପାଦତଳେ ପଡ଼ି ତୁମକୁ ପ୍ରାର୍ଥନା କରୁଛି । ତୁମେ ତା ପ୍ରତି କାହିଁକି ଅବଜ୍ଞା କରୁଛ ? ୧୦

ଇରା—ଏ ଦୁଷ୍ଟା (ମେଖଳା) ମଧ୍ୟ ତୁମରି ପରି ଆଚରଣ କରୁଛି ।

(ଅଣ୍ଟାସୂତା ଧରି ରାଜାଙ୍କୁ ପ୍ରହାର କରିବାକୁ ଇଚ୍ଛା କଲେ)

ରାଜା—ବନ୍ଧୁ, ଏ ଇରାବତୀକି !

ମେଘମାଳା ଯେପରି ବିଜୁଳିରୂପକ ମାଳା ଦ୍ୱାରା ବିନ୍ଧ୍ୟପର୍ବତକୁ ପ୍ରହାର କରେ, ଏ ଚଣ୍ଡୀ ସେହିପରି ଚକ୍ଷୁରୁ ଅଶ୍ରୁ ବର୍ଷଣ କରି, ନିତମ୍ବ ଦେଶରୁ ଉପେକ୍ଷିତ ହୋଇ ଖସିପଡ଼ିଥିବା ଅଣ୍ଟାସୂତା ଦ୍ୱାରା ମୋତେ ଜୋରରେ ପ୍ରହାର କରିବାକୁ ଉଦ୍ୟମ କରୁଛନ୍ତି !

ଇରାବତୀ—ଏଭଳି କହି ମୋତେ ପୁଣି କାହିଁକି ଅପରାଧିନୀ କରୁଛ ?

ରାଜା—(ଅଣ୍ଟାସୂତା ସହିତେ ଇରାବତୀଙ୍କ ହାତ ଧରିଲେ) ଗୋ କୁଞ୍ଚିତକେଶୀ ! ମୁଁ ଅପରାଧୀ, ମୋତେ ଦଣ୍ଡ ଦେବାକୁ ଉଦ୍ୟତ ହୋଇ ପୁଣି କାହିଁକି ତାହା ପ୍ରତ୍ୟାହାର କରିନେଉଛ ? ତୁମେ ତୁମର ସୁନ୍ଦରମଧୁର ଭାବଭଙ୍ଗୀ ବଢ଼ାଉଛ, ଏଣେ ମୋ ଭଳି ଦାସଜନ ଉପରେ କୋପ କରୁଛ ! ୧୧
ନିଶ୍ଚୟ ତୁମେ ମୋର ଅପରାଧ ମାର୍ଜନା କରିଛ ।

(ଏହା କହି ଇରାବତୀଙ୍କ ପାଦତଳେ ପଡ଼ିଲେ)

ଇରାବତୀ—ଏ ତୁମ ମାଳବିକାର ପଦଯୋଡ଼ିକ ନୁହେଁ, ଯେ କି ତୁମର ହର୍ଷମୟ ଅଭିଳାଷ ପୂରଣ କରିବ ।

(ଏହା କହି ଦାସୀ ସହିତ ଚାଲିଗଲେ)

ବିଦୂ—ବନ୍ଧୁ, ଉଠ । ପ୍ରସନ୍ନ କରିପାରିଲ ନାହିଁ ।

ରାଜା—(ଉଠି ଇରାବତୀଙ୍କୁ ନ ଦେଖି) ତା' ହେଲେ କଅଣ ପ୍ରିୟା ସେହିପରି ଚାଲିଗଲେ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—वअस्स ! दिट्ठिआ इमस्स अविणअस्स अप्पसण्णा गदा एसा। ता वअं सिग्घं अवक्कमाम। जाव अङ्गारओ रासिं विअ अणुवङ्कं परिगमणं ण करेदि। (वयस्य ! दिष्ट्या अनेनाविनयेनाप्रसन्ना गतैषा। तद्वयं शीघ्रमपक्रमामः। यावदङ्गारको राशिमिवानुवक्रं प्रतिगमनं न करोति।)

राजा—अहो मदनस्य वैषम्यम्।

मन्ये प्रियाहृतमनास्तस्याः प्रणिपातलङ्घनं सेवाम्।
एवं हि प्रणयवती सा शक्यमुपेक्षितुं कुपिता ॥ २३

(इति निष्क्रान्तः सह वयस्येन।)

इति तृतीयोऽङ्कः।

चतुर्थोऽङ्कः

(ततः प्रविशति पर्युत्सुको राजा प्रतीहारी च।)

राजा—(आत्मगतम्।)

तामाश्रित्य श्रुतिपथगतामाशया बद्धमूलः
संप्राप्तायां नयनविषयं रूढरागप्रवालः।
हस्तस्पर्शैर्मुकुलित इव व्यक्तरोमोद्गमत्वात्
कुर्यात्कान्तं मनसिजतरुर्मां रसज्ञं फलस्य ॥ १

(प्रकाशम्।) सखे गौतम !

प्रती०—जेदु जेदु भट्टा। असंणिहिदो गोदमो। (जयतु जयतु भर्ता। असंनिहितो गौतमः।)

राजा—(आत्मगतम्) आः, मालविकावृत्तान्तज्ञानाय मया प्रेषितः।

विदू०—(प्रविश्य।) वड्ढदु भवं। (वर्धतां भवान्।)

राजा—जयसेने, जानीहि तावत्क्व देवी धारिणी सरुजचरणत्वाद्विनोद्यत इति।

प्रती०—जं देवी आणवेदि। (इति निष्क्रान्ता।) (यद्देवी आज्ञापयति

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ବନ୍ଧୁ, ସୌଭାଗ୍ୟକୁ ସେ ଆପଣଙ୍କର ଅପରାଧ (ମାଳବିକା ପ୍ରତି ଅନୁରାଗ) ହେତୁ କ୍ରୁଦ୍ଧା ହୋଇ ଚାଲିଗଲେ । ତା' ହେଲେ ବର୍ତ୍ତମାନ ଆମେ ଶୀଘ୍ର ପଳାଇଯିବା । ଅନ୍ୟଥା, ମଙ୍ଗଳଗ୍ରହ କୌଣସି ରାଶିକୁ ବକ୍ର ଭାବରେ ଆସିଲା ପରି ସେ ଯଦି ପୁଣି ଚାଲିଆସନ୍ତି · ···

ରାଜା—ଓହୋ ! କାମଦେବର କି ବିଷମ ବ୍ୟବହାର ! ପ୍ରିୟା (ମାଳବିକା) ମୋର ହୃଦୟକୁ ହରଣ କରିନେଇଛି । ତେଣୁ, ଇରାବତୀ ମୋର ପ୍ରଣିପାତକୁ ଉପେକ୍ଷା କରି ମୋର ସେବା କରିଛନ୍ତି ବୋଲି ମୁଁ ଭାବୁଛି । ଇରାବତୀ ମଧ୍ୟ ମୋର ପ୍ରଣୟିନୀ । ସେ କୁପିତା ହୋଇଛନ୍ତି । ଏହି ଅବସ୍ଥାରେ ତାଙ୍କୁ କିଛି ଦିନ ଉପେକ୍ଷା କରି ରହିହେବ ।

(ବିଦୂଷକଙ୍କ ସହ ପ୍ରସ୍ଥାନ କଲେ)

(ତୃତୀୟ ଅଙ୍କ ସମାପ୍ତ)

★

ଚତୁର୍ଥ ଅଙ୍କ

(ତା'ପରେ ଉତ୍‌କଣ୍ଠିତ ରାଜାଙ୍କର ପ୍ରବେଶ । ସଙ୍ଗରେ ପ୍ରତିହାରୀ)

ରାଜା—(ସ୍ୱଗତ) ମାଳବିକା ବିଷୟରେ ପ୍ରଥମେ ଶୁଣି ତାକୁ ପାଇବା ଆଶାରେ ମୋ ମନରେ ଯେଉଁ କାମ-ତରୁ ଅଙ୍କୁରିତ ହୋଇଥିଲା, ମାଳବିକାକୁ ଦେଖିବା ଦ୍ୱାରା ସେଥିରେ ଅନୁରାଗରୂପକ ନବପଲ୍ଲବ ଜାତ ହୋଇଥିଲା, ସ୍ପର୍ଶ କରିବା ଦ୍ୱାରା ରୋମାଞ୍ଚରୂପକ ପୁଷ୍ପକଳିକାମାନ ଉତ୍ପନ୍ନ ହୋଇଥିଲା, ସେହି କାମ-ତରୁ ମୋତେ ତାହାର ମଧୁର ଫଳର ରସ-ଆସ୍ୱାଦନ କରାଇବ ତ ? (ପ୍ରକାଶ୍ୟରେ) ବନ୍ଧୁ ଗୌତମ !

ପ୍ରତିହାରୀ—ମହାରାଜଙ୍କର ଜୟ ହେଉ । ମହାରାଜ ! ଏଠାରେ ଗୌତମ ନାହାନ୍ତି ।

ରାଜା—(ସ୍ୱଗତ) ଆଃ ! ମାଳବିକାର ଖବର ଜାଣିବାକୁ ମୁଁ ତାଙ୍କୁ ପଠାଇଛି ।

ବିଦୂ—(ପ୍ରବେଶ କରି) ମହାରାଜଙ୍କର ଅଭ୍ୟୁଦୟ ହେଉ ।

ରାଜା—(ପ୍ରତିହାରୀକୁ) ଜୟସେନା, ମହାରାଣୀ ଧାରିଣୀଙ୍କ ପାଦରେ ଆଘାତ ଲାଗିଥିଲା । ପରିଜନମାନେ ତାଙ୍କୁ ବର୍ତ୍ତମାନ କେଉଁଠି ସେବା କରୁଛନ୍ତି, ଜାଣି ଆସ ।

ପ୍ରତିହାରୀ—ମହାରାଜଙ୍କର ଯାହା ଆଜ୍ଞା । (ଚାଲିଗଲା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—गौतम, को वृत्तान्तस्तत्रभवत्यास्ते सख्याः ।

विदू०—जो बिडालगहीदाए परहुदिआए । (यो विडालगृहीतायाः परभृतिकायाः ।)

राजा—(सविषादम् ।) कथमिव ।

विदू०—सा क्खु तवस्सिणी तए पिङ्गलच्छीए सारभण्डभूघरए गुहाए विअ णिक्खित्ता । (सा खलु तपस्विनी तया पिङ्गलाक्ष्या सारभाण्डभूगृहे गुहायामिव निक्षिप्ता ।)

राजा— ननु मत्संपर्कमुपलभ्य ?

विदू०—अह इं । (अथ किम् ।)

राजा—क एवं विमुखोऽस्माकम् येन चण्डीकृता देवी ।

विदू०—सुणादु भवं । परिव्वाजिआए मे कहिदं । हिओ किल तत्तहोदी इरावदी रुअक्कन्तचलणं देविं सुहपुच्छिआ आअदा । (श्रृणोतु भवान् । परिव्राजिकया मे कथितम् । ह्यः किल तत्रभवतीरावती रुजाक्रान्तचरणां देवीं सुखपृच्छयाऽऽगता ।)

राजा—ततस्ततः ।

विदू०—तदो सा देवीए पुच्छिदा । किं णु ओलोइदो वल्लहजणोत्ति । ताए उत्तं—मन्दो वो उवआरो जं परिजणे संकन्तं वल्लहत्तणं ण जाणीअदि । (ततः सा देव्या पृष्टा । किं न्ववलोकितो वल्लभजन इति । तयोक्तम् । मन्दो व उपचारः यत्परिजने संक्रान्तं बल्लभत्वं न ज्ञायते ।)

राजा—अहो, निर्भेदादृतेऽपि मालविकायामयमुपन्यासः शङ्कयति ।

विदू०—तदो ताए अणुबन्धिज्जमाणाए सा अविणअं भवदो अन्तरेण परिगदत्था किदा देवी । (ततस्तयानुबन्ध्यमानया सा भवतोऽविनयमन्तरेण परिगतार्था कृता देवी ।)

राजा—अहो दीर्घरोषता तत्रभवत्याः । अतः परं कथय ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ଗୌତମ, ତୁମ ସଖୀ ମାଳବିକାର ଖବର କଅଣ ?

ବିଦୂ—ବିଲେଇ ପାଲରେ ପଡ଼ିଥିବା କୋଇଲିର ଯେଉଁ ଖବର ।

ରାଜା—(ବିଷାଦର ସହିତ) କଥା କଅଣ ?

ବିଦୂ—ସେଇ ବିଗୃଣି (ମାଳବିକା)କୁ ଦାସୀ ପିଙ୍ଗଳାକ୍ଷୀ ଧନ ରଖାଯାଇଥିବା ଭୂତଳ-ଗୃହରେ ଗୁହା ଭିତରେ ନେଇ ରଖିଲି ପରି ରଖିଲି ।

ରାଜା—କଅଣ ମୋ ସହିତ ତାର ପ୍ରଣୟସମ୍ପର୍କ ଅଛି ବୋଲି ଜାଣି ?

ବିଦୂ—ଆଉ କଅଣ ?

ରାଜା—ଆମ ପ୍ରତି ଏପରି ବିମୁଖ କିଏ, ଯେ କି ମହାରାଣୀ (ଧାରିଣୀ)ଙ୍କୁ ଏପରି ରଗାଇଦେଲା ?

ବିଦୂ—ଶୁଣନ୍ତୁ ମହାରାଜ । ପରିବ୍ରାଜିକା (କୌଶିକୀ) ମୋତେ କହୁଥିଲେ । ମହାରାଣୀ (ଧାରିଣୀ)ଙ୍କ ପାଦରେ ଆଘାତ ଲଗିଥିବାରୁ ଗତ କାଲି ଇରାବତୀ ଆରୋଗ୍ୟ ବିଷୟ ପଚାରିବାକୁ ତାଙ୍କ ନିକଟକୁ ଆସିଥିଲେ ।

ରାଜା—ତା' ପରେ ?

ବିଦୂ—ମହାରାଣୀ (ଧାରିଣୀ) ତାଙ୍କୁ ପଚାରିଲେ—" ପ୍ରିୟତମଙ୍କୁ (ମହାରାଜଙ୍କୁ) ପ୍ରମଦବନରେ ଭେଟିଲ ତ ?" ସେ କହିଲେ—" ଆପଣଙ୍କର ପ୍ରେମ-ବ୍ୟବହାର ମହାରାଜଙ୍କୁ ନ୍ୟୂନ ବୋଧହେଲାଣି । ଯେହେତୁ ତାଙ୍କର ପ୍ରେମ ପରିଜନ ଉପରକୁ ଗଲିଗଲାଣି । "

ରାଜା—ଓହୋ ! ମାଳବିକା ସହିତ ମୋର ସମ୍ପର୍କ ବାହାରକୁ ପ୍ରକାଶ ନ ପାଇଥିଲେ ମଧ୍ୟ ତା' ଉପରେ ଏପରି କଳଙ୍କ-ଆରୋପ ମୋ ମନରେ ଶଙ୍କା ଜାତ କରୁଛି ।

ବିଦୂ—ତା' ପରେ ମହାରାଣୀ ବାରମ୍ବାର ପଚାରନ୍ତେ ଇରାବତୀ ଆପଣଙ୍କ ଅଶୋଭ-ନୀୟ କଥାଟିକୁ ବାଦ୍ ଦେଇ ଆଉ ସବୁ କଥା ତାଙ୍କୁ କହିଦେଲେ ।

ରାଜା—ଓଃ ! ଇରାବତୀଙ୍କର କ୍ରୋଧ ଏତେଦିନ ଯାଏ ରହିଥିଲି ? ଆଚ୍ଛା, ହେଉ, ତା' ପରେ କୁହ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—किं अवरं । मालविआ बउलावलिआ अ पादालवासं णिगलपदीओ अदिट्ठसुज्जपादं णागकण्णआओ विअ अणुहोन्ति । (किमपरम् । मालविका बकुलावलिका च पातालवासं निगड-पदावदृष्टसूर्यपादं नागकन्यके इवानुभवतः ।)

राजा०—कष्टं कष्टम् ।

मधुरस्वरा परभृता भ्रमरी च विबुद्धचूतसङ्गिन्यौ ।
कोटरमकालवृष्ट्या प्रबलपुरोवातया गमिते ॥ २

अप्यत्र कस्यचिदुपक्रमस्य गतिः स्यात् !

विदू०—कहं भविस्सदि । जं सारभाण्डघरव्यापारिदा माहविआ देवीए संदिट्ठा । सह अङ्गुलीअमुद्दिअं अदेक्खिअ ण मोत्तव्वा तुए हदासा मालविआ बउलावलिआ अ त्ति । (कथं भविष्यति । यत्सारभाण्ड-गृहव्यापारिता माधविका देव्या संदिष्टा । समाङ्गुलीयकमुद्रिकाम-दृष्ट्वा न मोक्तव्या त्वया हताशा मालविका बकुलावलिका चेति ।)

राजा—(निःश्वस्य सपरामर्शम् ।) सखे ! किमत्र कर्तव्यम् ।

विदू०—(विचिन्त्य ।) अत्थि एत्थ उवाओ (अस्त्यत्रोपायः ।)

राजा—क इव ।

विदू०– (सदृष्टिक्षेपम् ।) को वि अदिट्ठो सुणिस्सदि । कण्णे दे कहेमि । (इत्युपश्लिष्य कर्णे ।) एव्वं विअ । (इत्यावेदयति ।) [कोऽप्यदृष्टः श्रोष्यति । कर्णे ते कथयामि । एवमिव ।]

राजा—(सहर्षम् ।) सुष्ठु । प्रयुज्यतां सिद्धये ।

प्रती०—देव ! पवादसयणीए देवी णिसण्णा रत्तचन्दणधारिणा परिअणहत्थगदेण चलणेण भअवदीए कहाहिं विणोदिज्जमाणा चिट्ठदि । (देव ! प्रवातशयने देवी निषण्णा रक्तचन्दनधारिणा परिजन-हस्तगतेन चरणेन भगवत्या कथाभिर्विनोद्यमाना तिष्ठति ।)

राजा—तस्मादस्मत्प्रवेशयोग्योऽयमवसरः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ତା' ପରେ ଆଉ କଅଣ କହିବ ? ମାଳବିକା ଓ ବକୁଳାବଳିକା ବର୍ତ୍ତମାନ ଦୁଇଟି ନାଗକନ୍ୟା ପରି ପାତାଳରେ ବାସ କରୁଛନ୍ତି । ଦୁହିଁଙ୍କର ପାଦରେ ବେଡ଼ି ପଡ଼ିଛି । ଦୁହେଁ ସୂର୍ଯ୍ୟକିରଣ ଟିକିଏ ମଧ୍ୟ ଦେଖିବାକୁ ପାଉନାହାନ୍ତି ।

ରାଜା—ଓଃ ! କି କଷ୍ଟ !

ଗୋଟିଏ ମଧୁରକଣ୍ଠୀ କୋଇଲି ଓ ଆଉ ଗୋଟିଏ ଭ୍ରମରୀ, ଦୁହେଁ ବଉଳଭରା ଆମ୍ବଗଛରେ ବସିଥିଲେ । ଅକାଳ ବୃଷ୍ଟି ଆସି ପ୍ରବଳ ପବନରେ ଦୁହିଁଙ୍କୁ ଏକ କୋଠର ଭିତରକୁ ଠେଲିଦେଲା । ୨

ଆଚ୍ଛା, କୌଣସି ଉପାୟ ସମ୍ଭବ ହେବ କି ?

ବିଦୂ—କିପରି ହେବ ? କାରଣ, ଧନରକ୍ଷୀ ତାହାର ଦାୟିତ୍ୱରେ ଥିବା ମାଧବିକାକୁ ମହାରାଣୀ ଆଦେଶ ଦେଇଛନ୍ତି—"ମାଧବିକା ମୋର ଅଙ୍ଗୁଳି ମୁଦ୍ରିକା ନ ଦେଖିଲେ ତୁ ଦୁଷ୍ଟା ମାଳବିକା ଓ ବକୁଳାବଳିକାକୁ କଦାପି ମୁକ୍ତ କରିବୁନାହିଁ ।"

ରାଜା—(ଦୀର୍ଘ ଶ୍ୱାସ ପକାଇ, ଚିନ୍ତାପୂର୍ବକ) ବନ୍ଧୁ, ଏ ବିଷୟରେ କଅଣ କରିବା ?

ବିଦୂ—(ଚିନ୍ତା କରି) ଗୋଟିଏ ଉପାୟ ଅଛି ।

ରାଜା—କଅଣ ?

ବିଦୂ—(ଚାରି ଆଡ଼କୁ ଚାହିଁ) କିଏ କେଉଁଠି ଲୁଚିରହି ଶୁଣିବ କି ? ତୁମ କାନରେ କହିବି । (କାନ ପାଖରେ ଚୁପ୍ ଚୁପ୍) ଏଇଆ ।

ରାଜା—(ଆନନ୍ଦରେ) ବେଶ୍ ! କାର୍ଯ୍ୟ ସିଦ୍ଧିପାଇଁ ଲାଗିଯାଅ ।

ପ୍ରତି—ମହାରାଜ, ମହାରାଣୀ ବର୍ତ୍ତମାନ ଖୋଲା ପବନ ଜାଗାରେ ବିଛଣା ଉପରେ ପଡ଼ି ରହିଛନ୍ତି । ଜଣେ ଦାସୀ ତାଙ୍କର ପାଦ ଧରି ରକ୍ତଚନ୍ଦନ ବୋଳୁଛି । ଭଗବତୀ ପରିବ୍ରାଜିକା (କୌଶିକୀ) କାହାଣୀ କହି ତାଙ୍କର ମନବିନୋଦନ କରୁଛନ୍ତି ।

ରାଜା—ତା' ହେଲେ ଆମର ସେଠାକୁ ଯିବାର ବର୍ତ୍ତମାନ ଠିକ୍ ସମୟ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—भो गच्छदु भवं । अह वि देविं पेक्खिदुं अरित्तपाणी भविस्सं । (भो गच्छतु भवान् । अहमपि देवीं द्रष्टुमरिक्तपाणिर्भविष्यामि ।)

राजा—जयसेनायास्तावदस्मद्रहस्यं विदितं कुरु ।

विदू०—तह । (इति कर्णे ।) एव्वं विअ होदि । (इत्यावेद्य निष्क्रान्तः ।) (तथा । एवमिव भवति ।)

राजा—जयसेने, प्रवातशयनमार्गमादेशय ।

प्रती०—इदो इदो देवो । (इत इतो देवः ।)

(ततः प्रविशति शयनस्था देवी परिव्राजिका विभवतश्च परिवारः ।)

देवी—भअवदि ! रमणिज्जं कहावत्थु । तदो तदो । (भगवति ! रमणीयं कथावस्तु । ततस्ततः ।)

परि०—(सदृष्टिक्षेपम् ।) देवि ! अत परं पुनः कथयिष्यामि, अत्र भगवान्विदिशेश्वरः संप्राप्तः ।

देवी—अम्हो भट्टा । (इत्युत्थातुमिच्छति ।) (अहो भर्ता ।)

राजा—अलमलमुपचारयन्त्रणया ।

अनुचितनूपुरविरहं नार्हसि तपनीयपीठिकालम्बि ।
चरणं रुजापरीतं कलभाषिणि मां च पीडयितुम् ॥ ३

धारिणी—जेदु जेदु अज्जउत्तो । (जयतु जयत्वार्यपुत्रः ।)

परि०—विजयतां देवः ।

राजा—(परिव्राजिकां प्रणम्योपविश्य ।) देवि ! अपि सह्या वेदना ।

धारिणी—अज्ज अत्थि मे विसेसो । (अद्यास्ति मे विशेषः ।)

(ततः प्रविशति यज्ञोपवीतबद्धाङ्गुष्ठः संभ्रान्तो विदूषकः ।)

विदू०—परित्ताअदु परित्ताअदु भवं । सप्पेणम्हि दट्ठो । (परित्रायतां परित्रायतां भवान् । सर्पेणास्मि दष्टः ।)

(सर्वे विषण्णाः ।)

राजा—कष्टं कष्टम् । क्व भवान्परिभ्रान्तः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ଆହେ ! ଆପଣ ଯାଆନ୍ତୁ । ମୁଁ ମଧ୍ୟ ହାତରେ କିଛି ଉପହାର ନେଇ ତାଙ୍କୁ ଦେଖିବାକୁ ଯିବି ।

ରାଜା—ଜୟସେନାକୁ ମଧ୍ୟ ଆମର ଗୋପନୀୟ କଥା କହିଦିଅ ।

ବିଦୂ—ହେଉ । (ଜୟସେନା କାନରେ) ଏଇଆ କଲ୍ୟାଣି !
(କାନରେ କହିଦେଇ ଚାଲିଗଲେ) ।

ରାଜା—ଜୟସେନା, ମହାରାଣୀ ଯେଉଁଠି ମୁକ୍ତବାୟୁ ସ୍ଥାନରେ ଶୋଇଛନ୍ତି, ସେଠାକୁ ନେଇଚାଲ ।

ପ୍ରତୀହାରୀ—ମହାରାଜ ! ଏଣିକି ଆସନ୍ତୁ, ଏଣିକି ।
(ତା' ପରେ ରାଣୀ ଧାରଣୀ ଶୋଇଥିବାର ଦେଖାଗଲେ । ତାଙ୍କ ପାଖରେ ଥିଲେ ପରିବ୍ରାଜିକା ଏବଂ ବିଭବ-ଅନୁରୂପ ପରିଜନବର୍ଗ) ।

ରାଣୀ—ଭଗବତୀ, ବଡ଼ ସୁନ୍ଦର କାହାଣୀ । ତା' ପରେ ?

ପରିବ୍ରାଜିକା—(ଦୃଷ୍ଟିପାତ କରି) ମହାରାଣୀ, ଅବଶିଷ୍ଟ କଥା ପରେ କହିବି । ବର୍ତ୍ତମାନ ଏଠାକୁ ଭଗବାନ୍ ବିଦିଶାଧିପତି ଆସୁଛନ୍ତି ।

ରାଣୀ—କିଏ ! ସ୍ୱାମୀ ! (ଉଠିବାକୁ ଇଚ୍ଛା କଲେ)

ରାଜା—ନା, ନା, ସ୍ୱାଗତ ଜଣାଇବାପାଇଁ କଷ୍ଟ ସହିବା ଅନାବଶ୍ୟକ ।
ଗୋ ମଧୁରଭାଷିଣୀ, ତୁମର ପାଦ କ୍ଷଣେ ମାତ୍ର ନୂପୁରବିହୀନ ହେବା ଉଚିତ ନୁହେଁ । ତଥାପି ତାହା ନୂପୁରବିହୀନ ହୋଇ ସୁବର୍ଣ୍ଣ ପାଦପୀଠ ଉପରେ ପଡ଼ିଛି । ଏଭଳି ପୀଡ଼ାଗ୍ରସ୍ତ ପାଦକୁ ଓ ତତ୍‌ସଙ୍ଗେ ସଙ୍ଗେ ମୋତେ କଷ୍ଟ ଦିଅନାହିଁ । ୩

ଧାରଣୀ—ଆର୍ଯ୍ୟପୁତ୍ରଙ୍କର ଜୟ ହେଉ ।

ପରିବ୍ରାଜିକା—ମହାରାଣୀଙ୍କର ଜୟ ହେଉ ।

ରାଜା—(ପରିବ୍ରାଜିକାଙ୍କୁ ପ୍ରଣାମ କରି ଓ ବସି) ଦେବୀ ! ବିଶେଷ କଷ୍ଟ ହେଉନାହିଁ ତ ?

ଧାରଣୀ—ଆଜି ବିଶେଷଭାବେ ଟିକିଏ ସହ୍ୟ କରି ହେଉଛି ।
(ତା' ପରେ ଅଙ୍ଗୁଳିରେ ପଇତା ଗୁଡ଼େଇ ଭୟାର୍ତ୍ତ ଭାବରେ ବିଦୂଷକଙ୍କର ପ୍ରବେଶ) ।

ବିଦୂ—ରକ୍ଷା କର ମହାରାଜ । ମୋତେ ସାପ କାମୁଡ଼ିଦେଲା ।

(ସମସ୍ତେ ବିପନ୍ନ ହୋଇପଡ଼ିଲେ)

ରାଜା—ହାୟ ! ହାୟ ! ତୁମେ କୁଆଡ଼େ ବୁଲି ଚାଲିଗଲ କି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—देविं देक्खिस्सं त्ति आआरपुप्फग्गहणकारणादो पमदवणं गदोम्हि । (देवीं द्रक्ष्यामीत्याचारपुष्पग्रहणकारणात्प्रमदवनं गतोऽस्मि ।

देवी—हद्धी हद्धी । अहं एव्व बह्मणस्स जीविदसंसअणिमित्तं जादम्हि । (हा धिक् धिक् । अहमेव ब्राह्मणस्य जीवितसंशयनिमित्तं जातास्मि ।)

विदू०—तहिं असोअत्थवअ शकालणादो पसारिदो दक्खिणहत्थो । तदा कोडरणिग्गदेण सप्परूवेण कालेण दट्ठोम्हि । णं एदाणि दुवे दंसणपदाणि । (इति दंशं दर्शयति ।) [तस्मिन्नशोकस्तबककारणात्प्रसारितो दक्षिणहस्तः । ततः कोटरनिर्गतेन सर्परूपेण कालेन दष्टोऽस्मि । नन्वेते द्वे दंशनपदे ।]

परि०—तेन हि दंशच्छेदः पूर्वकर्मेति श्रूयते । स तावदस्य क्रियताम् ।

छेदो दंशस्य दाहो वा क्षतेर्वा रक्तमोक्षणम् ।
एतानि दष्टमात्राणामदूष्याः प्रतिपत्तयः ॥ ४

राजा—संप्रति विषवैद्यानां कर्म । जयसेने, ध्रुवसिद्धिः क्षिप्रमानीयताम् ।

प्रती०—जं देवो आणवेदि । (इति निष्क्रान्ता ।) (यद्देव आज्ञापयति ।)

विदू०—अहो, पावेण मिच्चुणा गहीदोम्हि । (अहो, पापेन मृत्युना गृहीतोऽस्म ।)

राजा—मा कातरो भूः । अविषोऽपि कदाचिद्दंशो भवेत् ।

विदू०—कहं ण भाइस्सं । सिमसिमाअन्ति मे अङ्गाइं । (इति विषवेगं रूपयति ।) (कथं न भेष्यामि । सिमसिमायन्ति मेऽङ्गानि ।)

देवी—हा दंसिदं असुहं विआरेण । अवलम्बथ बम्हणं । (हा, दर्शितमशुभं विकारेण । अवलम्बध्वं ब्राह्मणम् ।)

(परिव्राजिका ससंभ्रममवलम्बते ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—ମହାରାଣୀଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ କିଛି ଉପହାରଫୁଲ ସଂଗ୍ରହ କରିବାପାଇଁ ପ୍ରମଦବନକୁ ଯାଇଥିଲି ।

ରାଣୀ—ହାୟ ! ହାୟ ! ମୋତେ ଧିକ୍ ! ଏ ବ୍ରାହ୍ମଣଙ୍କର ପ୍ରାଣ ରହିବ କି ନାହିଁ, ମୁଁ ହିଁ ତାହାର କାରଣ ହେଲି !

ବିଦୂ—ସେଠି ମୁଁ ଅଶୋକ ଗଛରୁ ଗୋଟିଏ ପେନ୍ଥା ଫୁଲ ତୋଳିବାପାଇଁ ଡାହାଣ ହାତ ବଢ଼ାଇଦେଲି । ଗୋଟାଏ କାଳସର୍ପ କୋରଡ଼ ଭିତରୁ ବାହାରି ଆସି ମୋତେ ଦଂଶନ କରିଦେଲା । ଏଇ ଦୁଇ ଜାଗାରେ କାମୁଡ଼ି ଦେଇଛି ।

ପରିବ୍ରାଜିକା—ତା'ହେଲେ ଦଂଶନସ୍ଥାନକୁ କାଟିପକାଇବା ପ୍ରାଥମିକ ଚିକିତ୍ସା ବୋଲି କୁହାଯାଇଛି । ଏଙ୍କର ତାହା କରାଯାଉ ।

ଦଂଶନ ସ୍ଥାନକୁ କାଟିପକାଇବା, ପୋଡ଼ିପକାଇବା ବା କ୍ଷତସ୍ଥାନରୁ ରକ୍ତ ବାହାର କରିଦେବା, ଏଗୁଡ଼ିକ ହେଉଛି ସାପକାମୁଡ଼ା ଲୋକର ପ୍ରାଣରକ୍ଷାର ଉପାୟ । ୪

ରାଜା—ବର୍ତ୍ତମାନ ବିଷବୈଦ୍ୟଙ୍କୁ ଡାକିବା ନିତାନ୍ତ ଦରକାର । ଜୟସେନା, ଶୀଘ୍ର ଧ୍ରୁବସିଦ୍ଧିଙ୍କୁ ଡକାଅ ।

ପ୍ରତିହାରୀ—ମହାରାଜଙ୍କର ଯାହା ଆଜ୍ଞା । (ଚାଲିଗଲେ) ।

ବିଦୂ—ଓଃ ! ପାପୀ ମୃତ୍ୟୁ ମୋତେ ଆୟତ୍ତ କରିନେଲାଣି ।

ରାଜା—ଭୟ କରନାହିଁ । ସର୍ପଦଂଶନ ବେଳେବେଳେ ବିଷହୀନ ମଧ୍ୟ ହୋଇଥାଏ ।

ବିଦୂ—କିପରି ଭୟ ନ କରିବି ? ମୋ ଦେହ ଝିମିଝିମି ହୋଇଆସିଲାଣି ।

(ଦେହରେ ବିଷ ଚରିଯିବାର ଅଭିନୟ କଲେ)

ରାଣୀ—ହାୟ ! ଏ ଲକ୍ଷଣ ଅଶୁଭ ସୂଚନା ଦେଲାଣି । ବ୍ରାହ୍ମଣଙ୍କୁ ଧର ।

(ପରିବ୍ରାଜିକା ସହସା ଧରିପକାଇଲେ)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(राजानं विलोक्य ।) भोः, भवदो बाल्लादो वि पिअवअस्सोम्हि । तं बिआरिअ अपुत्ताए मे जणणीए जोगक्खेमं वहेहि । (भोः, भवतो बाल्यादपि प्रियवयस्योऽस्मि । तं विचार्यापुत्राया मे जनन्या योगक्षेमं वह ।)

राजा—मा भैषीर्गौतम, स्थिरो भव । अचिरात्त्वां वैद्यश्चिकित्सिष्यति ।

(प्रविश्य ।)

जयसेना—देव ! आणाविदो धुवसिद्धी विण्णावेदि इह एव्व आणीअदु सो गोदमो त्ति । (देव ! आज्ञापितो ध्रुवसिद्धिर्विज्ञापयति इहैवानीयतां स गौतम इति ।)

राजा—तेन हि प्रतिगृहीतमेनं तत्रभवतः सकाशं प्रापय ।

जयसेना—तहा । (तथा ।)

विदू०—(देवीं विलोक्य ।) भोदि, जीवेअं वा ण वा । जं मए अत्तभवन्तं सेवमाणेण ते अवरद्धं तं मरिसेहि । (भवति ! जीवेयं वा न वा । यन्मयात्रभवन्तं सेवमानेन तेऽपराद्धं तत्मृष्यस्व ।)

देवी—दीहाऊ होहि । (दीर्घायुर्भव ।)

(निष्क्रान्तो विदूषकः प्रतिहारी च ।)

राजा—प्रकृतिभीरुस्तपस्वी ध्रुवसिद्धिमपि यथार्थनामानं सिद्धिमन्तं न मन्यते ।

(प्रविश्य ।)

जयसेना—जेदु जेदु भट्टा । धुवसिद्धी विण्णावेदि उदकुम्भविहाणेण सप्पमुद्दिअं किंपि कप्पिदव्वं । तं अण्णेसीअदु त्ति । (जयतु जयतु भर्ता । ध्रुवसिद्धिर्विज्ञापयति उदकुम्भविधानेन सर्पमुद्रितं किमपि कल्पयितव्यम् । तदन्विष्यतामिति ।)

धारिणी—इदं सप्पमुद्दिअं अङ्गुलीअअं । पच्छा मम हत्थे देहि णं । (इत्यङ्गुलीयकं ददाति ।) [इदं सर्पमुद्रितमङ्गुलीयकम् । पश्चान्मम हस्ते देह्येतत् ।]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—(ରାଜାଙ୍କୁ ଗୃହିଁ) ଆହେ ! ପିଲାଦିନରୁ ଆପଣଙ୍କର ମୁଁ ପ୍ରିୟବନ୍ଧୁ । ଏ କଥା ବିଗୃର କରି, ମୋର ପୁତ୍ରହୀନା ମା'ଆଙ୍କର ରକ୍ଷଣାବେକ୍ଷଣ କରିବେ ।

ରାଜା—ଗୌତମ ! ଭୟ କର ନାହିଁ । ଧୈର୍ଯ୍ୟ ଧର । ଚିକିତ୍ସକ ତୁମକୁ ଅବିଳମ୍ବେ ଭଲ କରିଦେବେ ।

ଜୟସେନା—(ପ୍ରବେଶ କରି) ମହାରାଜ, ଧ୍ରୁବସିଦ୍ଧିଙ୍କୁ ମହାରାଜଙ୍କ ଆଦେଶ ଜଣାଇଦେଲି । ସେ କହିଲେ, "ଗୌତମଙ୍କୁ ଏଇଠିକି ଘେନିଆସ ।"

ରାଜା—ତା' ହେଲେ ଏହାଙ୍କୁ ଧରି ତାଙ୍କ ନିକଟକୁ ନେଇଯାଅ ।

ଜୟସେନା—ହେଉ ।

ବିଦୂ—(ରାଣୀଙ୍କୁ ଗୃହିଁ) ମହାରାଣୀ ! ବଞ୍ଚିବି କି ନାହିଁ, ସନ୍ଦେହ । ମହାରାଜଙ୍କ ସେବାରେ ରହି ଆପଣଙ୍କଠାରେ ଯଦି କିଛି ଅପରାଧ କରିଥିବି, ତେବେ ତାହା ମାର୍ଜନା କରିବେ ।

ରାଣୀ—ଦୀର୍ଘାୟୁ ହୁଅ ।

(ବିଦୂଷକ ଓ ପ୍ରତୀହାରୀ ଗୃଲିଗଲେ) ।

(प्रविश्य सवयस्यः ।)

राजा— कान्तां विचिन्त्य सुलभेतरसंप्रयोगां
श्रुत्वा विदर्भपतिमानमितं बलैश्च ।
धाराभिरातप इवाभिहतं सरोजं
दुःखायते मम मनः सुखमश्नुते च ॥ ३

विदू०—जह अहं पेक्खामि तह एकन्तसुहिदो भवं हविस्सदि।
(यथाहं प्रेक्षे तथा एकान्तसुखितो भवान्भविष्यति ।)

राजा—कथमिव ।

विदू०—अज्ज किल देवीए एव्वं पण्डितकोसिई भणिदा । भअवदि ! ज तुमं पसाहणगव्वं वहसि, तं दंसेहि मालविआए सरीरे विवाहणेवत्थं त्ति। ताए सविसेसालंकिदा मालविआ । तत्तहोदी कदावि पूरए भवदो वि मणोरहं । (अद्य किल देव्यैवं पण्डितकौशिकी भणिता । भगवति ! यत्त्वं प्रसाधनगर्वं वहसि, तद्दर्शय मालविकायाः शरीरे विवाहनेपथ्यमिति । तया सविशेषालकृता मालविका । तत्र-भवती कदाचित्पूरयेद् भवतोऽपि मनोरथम् ।)

राजा—सखे ! मदपेक्षामनुरोध्य अनया धारिण्या पूर्वाचरितैः संभाव्यत एवैतत् ।

प्रती०—(उपगम्य) जेदु जेदु भट्टा । विण्णावेदि तवणीआसोअस्स कुसुम-सहदंसणेण मह आरम्भो सफलो करीअदु त्ति। (जयतु जयतु भर्ता । देवी विज्ञापयति तपनीयाशोकस्य कुसुमसहदर्शनेन ममारम्भः सफलः क्रियतामिति ।

राजा—ननु तत्रैव देवी तिष्ठति ?

प्रती०—अह इं । जहरिहसंमाणसुहिअं अन्तेउरं विसज्जिअ मालविआ-पुरोएण अत्तणो परिअणेण सह देवं पडिवालेदि । (अथ किम् । यथार्हसंमानसुखितमन्तःपुरं विसृज्य मालविकापुरोगेणात्मनः परिजनेन सह देवं प्रतिपालयति ।)

राजा—(सहर्षं विदूषकं विलोक्य ।) जयसेने ! गच्छाग्रतः ।

प्रती०—एदु एदु देवो । (इति परिक्रामति ।) [एत्वेतु देवः ।]

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

(ଏକାନ୍ତ ସ୍ଥାନକୁ ଯାଇ ଠିଆ ହେଲା)

(ବିଦୂଷକଙ୍କ ସହ ରାଜାଙ୍କର ପ୍ରବେଶ)

ରାଜା—ପ୍ରିୟତମା (ମାଳବିକା) ସହିତ ମୋର ମିଳନ ସୁଲଭ ନୁହେଁ, ଏ କଥା ଚିନ୍ତା କରି ଏବଂ ଶତ୍ରୁ ବିଦର୍ଭରାଜ (ଯଜ୍ଞସେନ) ମୋ ସେନାବାହିନୀଙ୍କ ଦ୍ୱାରା ପରାସ୍ତ ହୋଇଛି, ଏହା ଶୁଣି ପ୍ରଚଣ୍ଡ ଗ୍ରୀଷ୍ମକାଳରେ ବର୍ଷାଧାରାରେ ସିକ୍ତ ହୋଇଥିବା ପଦ୍ମ ପରି ମୋର ମନ ଦୁଃଖ ତଥା ସୁଖ ଅନୁଭବ କରୁଛି । ୩

ବିଦୂ—ମୁଁ ଦେଖିପାରୁଛି, ଆପଣଙ୍କୁ କେବଳ ସୁଖ ହିଁ ମିଳିବ ।

ରାଜା—କିପରି ?

ବିଦୂ—ଆଜି ଦେବୀ (ପାଟମହାରାଣୀ ଧାରିଣୀ) ପଣ୍ଡିତ କୌଶିକୀଙ୍କୁ କହିଲେ—"ଭଗବତୀ ! ତୁମେ ପ୍ରସାଧନକଳାରେ (ବେଶଭୂଷା କରାଇବାରେ) ଯେଉଁ ନିପୁଣତା ଲାଭ କରିଛ, ମାଳବିକାକୁ ବିବାହ ବେଶରେ ସଜାଇବାରେ ତାହା ଦେଖାଅ ।" ତେଣୁ ପଣ୍ଡିତ କୌଶିକୀ ମାଳବିକାକୁ ଆଜି ଭଲଭାବରେ ଭୂଷିତା କରିଛନ୍ତି । ମହାରାଣୀ ଆପଣଙ୍କର ଅଭିଳାଷ ପୂରଣ କରିପାରନ୍ତି ।

ରାଜା—ବନ୍ଧୁ, ମୋର ସୁଖସନ୍ତୋଷ ପ୍ରତି ଧ୍ୟାନ ରଖି ମହାରାଣୀ ଧାରିଣୀ ଏଥି ପୂର୍ବରୁ ଯାହା ସବୁ କରିଛନ୍ତି, ସେଥିରୁ ମୋର ଅନୁମାନ ହେଉଛି, ସେ ମୋରି ଉଦ୍ଦେଶ୍ୟରେ ହିଁ ଏହା କରିଛନ୍ତି ।

ପ୍ରତିହାରୀ (ନିକଟକୁ ଆସି) ମହାରାଜଙ୍କର ଜୟ ହେଉ । ମହାରାଜ, ମହାରାଣୀ ଜଣାଇଛନ୍ତି—'ତପନୀୟ ଅଶୋକ ଗଛରେ ପୁଷ୍ପସଂଭାର ମୁଁ ମହାରାଜଙ୍କ ସଙ୍ଗରେ ଥାଇ ଦେଖିବାକୁ ଚାହୁଁଛି । ମହାରାଜ ମୋର ଏ ଇଚ୍ଛାକୁ ପୂର୍ଣ୍ଣ କରନ୍ତୁ ।"

ରାଜା—କଅଣ ଦେବୀ ସେଇ ସ୍ଥାନରେ ଅଛନ୍ତି ?

ପ୍ରତିହାରୀ—ହିଁ, ଯଥାଯୋଗ୍ୟ ପୁରସ୍କାରରେ ଅନ୍ତଃପୁରର ଲୋକମାନଙ୍କୁ ସନ୍ତୁଷ୍ଟ କରି, ମାଳବିକା ପ୍ରମୁଖ ପରିଜନଙ୍କ ସଙ୍ଗରେ ଯେବେ ସେ ମହାରାଜଙ୍କୁ ଅପେକ୍ଷା କରି ରହିଛନ୍ତି ।

ରାଜା—(ଆନନ୍ଦରେ ବିଦୂଷକଙ୍କୁ ଚାହିଁ) ଜୟସେନା ! ଆଗରେ ଚାଲ ।

ପ୍ରତିହାରୀ—ମହାରାଜ, ଆସନ୍ତୁ । (ଯିବାରେ ଲାଗିଲା)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

विदू०—(विलोक्य ।) भो वअस्स ! किंवि परिवुत्तजोव्वणो विअ वसन्तो पमदवणे लक्खीअदी । (भो वयस्य ! किंचित्परिवृत्तयौवन इव वसन्तः प्रमदवने लक्ष्यते ।)

राजा—यथाह भवान् ।

अग्रे विकीर्णकुरबकफलजालकभिद्यमानसहकारम् ।
परिणामाभिमुखमृतोरुत्सुकयति यौवनं चेतः ॥ ४

विदू०—(परिक्रम्य ।) अहो अअं सो दिण्णणेवत्थो विअ कुसुमत्थवएहिं तवणीआसोओ । ओलोअदु भवं । (अहो ! अयं स दत्तनेपथ्य इव कुसुमस्तबकैस्तपनीयाशोकः । अवलोकतां भवान् ।)

राजा—स्थाने खलु प्रसवमन्थरोऽयमभूत् । यदिदानीमनन्यसाधारणीं शोभामुद्वहति । पश्य—

सर्वाशोकतरूणां प्रथमं सूचितवसन्तविभवानाम् ।
निर्वृत्तदोहदेऽस्मिन्संक्रान्तानीव कुसुमानि ॥ ५

विदू०—तह । भो, वीसद्धो होहि । अम्हेसु संणिहिदेसु वि धारिणी पासपरिवट्टिणीं मालविअ अणुमण्णेदि । (तथा । भोः, विस्रब्धो भव । अस्मासु संनिहितेष्वपि धारिणी पार्श्वपरिवर्तिनीं मालविकामनुमन्यत ।)

राजा—(सहर्षम् ।) सखे ! पश्य—

मामियमभ्युत्तिष्ठति देवी विनयादनूत्थिता प्रियया ।
विस्तृतहस्तकमलया नरेन्द्रलक्ष्या वसुमतीव ॥ ६

(ततः प्रविशति धारिणी मालविका परिव्राजिका विभवतश्च परिवारः ।)

माल०—(आत्मगतम् ।) जाणामि णिमित्तं कोदुआलंकारस्स । तह वि मे हिअअं विसिणीपत्तगदं विअ सलिलं वेवदि । अवि अ दक्खिणेदरं वि मे णअणं बहुसो फुरदि । (जानामि निमित्तं कौतुकालंकारस्य । तथापि मे हृदयं बिसिनीपत्रगतमिव सलिलं वेपते । अपि च दक्षिणेतरदपि मे नयनं बहुशः स्फुरति ।)

विदू०—भो वअस्स ! विवाहणेवत्थेण सविसेसं क्खु सोहदि मालविआ । (भो वयस्य ! विवाहनेपथ्येन सविशेषं खलु शोभते मालविका ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ବିଦୂ—(ଚୁହିଁ) ହେ ବନ୍ଧୁ, ପ୍ରମଦବନରେ ବସନ୍ତର ଯୌବନ ପୂର ଉଠିଲା ପରି ଜଣାପଡ଼ୁଛି ।

ରାଜା—ତୁମେ ଠିକ୍ କହିଲ ।

ଆଗରେ ଆମ୍ବ ଗଛ ସହିତ କୁରବକ ଗଛର ଫୁଲ ଫଳ ସବୁ ମିଶି-ଯାଇଛି । ବସନ୍ତ ଋତୁର ଏହି ସଂପୂର୍ଣ୍ଣ ବିକଶିତ ଯୌବନ ମନକୁ ଉତ୍କଣ୍ଠିତ କରୁଛି । ୪

ବିଦୂ—(କେତେ ପାଦ ଯାଇ) ଓହୋ ! ଏଇ ସେଇ ତପନୀୟ ଅଶୋକଗଛ ! ପୁଷ୍ପସଂଭାରରେ ଏହାକୁ ସତେ ଯେପରି ସଜେଇଦିଆଯାଇଛି ! ଆପଣ ଦେଖନ୍ତୁ ।

ରାଜା—ଫୁଲ ଧରିବାରେ ବିଳମ୍ବ କରି ଏ ଠିକ୍ କରିଛି । ଯେହେତୁ ଏ ବର୍ତ୍ତମାନ ଏପରି ପୁଷ୍ପଶୋଭା ଧାରଣ କରିଛି, ଯାହା କି ଅନ୍ୟ କୌଣସି ଗଛରେ ନାହିଁ । ଦେଖ—

ଯେଉଁ ଅଶୋକଗଛ ଗୁଡ଼ିକ ପ୍ରଥମେ ବସନ୍ତର ବିଭବକୁ ପ୍ରକାଶ କରିଥିଲେ, ଏ ଅଶୋକଗଛଟିକୁ ଦୋହଦ (ମାଳବିକାର ପଦପ୍ରହାର) ମିଳିବା ମାତ୍ରେ ସତେ ଯେପରି ସବୁ ଅଶୋକଗଛର ପୁଷ୍ପ ସଂଭାର ଏ ଗଛକୁ ଚାଲିଆସିଲା ! ୫

ବିଦୂ—ହଁ, ତାହା ଠିକ୍ । ଧୈର୍ଯ୍ୟ ଧରନ୍ତୁ । ଆମେ ପାଖକୁ ଆସିଥିଲେ ମଧ୍ୟ ଧାରଣୀ ନିଜ ପାଖରେ ମାଳବିକାଙ୍କର ରହିବାଟାକୁ ଅନୁମୋଦନ କରୁଛନ୍ତି । (ମାଳବିକାଙ୍କୁ ପାଖରୁ ଦୂରେଇ ଦେଉନାହାନ୍ତି ।)

ରାଜା—(ଆନନ୍ଦରେ) ବନ୍ଧୁ, ଦେଖ—

ଏଇ, ମହାରାଣୀ ମୋତେ ସ୍ୱାଗତ ଜଣାଇବାପାଇଁ ମାଳବିକାର ବଢ଼ାଇଦେଇଥିବା କରପଦ୍ମକୁ ଧରି ଆସନରୁ ଉଠୁଛନ୍ତି । ମନେ ହେଉଛି, ସତେ ଯେପରି ରାଜଲକ୍ଷ୍ମୀ ନିଜର କରପଦ୍ମକୁ ବଢ଼ାଇ ଦେଇଛନ୍ତି, ତାହା ଧରି ବସୁମତୀ (ପୃଥିବୀ) ଉଠୁଛନ୍ତି । ୬

(ତା' ପରେ ଧାରଣୀ, ମାଳବିକା, ପରିବ୍ରାଜିକା ଓ ବିଭବ-ଅନୁରୂପ ପରିଜନମାନଙ୍କର ପ୍ରବେଶ)

ମାଳବିକା—(ସ୍ୱଗତ) ମୋତେ ମଙ୍ଗଳ ବେଶଭୂଷାରେ ମଣ୍ଡିତ କରାଯାଇଥିବାର କାରଣ ମୁଁ ଜାଣେ । ତଥାପି ମୋର ହୃଦୟ ପଦ୍ମପତ୍ରରେ ଥିବା ଜଳ ପରି କଂପିତ ହେବାରେ ଲାଗିଛି । ପୁଣି ମୋର ବାମ ଚକ୍ଷୁ ବାରମ୍ବାର ସ୍ଫୁରୁଛି ।

ବିଦୂ—ହେ ବନ୍ଧୁ, ବିବାହବେଶରେ ମାଳବିକା ଅତ୍ୟନ୍ତ ସୁନ୍ଦର ଦେଖାଯାଉଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—पश्याम्येनाम् । यैषा—

अनतिलम्बिदुकूलनिवासिनी बहुभिराभरणैः प्रतिभाति मे ।
उडुगणैरुदयोन्मुखचन्द्रिका हृतहिमैरिव चैत्रविभावरी ॥ ७

धारिणी—(उपेत्य ।) जेदु जेदु अज्जउत्तो । (जयतु जयत्वार्यपुत्रः ।)

विदू०—वड्ढदु भोदी । (वर्धतां भवती ।)

परि०—विजयतां देवः ।

राजा—भगवति ! अभिवादये ।

परि०—अभिप्रेतसिद्धिरस्तु ।

देवी—(सस्मितम् ।) अज्जउत्त, एस ते अम्हेहिं तरुणीजणसहाअस्स असोओ संकेदघरो कप्पिदो । (आर्यपुत्र ! एष तेऽस्माभिस्तरुणीजनसहायस्याशोकः संकेतगृहं कल्पितः ।)

विदू०—भो ! आराहिओसि । (भो ! आराधितोऽसि ।)

राजा—(सव्रीडमशोकमभितः परिक्रामन् ।)

नायं देव्या भाजनत्वं न नेयः सत्काराणामीदृशानामशोकः ।
यः सावज्ञो माधवश्रीनियोगे पुष्पैः शंसत्यादरं त्वत्प्रयत्ने ॥ ८

विदू०—भो ! वीसद्धो भविअ तुमं जोव्वणवदिं इमं पेक्ख ।
(भो ! विस्रब्धो भूत्वा त्वं यौवनवतीमिमां पश्य ।)

देवी—कं । (काम् ।)

विदू०—भोदि ! तवणीआसोअस्स कुसुमसोहम् । (भवति ! तपनीयाशाकस्य कुसुमशोभाम् ।)

(सर्वे उपविशन्ति ।)

राजा—(मालविकां विलोक्य । आत्मगतम् ।) कष्टः खलु संनिधिवियोगः ।

अहं रथाङ्गनामेव प्रिया सहचरीव मे ।
अननुज्ञातसंपर्का धारिणी रजनीव नौ ॥ ९

कञ्चुकी—विजयतां देवः । देव ! अमात्यो विज्ञापयति । विदर्भविषयोपायने द्वे शिल्पकारिके मार्गपरिश्रमादलघुशरीरे इति पूर्वं न प्रवेशिते । संप्रति देवोपस्थानयोग्ये संवृत्ते । तदाज्ञां देवो दातुमर्हतीति ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ହଁ, ମୁଁ ତାଙ୍କୁ ଦେଖିଛି । ସେ--

ବିଶେଷ ଲମ୍ବ ନୁହେଁ ଲୁଗାଖଣ୍ଡିଏ ପିନ୍ଧିଛନ୍ତି, ବହୁତ ଅଳଙ୍କାରରେ ମଣ୍ଡିତା ହୋଇଛନ୍ତି, ତେଣୁ ହିମକାଳ ଶେଷ ହେଲା ପରେ ଉଜ୍ଜ୍ୱଳ ତାରାଗଣ ଦ୍ୱାରା ଓ ପ୍ରକାଶିତ ହେବାକୁ ଯାଉଥିବା ଜ୍ୟୋତ୍ସ୍ନା ଦ୍ୱାରା ମଣ୍ଡିତା ଚୈତ୍ର ରାତ୍ରି ଭଳି ମୋତେ ବୋଧ ହେଉଛନ୍ତି । ୭

ଧାରିଣୀ—(ନିକଟକୁ ଆସି) ଆର୍ଯ୍ୟପୁତ୍ରଙ୍କର ଜୟ ହେଉ ।

ବିଦୂ—ମହାରାଣୀଙ୍କର ଶ୍ରୀବୃଦ୍ଧି ହେଉ ।

ପରିବ୍ରାଜିକା—ମହାରାଜଙ୍କର ଜୟ ହେଉ ।

ରାଜା—ଭଗବତୀ ! ଆପଣଙ୍କୁ ମୁଁ ଅଭିବାଦନ ଜଣାଉଛି ।

ପରି—ଆପଣଙ୍କର ମନବାଞ୍ଛା ପୂର୍ଣ୍ଣ ହେଉ ।

ରାଣୀ—(ମୃଦୁ ମୃଦୁ ହସି) ଆର୍ଯ୍ୟପୁତ୍ର ! ଏଇ ଅଶୋକଗଛକୁ ଆମେ ଆପଣଙ୍କର ନୂତନ ତରୁଣୀ ସହିତ ମିଳନଲାଗି ଅଭିସାରଗୃହ ରୂପେ ବାଛିଛୁଁ ।

ବିଦୂ—ବନ୍ଧୁ, ଆପଣଙ୍କର ଅଭ୍ୟର୍ଥନା କରାଯାଉଛି ।

ରାଜା—(ଲଜ୍ଜାର ସହିତ ଅଶୋକଗଛ ଆଡ଼କୁ ଯାଉଁ ଯାଉଁ)

ଏହି ଅଶୋକକୁ ତୁମର ଏଭଳି ଆଦରର ପାତ୍ର କରାଯିବା ଯେ ଅନୁଚିତ, ତା ନୁହେ । କାରଣ, ବସନ୍ତଲକ୍ଷ୍ମୀ ଯେତେବେଳେ ଏହାକୁ ଫୁଲ ଧରିବାକୁ ଆଦେଶ ଦେଇଥିଲା, ସେତେବେଳେ ଏ ସେହି ଆଦେଶକୁ ଅବଜ୍ଞା କରିଥିଲା । କିନ୍ତୁ ତୁମ ଦ୍ୱାରା ସ୍ପର୍ଶ କରାଯିବା ମାତ୍ରେ (ଦୋହଦ ଦିଆଯିବା ମାତ୍ରେ) ଏ ଫୁଲ ଧାରଣ କରି ତୁମ ପ୍ରତି ନିଜର ଆଦର ବ୍ୟକ୍ତ କଲା ।

ବିଦୂ—ଆହେ, ତୁମେ ସ୍ଥିର ହୋଇ ଏଇ ଯୌବନବତୀକୁ ଦେଖ ।

ରାଣୀ—କାହାକୁ ?

ବିଦୂ—ଦେବୀ ! ଉପମାସ୍ଥ ଅଶୋକର ପୁଷ୍ପଶୋଭାକୁ । (ସମସ୍ତେ ବସିଲେ)

ରାଜା—(ମାଳବିକା ଆଡ଼କୁ ଚାହିଁ ସ୍ୱଗତ) ନିକଟରେ ଥାଇ ପ୍ରିୟାର ବିଚ୍ଛେଦ ସହିବା ବଡ଼ କଷ୍ଟକର । ମୁଁ ଚକ୍ରବାକ ପରି, ପ୍ରିୟା (ମାଳବିକା) ଚକ୍ରବାକ ସଙ୍ଗରେ ଥିବା ଚକ୍ରବାକୀ ପରି । ଆମ ଦୁହିଁଙ୍କର ସମ୍ପର୍କ (ମିଳନ) ପାଇଁ ଅନୁମତି ଦେଉନଥିବା ଧାରିଣୀ ରାତ୍ରି ପରି ହୋଇଛନ୍ତି । ୯

କଞ୍ଚୁକୀ—(ପ୍ରବେଶ କରି) ମହାରାଜଙ୍କର ଜୟ ହେଉ । ମହାରାଜ ! ମନ୍ତ୍ରୀ ମହୋଦୟ ଜଣାଇଛନ୍ତି—ବିଦର୍ଭରୁ ଯେଉଁସବୁ ଉପହାର ଆସିଥିଲା, ତନ୍ମଧ୍ୟରେ ଦୁଇଜଣ କନ୍ୟାଶିଳ୍ପୀ ଅନ୍ତର୍ଗତ । ସେ ଦୁଇଜଣ ଦୀର୍ଘ ପଥ ଅତିକ୍ରମ କରି ଆସିଥିବାରୁ ଅସୁସ୍ଥ ହୋଇପଡ଼ିଥିଲେ, ତେଣୁ ମହାରାଜଙ୍କ ସମ୍ମୁଖକୁ ସେଦୁହିଁଙ୍କୁ ଅଣାଯାଇନଥିଲା । ବର୍ତ୍ତମାନ ସେ ଦୁହେଁ ମହାରାଜଙ୍କ

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—प्रवेशय ते ।

कञ्चुकी—यदाज्ञापयति देवः । (इति निष्क्रम्य ताभ्यां सह प्रविश्य ।) इत इतो भवत्यौ ।

प्रथमा—(जनान्तिकम् ।) हला मदणिए ! अपुव्वं इमं राअउलं पविसन्तीए पसीददि मे हिअअं । (सखि मदनिके ! अपूर्वमिदं राजकुलं प्रविशन्त्याः प्रसीदति मे हृदयम् ।)

द्वितीया—जोसिणीए ! मह वि एव्वं । अत्थि क्खु लोअप्पवादो आआमि सुहं दुक्खं वा हिअअसमवत्था कहेदि त्ति । (ज्योत्स्निके ! ममाप्येवम् । अस्ति खलु लोकप्रवादः आगामि सुखं दुःखं वा हृदयसमवस्था कथयतीति ।)

प्रथमा—सो सच्चो दाणिं होदु । (स सत्य इदानीं भवतु ।)

कञ्चुकी—एष देव्या सह देवस्तिष्ठति । उपसर्पतां भवत्यौ ।

(उभे उपसर्पतः ।)

(मालविका परिव्राजिका च चेट्यौ विलोक्य परस्परमवलोकयतः ।)

उभे—(प्रणिपत्य ।) जेदु जेदु भट्टा ! जेदु जेदु भट्टिणी । (जयतु जयतु भर्ता । जयतु जयतु भट्टिनी ।)

राजा—निषीदतम् ।

(उभे राजाज्ञया उपविष्टे ।)

राजा—कस्यां कलायामभिविनीते भवत्यौ ।

उभे—भट्टा ! संगीदए अब्भन्तरेम्ह । (भर्तः ! संगीतकेऽभ्यन्तरे स्वः ।)

राजा—देवि ! गृह्यतामनयोरन्यतरा ।

देवी—मालविए ! इदो पेक्ख । कदरा दे संगीदसहआरिणी रुच्चदि । (मालविके ! इतः पश्य । कतरा ते संगीतसहकारिणी रोचते ।)

उभे—(मालविकां दृष्ट्वा ।) अम्हो भट्टदारिआ ! जेदु जेदु भट्टदारिआ । (इति प्रणम्य तया सह बाष्पं विसृजतः । [अहो भर्तृदारिका ! जयतु जयतु भर्तृदारिका ।]

(सर्वे सविस्मयं विलोकयन्ति ।)

राजा—के भवत्यौ । का वेयम् ।

प्रथमा—भट्टा ! एसा अम्हाणं भट्टदारिआ । (भर्तः ! एषास्माकं भर्तृदारिका ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ସମ୍ମୁଖକୁ ଆସିବାକୁ ସମର୍ଥା ହେଲେଣି । ତେଣୁ ଆପଣ ଆଜ୍ଞା ଦେବା ହୁଅନ୍ତୁ ।

ରାଜା—ଦୁହିଁଙ୍କୁ ପ୍ରବେଶ କରାଅ ।

କଞ୍ଚୁକୀ—ମହାରାଜାଙ୍କର ଯାହା ଆଜ୍ଞା ।

(ବାହାରକୁ ଯାଇ ସେଦୁହିଁଙ୍କ ସହ ପ୍ରବେଶ କର)

ଆପଣ ଦୁଇଜଣ ଏଣିକି ଆସନ୍ତୁ ।

ପ୍ରଥମକନ୍ୟା—(ନିଜ ସଖୀ ପ୍ରତି ଚୁପ୍ ଚୁପ୍) ସଖୀ ମଦନିକା ! ଏହି ଅପୂର୍ବ ରାଜବାଟୀରେ ପ୍ରବେଶ କରୁକରୁ ମୋର ହୃଦୟ ଉତ୍ଫୁଲ୍ଲ ହୋଇଉଠୁଛି ।

ଦ୍ୱିତୀୟକନ୍ୟା—ଜ୍ୟୋସ୍ନିକା ! ମୋର ହୃଦୟ ମଧ୍ୟ ସେଇଭଳି ଅନୁଭବ କରୁଛି । ଲୋକେ କହନ୍ତି, ଭବିଷ୍ୟତରେ ସୁଖ କି ଦୁଃଖ ଅଛି, ତାହା ନିଜର ହୃଦୟର ଅବସ୍ଥା ହିଁ କହିଦିଏ ।

ପ୍ରଥମା—ତାହା ବର୍ତ୍ତମାନ ସତ୍ୟ ହେଉ ।

କଞ୍ଚୁକୀ—ଏଇ, ମହାରାଣୀଙ୍କ ସଙ୍ଗରେ ମହାରାଜ ବସିଛନ୍ତି । ଆପଣ ଦୁହେଁ ତାଙ୍କ ପାଖକୁ ଯାଆନ୍ତୁ ।

(ମାଳବିକା ଓ ପରିବ୍ରାଜିକା କନ୍ୟାଦୁହିଁଙ୍କୁ ଦେଖି ପରସ୍ପରକୁ ଚାହିଁଲେ ।)

କନ୍ୟାଦୁହେଁ—ମହାରାଜଙ୍କର ଜୟ ହେଉ । ମହାରାଣୀଙ୍କର ଜୟ ହେଉ ।

ରାଜା—ବସ ।

(ଦୁହେଁ ରାଜାଙ୍କ ଆଦେଶରେ ବସିଲେ ।)

ରାଜା—ଆପଣ ଦୁହେଁ କେଉଁ କଳାରେ ଶିକ୍ଷାଲାଭ କରିଛନ୍ତି ?

ଦୁହେଁ—ମହାରାଜ ! ଆମେ ସଙ୍ଗୀତରେ ଶିକ୍ଷାଲାଭ କରିଛୁଁ ।

ରାଜା—ଦେବୀ ! ଏ ଦୁହିଁଙ୍କ ମଧ୍ୟରୁ ତୁମେ କାହାକୁ ଜଣକୁ ନିଅ ।

ରାଣୀ—ମାଳବିକା ! ଏଣିକି ଚାହଁ । ତୁମର ସଂଗୀତରେ ସହକାରିଣୀ ହେବାକୁ ଏ ଦୁଇଜଣଙ୍କ ମଧ୍ୟରୁ କିଏ ତୁମକୁ ଭଲ ଲାଗୁଛି ?

କନ୍ୟାଦୁହେଁ—(ମାଳବିକାକୁ ଦେଖି) ଆରେ ! ରାଜକୁମାରୀ ! ରାଜକୁମାରୀଙ୍କର ଜୟ ହେଉ । (ପ୍ରଣାମ କରି କାନ୍ଦିଲେ, ମାଳବିକା ମଧ୍ୟ କାନ୍ଦିଲେ) (ସମସ୍ତେ ବିସ୍ମୟର ସହିତ ଚାହିଁବାରେ ଲାଗିଲେ)

ରାଜା—ଆପଣ ଦୁହେଁ କିଏ ? ଏ (ମାଳବିକା)ବା କିଏ ?

ପ୍ରଥମକନ୍ୟା—ମହାରାଜ ! ଏ ଆମର ରାଜକୁମାରୀ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा-कथमिव ।

उभे—सुणादु भट्टा । जो सो भट्टिणा विजअदंण्डेहिं विदब्भणाहं वसीकरिअ बन्धणादो मोइओ कुमारो माहवसेणो णाम, तस्स इअं कणीअसी भइणी मालविआ णाम । (श्रृणोतु भर्ता । यः स भर्त्रा विजयदण्डैर्विदर्भनाथं वशीकृत्य बन्धनान्मोचितः कुमारो माधवसेनो नाम, तस्येयं कनीयसी भगिनी मालविका नाम ।)

देवी—कहं । राअदारिआ इअं । चन्दणं क्खु मए पादुओवओएण दूसिदं । (कथम् राजदारिकेयम् । चन्दनं खलु मया पादुकोपयोगेन दूषितम् ।)

राजा—अथात्रभवती कथमित्थंभूता ।

माल०—(निःश्वस्यात्मगतम् ।) विहिणिओएण । (विधिनियोगेन ।)

द्वितीया—सुणादु भट्टा । दाआदवसं गदे भट्टदारए माहवसेणे तस्स अमच्चेण अज्जसुमदिणा अम्हाअणं उज्झिअ गूढं आणीदा एसा । (श्रृणोतु भर्ता । दायादवशं गते भर्तृदारके माधवसेने तस्यामात्येनार्यसुमतिनास्मादृशं परिजनमुज्झित्वा गूढमानीतैषा ।)

राजा—श्रुतपूर्वं मयैतत् । ततस्ततः ।

द्वितीया—भट्टा ! अदो वरं ण जाणामि । (भर्तः ! अतः परं न जानामि ।)

परि०—ततः परं मन्दभागिनी कथयिष्यामि ।

उभे—भट्टदारिए ! अज्जकोसिईए विअ सरसंजोओ । णं सा एव्व । (भर्तृदारिके ! आर्यकौशिक्या इव स्वरसंयोगः । ननु सैव ।)

माल०—अह इम । (अथ किम् ।)

उभे-जदिवेसधारिणी अज्जकोसिई दुक्खेण विभावीअदि । भअवदि ! णमो दे । (यतिवेषधारिण्यार्यकौशिकी दुःखेन विभाव्यते । भगवति ! नमस्ते ।)

परि०—स्वस्ति भवतीभ्याम् ।

राजा—कथम् । आप्तवर्गोऽयं भगवत्याः ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—କିପରି ?

ଦୁହେଁ—ଶୁଣନ୍ତୁ, ମହାରାଜ ! ଆପଣ ବଜସ୍ବବାହିନୀଦ୍ୱାରା ବିଦର୍ଭରାଜଙ୍କୁ (ଯଜ୍ଞ-ସେନଙ୍କୁ) ପରାସ୍ତ କରି ଯେଉଁ ରାଜକୁମାର ମାଧବସେନଙ୍କୁ କାରାଗାରରୁ ମୁକ୍ତ କରାଇଥିଲେ, ତାଙ୍କର ଏ ସାନଭଉଣୀ । ଏହାଙ୍କ ନାମ ମାଳବିକା ।

ରାଣୀ—କ'ଣ ଏ ରାଜକନ୍ୟା ! ଚନ୍ଦନକୁ ମୁଁ ପାଦୁକା ରୂପେ ବ୍ୟବହାର କରି ଦୂଷିତ କଲି !

ରାଜା—ଆଚ୍ଛା, ଏ କଲ୍ୟାଣୀ (ମାଳବିକା)ଙ୍କର ଏପରି ଅବସ୍ଥା ହେଲା କିପରି ?

ମାଳବିକା—(ଦୀର୍ଘଶ୍ୱାସ ପକାଇ ସ୍ୱଗତ) ବିଧିବିଧାନରୁ ।

ଦ୍ୱିତୀୟକନ୍ୟା—ଶୁଣନ୍ତୁ ମହାରାଜ । ରାଜକୁମାର ମାଧବସେନଙ୍କୁ ତାଙ୍କର ନିଜ କୁଳର ଲୋକ (ଯଜ୍ଞସେନ) ପରାସ୍ତ କରନ୍ତେ ମାଧବସେନଙ୍କ ମନ୍ତ୍ରୀ ଆର୍ଯ୍ୟ ସୁମତି ଆମକୁ ପରିଜନବର୍ଗଙ୍କୁ ଛାଡ଼ି ଗୋପନରେ ଏହାଙ୍କୁ (ମାଳବିକାଙ୍କୁ) ଘେନି ଆସିଲେ ।

ରାଜା—ଏହା ମୁଁ ଶୁଣିଥିଲି । ତା' ପରେ ?

ଦ୍ୱିତୀୟକନ୍ୟା—ମହାରାଜ ! ତା' ପରେ କଅଣ ହେଲା, ଆମେ ଜାଣୁନା ।

ପରିବ୍ରାଜିକା—ତା' ପର କଥା ମୁଁ ମନ୍ଦଭାଗିନୀ କହିବି ।

ଉଭୟକନ୍ୟା—ରାଜକୁମାରି ! ଆର୍ଯ୍ୟା କୌଶିକୀଙ୍କର ସ୍ୱର ଭଳି ଜଣାପଡ଼ୁଛି ! ସେଇ କି ?

ମାଳବିକା—ହଁ ।

ଉଭୟେ—ଯତିବେଶଧାରିଣୀ କୌଶିକୀଙ୍କୁ ଆମେ କଷ୍ଟରେ ଚିହ୍ନିଲୁ । ଭଗବତି ! ନମସ୍ତେ ।

ପରିବ୍ରାଜିକା—ଆପଣ ଦୁହିଁଙ୍କର ମଙ୍ଗଳ ହେଉ ।

ରାଜା—ଏ (ମାଳବିକା) କଅଣ ଭଗବତୀଙ୍କର ପରିଚିତା କି ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परि°—एवमेतत् ।

विदू°—तेण हि कहेदु भअवदी अत्तहोदीवुत्तन्तं दाव असेसं । (तेन हि कथयतु भगवत्यत्रभवत्या वृत्तान्तं तावदशेषम् ।)

परि°—(सवैक्लव्यम् ।) तावच्छ्रूयताम् । माधवसेनसचिवं ममाग्रजं सुमतिमवगच्छ ।

राजा—उपलक्षितः । ततस्ततः ।

परि°—स इमां तथागतभ्रातृकां मया सार्धमपवाह्य भवत्संबन्धापेक्षया षथिकसार्थं विदिशागामिनमनुप्रविष्टः ।

राजा—ततस्ततः ।

परि°—स चाटव्यन्तरे निविष्टो गताध्वा वणिग्गणः ।

राजा—ततस्ततः ।

परि°—ततः किंचान्यत् ।

तूणीरपट्टपरिणद्धभुजान्तरालमापार्ष्णिलम्बिशिखिबर्हकलापधारि ।
कोदण्डपाणि विनदत्प्रतिरोधकानामापातदुष्प्रसहमाविरभूदनीकम् ॥

(मालविका भयं रूपयति ।)

विदू°—भोदि ! मा भआहि । अदिक्कन्तं क्खु तत्तहोदी कहेदि । (भवति ! मा बिभेहि । अतिक्रान्तं खलु तत्रभवती कथयति ।)

राजा—ततस्ततः ।

परि°-ततो मुहूर्तं बद्धायुधास्ते पराङ्मुखीभूताः सार्थवाहयोद्धारस्तस्करैः ।

राजा—हन्त, इतः परं कष्टतरं श्रोतव्यम् ।

परि°—ततः स मत्सोदर्यः

इमां परीप्सुर्दुर्जाते पराभिभवकातराम् ।
भर्तृप्रियः प्रियैर्भर्तुरानृण्यमसुभिर्गतः ॥ ११

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିବ୍ରାଜିକା—ହଁ ।

ରାଜା—ତା ହେଲେ ଆପଣ ଏ କଲ୍ୟାଣୀ (ମାଳବିକା)ଙ୍କର ବୃତ୍ତାନ୍ତ ଶେଷ ପର୍ଯ୍ୟନ୍ତ କହନ୍ତୁ ।

ପରିବ୍ରାଜିକା—(ବ୍ୟାକୁଳ ଭାବରେ) ଶୁଣନ୍ତୁ । ମାଧବସେନଙ୍କର ମନ୍ତ୍ରୀ ସୁମତିଙ୍କୁ ମୋର ବଡ଼ ଭାଇ ବୋଲି ଜାଣନ୍ତୁ ।

ରାଜା—ମୁଁ ଅନୁମାନ କରୁଥିଲି । ତା' ପରେ ?

ପରିବ୍ରାଜିକା—ଏହାଙ୍କର ଭାଇ (ମାଧବସେନ) ବନ୍ଦୀ ହୁଅନ୍ତେ ସେ (ସୁମତି) ମୋ ସହିତ ଏହାଙ୍କୁ ବାହାରକୁ ଘେନି ଆସିଲେ ଆପଣଙ୍କ ସଙ୍ଗରେ ଏହାଙ୍କର ବିବାହ ଦେବାକୁ ମାଧବସେନ ତ ଚାହୁଁଥିଲେ । ତେଣୁ ସେହି ଆଶାରେ ସୁମତି ବିଦିଶାକୁ ଆସୁଥିବା ବଣିକଯାତ୍ରୀ ଦଳରେ ମିଶିଲେ ।

ରାଜା—ତା' ପରେ ?

ପରିବ୍ରାଜିକା—ସେହି ବଣିକଦଳ ଯାଉ ଯାଉ କ୍ଲାନ୍ତ ହୋଇ ଏକ ଜଙ୍ଗଲ ମଧ୍ୟରେ ବିଶ୍ରାମ ନେଲେ ।

ରାଜା—ତା' ପରେ ?

ପରିବ୍ରାଜିକା—ତା' ପରେ ଆଉ କଅଣ ?

ଧନୁଶର ଧରିଥିବା ଏକ ଦସ୍ୟୁଦଳ ଗର୍ଜନ କରି ସେଠାରେ କାହୁଁ ଆସି ପହଞ୍ଚିଗଲେ । ସେମାନଙ୍କର ବାହୁଦ୍ୱୟମଧ୍ୟସ୍ଥଳ(ଛାତି)ରେ ତୂଣୀରପଟ ଭିଡ଼ାହୋଇ ବନ୍ଧା ହୋଇଥିଲା ଏବଂ ପାଦର ଗୋଇଠି ପର୍ଯ୍ୟନ୍ତ ଲମ୍ବିଥିବା ମୟୂରପୁଚ୍ଛରେ ସେମାନେ ସଜ୍ଜିତ ହୋଇଥିଲେ । ସେମାନ ପ୍ରଚଣ୍ଡ ଭାବରେ ଆକ୍ରମଣ କଲେ । ୧୦

(ମାଳବିକା ଭୟଭୀତ ହୋଇଗଲେ)

ବିଦୂ– କଲ୍ୟାଣୀ ! ଡର ନାହିଁ । ମାନନୀୟା ଅତୀତ କଥା କହୁଛନ୍ତି ।

ରାଜା—ତା' ପରେ ?

ପରିବ୍ରାଜିକା—ତା'ପରେ ମୁହୂର୍ତ୍ତିକ ମଧ୍ୟରେ ବଣିକଦଳଙ୍କର ଯୋଦ୍ଧାମାନେ ଯୁଦ୍ଧ ଆରମ୍ଭ କରିଦେଲେ, କିନ୍ତୁ ତସ୍କରଦଳ ସେମାନଙ୍କୁ ପରାସ୍ତ କରିଦେଲେ ।

ରାଜା—ହାୟ ! ଏହାର ପରବର୍ତ୍ତୀ କଥା ଶୁଣିବା ବଡ କଷ୍ଟକର ।

ପରିବ୍ରାଜିକା—ତା' ପରେ ମୋର ସେହି ଭାଇ—

ଘୋର ସଂକଟ ସମୟରେ ଶତ୍ରୁ-ଆକ୍ରମଣରେ କାତର ହୋଇ-ପଡ଼ିଥିବା ଏହାଙ୍କୁ (ମାଳବିକାଙ୍କୁ) ରକ୍ଷା କରିବାକୁ ଯାଇ ନିଜର ପ୍ରାଣବଳି-ଦେଲେ । ସେ ଥିଲେ ତାଙ୍କ ମୁନିବଙ୍କର (ମାଧବସେନଙ୍କର) ଖୁବ୍ ପ୍ରିୟ । ତେଣୁ ସେ ନିଜର ପ୍ରିୟ ପ୍ରାଣ ବଳି ଦେଇ ମୁନିବଙ୍କର ଋଣରୁ ମୁକ୍ତ ହୋଇଗଲେ । ୧୧

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

प्रथमा—हा, हदो सुमदी। (अहो ! हतः सुमतिः।)

द्वितीया—तदो क्खु इअं भट्टदारिआए समवत्था संवुत्ता। (ततः खल्वियं भर्तृदारिकायाः समवस्था संवृत्ता।)

(परिव्राजिका बाष्पं विसृजति।)

राजा—भगवति ! तनुत्यजामीदृशी लोकयात्रा। न शोच्यस्तत्रभवान् सफलीकृतभर्तृपिण्डः। ततस्ततः।

परि०—ततोऽहं मोहमुपगता यावत्संज्ञां लभे तावदियं दुर्लभदर्शना संवृत्ता।

राजा—महत्खलु कृच्छ्रमनुभूतं भगवत्या।

परि०—ततो भ्रातुः शरीरमग्निसात्कृत्वा पुनर्नवीकृतवैधव्यदुःखया मया त्वदीयं देशमवतीर्य इमे काषाये गृहीते।

राजा—युक्तः सज्जनस्यैवं पन्थाः। ततस्ततः।

परि०—सेयमाटविकेभ्यो वीरसेनं वीरसेनाच्च देवीं गता। देवीगृहे लब्ध-प्रवेशया मया चानन्तरं दृष्टेत्येतदवसानं कथायाः।

माल०—(स्वगतं) किं णु क्खु संपदं भट्टा भणादि। (किं नु खलु सांप्रतं भर्ता भणति।)

राजा—अहो परिभवोपहारिणो विनिपाताः। कुतः—

प्रेष्यभावेन नामेयं देवीशब्दक्षमा सती।
स्नानीयवस्त्रक्रियया पत्रोर्णं वोपयुज्यते॥ १२

धारिणी—भअवदि ! तुए अभिजणवदिं मालविअं अणाचक्खन्तीए असंपदं किदम्। (भगवति ! त्वयाभिजनवतीं मालविकामनाचक्षाणयाऽसांप्रतं कृतम्।)

परि०—शान्तं पापम्। केनचन कारणेन खलु मया नैर्घृण्यमालम्बितम्।

देवी—किं विअ तं कारणम्। (किमिव तत्कारणम्।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପ୍ରଥମକନ୍ୟା—ଓଃ ! ସୁମତି ନିହତ ହେଲେ !

ଦ୍ୱିତୀୟକନ୍ୟା—ସେଥିପାଇଁ ତ ରାଜକୁମାରୀଙ୍କର ଏ ଦଶା ହେଲା ।

(ପରିବ୍ରାଜିକା କାନ୍ଦିଲେ)

ରାଜା—ଗୋ ମାନନୀୟା ! ଜନ୍ମ ହେଲେ ମରଣ ସୁନିଶ୍ଚିତ । ଆପଣଙ୍କର ପୂଜ୍ୟ ଭାଇ ତାଙ୍କ ମୁନିବଙ୍କର ଅନ୍ନ ଖାଉଥିଲେ, ତାହା ସାର୍ଥକ କଲେ । ତାଙ୍କପାଇଁ ଶୋଚନା କରିବା ଅନାବଶ୍ୟକ । ଆଚ୍ଛା, ତା' ପରେ ?

ପରିବ୍ରାଜିକା—ତା'ପରେ, ମୁଁ ମୂର୍ଚ୍ଛା ଯାଇଥିଲି, ଯେତେବେଳେ ଚେତନା ଲାଭ କଲି, ଏହାଙ୍କୁ (ମାଳବିକାଙ୍କୁ) ଆଉ ଦେଖିବାକୁ ପାଇଲିନାହିଁ ।

ରାଜା—ଆପଣଙ୍କୁ ବହୁତ କଷ୍ଟ ଭୋଗିବାକୁ ପଡ଼ିଲା ।

ପରିବ୍ରାଜିକା—ତା' ପରେ ଭାଇଙ୍କର ଶରୀରକୁ ଅଗ୍ନିରେ ସତ୍କାର କଲି । ସ୍ୱାମୀଙ୍କ ମୃତ୍ୟୁରେ ବୈଧବ୍ୟଦୁଃଖ ଅନୁଭବ କରିଥିଲି । ଭାଇଙ୍କ ମୃତ୍ୟୁରେ ସେହି ଦୁଃଖ ପୁଣି ନୂଆ ଭଳି ହୋଇଉଠିଲା । (ସ୍ୱାମୀଙ୍କ ପରେ ଭାଇଙ୍କୁ ଆଶ୍ରା କରିଥିଲି, ଭାଇଙ୍କ ପରେ ଆଉ କାହାକୁ ଆଶ୍ରା କରିବ, ଏହା ଭାବି ବୈଧବ୍ୟଦୁଃଖ ମୋତେ ନୂଆ ଭଳି ଅନୁଭବ ହେଲା ।) ତା'ପରେ ଆପଣଙ୍କ ରାଜ୍ୟରେ ପ୍ରବେଶ କରି ଏଇ ଗେରୁଆ ବସ୍ତ୍ର ଧାରଣ କଲି (ସନ୍ନ୍ୟାସିନୀ ହେଲି) ।

ରାଜା—ସଜ୍ଜନମାନଙ୍କର ଏହା ଉପଯୁକ୍ତ ପନ୍ଥା । ତା' ପରେ ?

ପରିବ୍ରାଜିକା—ଏହି ମାଳବିକାଙ୍କୁ ବନଚରମାନେ (ଦସ୍ୟୁମାନେ) (ବୀରସେନଙ୍କ ଅନୁଗ୍ରହ ପାଇବାକୁ) ବୀରସେନଙ୍କୁ ଦେଲେ, ବୀରସେନ ତାଙ୍କ ଭଉଣୀ ମହାରାଣୀ ଧାରଣୀଙ୍କ ନିକଟକୁ ପଠାଇଦେଲେ । ମୁଁ ମହାରାଣୀଙ୍କ ଉଆସରେ ପ୍ରବେଶ କଲା ପରେ ଏହାଙ୍କୁ ଦେଖିଲି । ଏଇଠି କଥା ଶେଷ ହେଲା ।

ମାଳବିକା—(ସ୍ୱଗତ) ମହାରାଜ ବର୍ତ୍ତମାନ କ'ଣ କହୁଛନ୍ତି କେଜାଣି ।

ରାଜା—ଓହୋ ! ବିପଦ କି ଅବଜ୍ଞା ଆଣି ଦିଏ ! ଯେହେତୁ ଏ ସତୀ (ମାଳବିକା) 'ଦେବୀ' ପଦପାଇଁ ଉପଯୁକ୍ତା, ଏହାଙ୍କୁ ପ୍ରେଷ୍ୟକରାଣୀ ହେବାକୁ ପଡ଼ିଲା ! ଯେପରି କି ବହୁମୂଲ୍ୟ ପଟ୍ଟବସ୍ତ୍ରକୁ ସ୍ନାନ ପରେ ପିନ୍ଧାହେବା ସାଧାରଣ ବସ୍ତ୍ର ଭଳି ବ୍ୟବହାର କରାଗଲା ! ୧୬

ଧାରଣୀ—ମାନନୀୟା ! ଏ ମାଳବିକା ଅଭିଜାତ (ମହାନ୍) କୁଳର କନ୍ୟା । ତୁମେ ମୋତେ ଏହାର ପରିଚୟ ନ ଦେଇ ଠିକ କଲ ନାହିଁ ।

ପରିବ୍ରାଜିକା—ହେ ଭଗବାନ୍ ! ଅମଙ୍ଗଳ ଦୂର ହେଉ । ମହାରାଣୀ ! ଗୋଟିଏ କାରଣରୁ ମୁଁ ଏପରି ନିଷ୍ଠୁରତା ଅବଲମ୍ବନ କଲି ।

ରାଣୀ—କି କାରଣରୁ ?

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

परि०—इयं पितरि जीवति केनापि देवयात्रागतेन सिद्धादेशकेन साधुना मत्समक्षं समादिष्टा। आसंवत्सरमात्रमियं प्रेष्यभावमनुभूय ततः सदृशभर्तृगामिनी भविष्यतीति। तदेवंभाविनमादेशमस्या-स्त्वत्पादशुश्रूषया परिणमन्तमवेक्ष्य कालप्रतीक्षया मया साधु कृतमिति पश्यामि।

राजा—युक्ता प्रतीक्षा।

कञ्चुकी—देव! कथान्तरेणान्तरितम्। अमात्यो विज्ञापयति। विदर्भगत-मनुष्ठेयमनुष्ठितमभूत्। देवस्य तावदभिप्रायं श्रोतुमिच्छामीति।

राजा—मौद्गल्य! तत्रभवतोर्यज्ञसेनमाधवसेनयोर्द्वैराज्यमिदानी-मवस्थापयितुकामोऽस्मि।

तौ पृथग्वरदाकूले शिष्टामुत्तरदक्षिणे।
नक्तंदिवं विभज्योभौ शीतोष्णकिरणाविव॥ १३

कञ्चुकी—देव! एवममात्यपरिषदे निवेदयामि।

(राजाङ्गुल्यानुमन्यते।)

(निष्क्रान्तः कञ्चुकी।)

प्रथमा—(जनान्तिकम्।) भट्टदारिए! दिट्ठिआ भट्टिणा भट्टदारओ अद्धरज्जे पडिट्ठं गमइस्सदि। (भर्तृदारिके! दिष्ट्या भर्त्रा भर्तृ-दारकोऽर्धराज्ये प्रतिष्ठां गमयिष्यते।)

माल०—एदं दाव बहु मणिदव्वं जं जीविदसंसआदो मुत्तो। (एतत्ता-वद्बहु मन्तव्यम् यज्जीवितसंशयान्मुक्तः।

(प्रविश्य।)

कञ्चुकी—विजयतां देवः। देव! अमात्यो विज्ञापयति। कल्याणी देवस्य बुद्धिः। मन्त्रिपरिषदोऽप्येतदेव दर्शनम्! कुतः—

द्विधा विभक्तां श्रियमुद्वहन्तौ धुरं रथाश्वाविव संग्रहीतुः।
तौ स्थास्यतस्ते नृपतेर्निदेशे परस्परोपग्रहनिर्विकारौ॥ १४

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ପରିବ୍ରାଜିକା—ଏହାଙ୍କର (ମାଳବିକାଙ୍କର) ପିତା ଜୀବିତ ଥିଲାବେଳେ ଥରେ ଦେବତା-ଯାତ୍ରାକୁ ଆସିଥିବା ଜଣେ ସିଦ୍ଧ ସାଧୁ ମୋ ଆଗରେ ଏହାଙ୍କ ବିଷୟରେ ଏକ ଭବିଷ୍ୟତ୍ ବାଣୀ କହିଥିଲେ—"ଏ ଗୋଟିଏ ବର୍ଷ ଦାସୀଭାବରେ ଜୀବନଯାପନ କରିବ, ତା' ପରେ ଉପଯୁକ୍ତ ସ୍ୱାମୀ ଲାଭ କରିବ ।" ତେଣୁ ମୁଁ ଯେତେବେଳେ ଦେଖିଲି, ଏହାଙ୍କର ନିଶ୍ଚିତ-ଭାବେ ଯାହା ଭୋଗ କରିବାର କଥା, ତାହା ଆପଣଙ୍କ ପାଦସେବାରେ ଭୋଗ ହେଉଛି, ତେଣୁ ମୁଁ କେବଳ ସମୟକୁ ପ୍ରତୀକ୍ଷା କରି ରହିଲି । ମୁଁ ଦେଖୁଛି, ଏଭଳି କରି ମୁଁ ଠିକ୍ କଲି ।

ରାଜା—ହଁ, ପ୍ରତୀକ୍ଷା କରିବା ଠିକ୍ ହୋଇଛି ।

କଞ୍ଚୁକୀ—ମହାରାଜ ! ଅନ୍ୟ ପ୍ରସଙ୍ଗରେ ଭାସିଯାଇ କହିବାକୁ ଭୁଲିଗଲି । ମନ୍ତ୍ରୀ ଜଣାଇଛନ୍ତି—"ବିଦର୍ଭ ରାଜ୍ୟ ବିଷୟରେ ଯାହା କରାଯିବାର ଥିଲା, ତାହା କରାଗଲା । ବର୍ତ୍ତମାନ ମହାରାଜଙ୍କ ଅଭିପ୍ରାୟ କଅଣ, ମୁଁ ଜାଣିବାକୁ ଚାହେଁ ।"

ରାଜା—ମୌଦ୍‌ଗଲ୍ୟ ! ମୁଁ ବିଦର୍ଭରାଜ୍ୟକୁ ଦୁଇ ଭାଗ କରି ଯଜ୍ଞସେନ ଓ ମାଧବ-ସେନ, ଉଭୟଙ୍କୁ ସେଥିରେ ଅବସ୍ଥାପିତ କରିବାକୁ ଚାହେଁ ।

ସୂର୍ଯ୍ୟ ଓ ଚନ୍ଦ୍ର ଯେପରି ଦିନ ଓ ରାତି ବିଭାଗ କରି ପୃଥିବୀ ପାଳନ କରୁଛନ୍ତି, ମାଧବସେନ ଓ ଯଜ୍ଞସେନ ସେହିପରି ବରଦା ନଦୀର ଉତ୍ତର ଦିଗକୁ ଓ ଦକ୍ଷିଣ ଦିଗକୁ ରାଜ୍ୟ ବିଭାଗ କରି ପାଳନ କରନ୍ତୁ । ୧୩

କଞ୍ଚୁକୀ—ମହାରାଜ ! ମନ୍ତ୍ରୀ ପରିଷଦଙ୍କୁ ଏ କଥା ଜଣାଇଦେବି ।

(ରାଜା ଅଙ୍ଗୁଳିରେ ଅନୁମୋଦନର ସୂଚନା ଦେଲେ । କଞ୍ଚୁକୀ ଚାଲିଗଲେ)

ପ୍ରଥମକନ୍ୟା—ରାଜକୁମାରୀ ! ସୌଭାଗ୍ୟର ବିଷୟ, ରାଜକୁମାର (ମାଧବସେନ) ଅଧେ ରାଜ୍ୟ ଲାଭ କରିବେ ।

ମାଳବିକା—ଏହାଠାରୁ ବଡ଼ କଥା ହେଉଛି, ସେ ଜୀବନସଙ୍କଟରୁ ବଞ୍ଚିଗଲେ ।

କଞ୍ଚୁକୀ—(ପ୍ରବେଶ କରି) ମହାରାଜଙ୍କର ଜୟ ହେଉ । ମହାରାଜ ! ଅମାତ୍ୟ ଜଣାଇଛନ୍ତି—"ମହାରାଜଙ୍କ ବିଚାର ମଙ୍ଗଳମୟ । ମନ୍ତ୍ରୀପରିଷଦଙ୍କର ମଧ୍ୟ ଏହି ମତ ।

କାରଣ ରଥର ଦୁଇଟି ଘୋଡ଼ା ଯେପରି ସମାନ ଭାବରେ ଭାର ବହନ କରି, ପରସ୍ପର ଝଗଡ଼ା ନ କରି, ସାରଥିର ନିୟନ୍ତ୍ରଣରେ ରହନ୍ତି, ସେହିପରି ସେ ଦୁଇଜଣ (ମାଧବସେନ ଓ ଯଜ୍ଞସେନ) ଦୁଇ ଭାଗରେ ବିଭକ୍ତ ରାଜଲକ୍ଷ୍ମୀକୁ ବହନ କରି, ପରସ୍ପର ଝଗଡ଼ା ନ କରି ଆପଣଙ୍କ ନିୟନ୍ତ୍ରଣରେ ରହିବେ । ୧୪

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा— तेन हि मन्त्रिपरिषदं ब्रूहि। सेनान्ये वीरसेनाय लेख्यतामेवं क्रियतामिति ।

कञ्चुकी—यदाज्ञापयति देवः। (इति निष्क्रम्य, सप्राभृतकं लेखं गृहीत्वा पुनः प्रविष्टः ।) अनुष्ठिता प्रभोराज्ञा। अयं देवस्य सेनापतेः पुष्यमित्रस्य सकाशात्सोत्तरीयप्राभृतको लेखः प्राप्तः। प्रत्यक्षी-करोत्वेनं देवः।

(राजोत्थाय सप्राभृतकं लेखं सोपचारं गृहीत्वा परिजनायार्पयति।)

(परिजनो लेखं नाम्न्ये नोद्घाटयति।)

देवी—(आत्मगतम्।) अम्हो ! तदोमुहं एव्व णो हिअअं। सुणिस्सं दाव गुरुअणस्स कुसलाणन्तरं वसुमित्तस्स वुत्तन्तं। अदिघोरे क्खु पुत्तओ सेनावदिणा णिउत्तो। (अहो ! ततोमुखमेव नो हृदयम्। श्रोष्यामि तावद् गुरुजनस्य कुशलानन्तरं वसुमित्रस्य वृत्तान्तम्। अतिघोरे खलु पुत्रकः सेनापतिना नियुक्तः।)

राजा—(उपविश्य लेखं सोपचारं गृहीत्वा वाचयति)। स्वस्ति यज्ञशरणा-त्सेनापतिः पुष्यमित्रो वैदिशस्थं पुत्रमायुष्मन्तमग्निमित्रं स्नेहा-त्परिष्वज्येदमनुदर्शयति। विदितमस्तु। योऽसौ राजयज्ञदीक्षितेन मया राजपुत्रशतपरिवृतं वसुमित्रं गोप्तारमादिश्य वत्सरोपात्त-नियमो निरर्गलस्तुरंगो विसृष्टः, स सिन्धोर्दक्षिणरोधसि चरन्न-श्वानीकेन यवनेन प्रार्थितः। तत उभयोः सेनयोर्महानासीत्संमर्दः।

(देवी विषादं नाटयति।)

राजा—कथमीदृशं संवृत्तम्। (शेषं पुनर्वाचयति।)

ततः परान्पराजित्य वसुमित्रेण धन्विना।
प्रसह्य ह्रियमाणो मे वाजिराजो निवर्तितः॥ १५

देवी—इमिणा आससिदं मे हिअअं। (अनेनाश्वस्तं मे हृदयम्।)

राजा—(शेषं पुनर्वाचयति।) सोऽहमिदानीमंशुमता सगरपुत्रेणेव प्रत्या-हृताश्वो यक्ष्ये। तदिदानीमकालहीनं विगतरोषचेतसा भवता वधूजनेन सह यज्ञसेवनायागन्तव्यमिति।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ତା'ହେଲେ ମନ୍ତ୍ରୀପରିଷଦଙ୍କୁ କୁହ—ସେନାନୀ (ସେନାମୁଖ୍ୟ) ବୀରସେନଙ୍କ ନିକଟକୁ ଏହା ଲେଖନ୍ତୁ, ବୀରସେନ ଏହିପରି କରନ୍ତୁ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ, ଉପହାରସ୍ଥ ସହିତ ପତ୍ର ଘେନି ପୁଣି ପ୍ରବେଶ କରି) ମହାରାଜଙ୍କ ଆଜ୍ଞା ପାଳନ କରାହେଲା । ସେନାପତି ମହାରାଜ ପୁଷ୍ୟମିତ୍ର (ଅଗ୍ନିମିତ୍ରଙ୍କ ପିତା) ଏ ଉପହାରସ୍ଥ ସହିତ ପତ୍ର ପଠାଇଛନ୍ତି । ମହାରାଜ ଏହା ଦେଖନ୍ତୁ ।

(ରାଜା ଉଠି ଉପହାରସ୍ଥ ସହ ପତ୍ରକୁ ସମ୍ମାନର ସହିତ ଗ୍ରହଣ କରି ପରିଜନଙ୍କ ହାତରେ ଦେଲେ । ଜଣେ ପରିଚାରକ ପତ୍ର ନେଇ ଫିଟାଇଲେ ।)

ରାଣୀ—(ସ୍ୱଗତ) ଆହା ! ମୋର ହୃଦୟସ୍ଥ ପତ୍ର ପ୍ରତି ବ୍ୟଗ୍ର ହେଲାଣି । ଗୁରୁଜନଙ୍କ କୁଶଳବୃତ୍ତାନ୍ତ ଶୁଣିସାରି ବସୁମିତ୍ରର କୁଶଳବୃତ୍ତାନ୍ତ ଶୁଣିବି । ମହାରାଜ ସେନାପତି (ମୋର ଶ୍ୱଶୁର) ମୋର ପୁତ୍ରଟିକୁ କଠିନ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି ।

ରାଜା—(ବସି ସମ୍ମାନର ସହିତ ପତ୍ର ଧରି ପଢିଲେ) ସ୍ୱସ୍ତି, ଯଜ୍ଞଶାଳାରୁ ସେନାପତି ପୁଷ୍ୟମିତ୍ର ବିଦିଶାରେ ଅଧିଷ୍ଠିତ ପୁତ୍ର ଆୟୁଷ୍ମାନ୍ ଅଗ୍ନିମିତ୍ରଙ୍କୁ ସ୍ନେହରେ ଆଲିଙ୍ଗନ କରି ସୂଚିତ କରୁଛନ୍ତି—ତୁମର ଅବଗତି ହେଉ । ମୁଁ ରାଜସୂୟ ଯଜ୍ଞରେ ଦୀକ୍ଷିତ ରହି ଯେଉଁ ଯଜ୍ଞାଶ୍ୱକୁ ବର୍ଷେ ହେଲା ନିୟମାନୁସାରେ ସଜ୍ଜିତ କରି ତଥା ବନ୍ଧନହୀନ କରି ଛାଡ଼ିଥିଲି, ଯାହାକୁ ରକ୍ଷା କରିବାର ଦାୟିତ୍ୱ ଶହେ ରାଜପୁତ୍ରଙ୍କ ଗହଣରେ କୁମାର ବସୁମିତ୍ରଙ୍କ ଉପରେ ନ୍ୟସ୍ତ କରିଥିଲି, ସେହି ଯଜ୍ଞାଶ୍ୱ ସିନ୍ଧୁନଦୀର ଦକ୍ଷିଣ ତୀରରେ ବୁଲୁଥିଲାବେଳେ ଅଶ୍ୱାରୋହୀ ଯବନମାନେ ଧରିଲେ । ତା' ପରେ ଉଭୟ ସୈନ୍ୟବାହିନୀ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା ।

(ରାଣୀ ବିଷଣ୍ଣ ହୋଇ ପଡ଼ିଲେ ।)

ରାଜା—ଏଭଳି କିପରି ହୋଇଗଲା ! (ଅବଶିଷ୍ଟ ଅଂଶ ପଢିଲେ) ତା'ପରେ ଧନୁର୍ଦ୍ଧର ବସୁମିତ୍ର ଶତ୍ରୁମାନଙ୍କୁ ପରାସ୍ତ କରି, ସେମାନେ ବଳପୂର୍ବକ ନେଇଯାଇଥିବା ଶ୍ରେଷ୍ଠ ଅଶ୍ୱକୁ ସେମାନଙ୍କଠାରୁ ଛଡ଼ାଇ ଆଣିଲେ । ୧୫

ରାଣୀ—-ମୋର ହୃଦୟସ୍ଥ ଆଶ୍ୱସ୍ତ ହେଲା ।

ରାଜା—(ଅବଶିଷ୍ଟ ଅଂଶ ପୁଣି ପଢ଼ିଲେ) ସଗରଙ୍କ ପୁତ୍ର ଅଂଶୁମାନ୍ ଯଜ୍ଞାଶ୍ୱକୁ ଫେରାଇଆଣିଲା ପରେ ସଗର ଯେପରି ରାଜସୂୟ ଯଜ୍ଞ କରିଥିଲେ, ମୋର ଯଜ୍ଞାଶ୍ୱକୁ ସେହିପରି ଫେରାଇ ଅଣାଯାଇଛି, ମୁଁ ରାଜସୂୟ ଯଜ୍ଞ ସମ୍ପାଦନ କରିବି । ତେଣୁ ତୁମେ କାଳ ବିଳମ୍ବ ନ କରି, କାହା ପ୍ରତି ମନରେ ରୋଷ ନ ରଖି, ବଧୂମାନଙ୍କ ସହିତ ଯଜ୍ଞଶାଳାକୁ ଆସିବ । ”

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

राजा—अनुगृहीतोऽस्मि ।

परि०—दिष्ट्या पुत्रविजयेन दम्पती वर्द्धेते ।

भर्त्रासि वीरपत्नीनां श्लाघ्यानां स्थापिता धुरि ।
वीरसूरिति शब्दोऽयं तनयात्त्वामुपस्थितः ॥ १६

धारिणी—भअवदि ! परितुट्ठम्हि जं पितरं अणुजादो मे वच्छओ ।
(भगवति ! परितुष्टास्मि यत् पितरमनुयातो मे वत्सकः ।)

राजा—मौद्गल्य ! ननु कलभेन यूथपतेरनुकृतम् ।

कञ्चुकी—देव ! अयं कुमारः—

नैतावता वीरविजृम्भितेन चित्तस्य नो विस्मयमादधाति ।
यस्याप्रधृष्यः प्रभवस्त्वमुच्चैरग्नेरपां दग्धुरिवोरुजन्मा ॥ १७

राजा—मौद्गल्य ! यज्ञसेनश्यालमूरीकृत्य मोच्यन्तां सर्वे बन्धनस्थाः ।

कंचुकी—यदाज्ञापयति देवः । (इति निष्क्रान्तः ।)

देवी—जअसेणे ! गच्छ । इरावदीपमुहाणं अन्तेउराणं पुत्तस्स वुत्तन्तं णिवेदेहि । (जयसेने ! गच्छ । इरावतीप्रमुखेभ्योऽन्तःपुरेभ्यः पुत्रस्य वृत्तान्तं निवेदय ।)

(प्रतीहारी प्रस्थिता ।)

धारिणी—एहि दाव ! (एहि तावत् ।)

प्रती०—(प्रतिनिवृत्य ।) इअं म्हि । (इयमस्मि ।)

धारिणी—(जनान्तिकम् ।) जं मए असोअदोहलणिओए मालविआए पइण्णादं, तं से अभिजणं च णिवेदिअ मह वअणेण इरावदिं अणुणेहि । तुए अहं सच्चादो ण विब्भंसिदव्वे त्ति । (यन्मयाशोक-दोहदनियोगे मालविकायै प्रतिज्ञातम्, तदस्या अभिजनं च निवेद्य मम वचनेनेरावतीमनुनय । त्वयाहं सत्यान्न विभ्रंशयितव्येति ।)

प्रती०—जं देवी आणवेदि । (इति निष्क्रम्य, पुनः प्रविश्य ।) भट्टिणि ! पुत्रविजयनिमित्तेन परितोषेणान्तःपुराणामाभरणानां मञ्जूषास्मि संवृत्ता ।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଜା—ଅନୁଗୃହୀତ ହେଲି ।

ପରିବ୍ରାଜିକା--ସୌଭାଗ୍ୟର ବିଷୟ, ପୁତ୍ରର ବିଜୟଦ୍ୱାରା ମହାରାଜା ଓ ମହାରାଣୀଙ୍କର ଅଭ୍ୟୁଦୟ ଘଟିଛି ।

ମହାରାଣୀ ! ମହାରାଜ ଆପଣଙ୍କୁ ବନ୍ଦନୀୟା ବୀରପତ୍ନୀମାନଙ୍କମଧ୍ୟରେ ଅଗ୍ରଗଣ୍ୟା କରିଛନ୍ତି ଏବଂ ପୁତ୍ର ଆପଣଙ୍କୁ 'ବୀରଜନନୀ' ପଦବାଚ୍ୟ କରିଛନ୍ତି । ୧୬

ଧାରଣୀ—ମାନନୀୟା ! ମୋର ଆନନ୍ଦ ଯେ ମୋର ପୁତ୍ର ପିତାଙ୍କର ପଦାଙ୍କ ଅନୁସରଣ କରିଛି ।

ରାଜା—ମୌଦ୍‌ଗଲ୍ୟ ! ହସ୍ତୀଶାବକ ଯୂଥପତିର ଅନୁକରଣ କରିଛି ।

କଞ୍ଚୁକୀ—ମହାରାଜ ! କୁମାର ବସୁମିତ୍ର ଯେ ଏଭଳି ବୀରତ୍ୱ ପ୍ରଦର୍ଶନ କରିଛନ୍ତି, ଏଥିରେ ବିସ୍ମିତ ହେବାର କିଛି ନାହିଁ । ଯେହେତୁ, ଔର୍ବ ମୁନି ଯେପରି ସମୁଦ୍ରଜଳଶୋଷଣକାରୀ ବଡ଼ବାନଳର ଜନ୍ମଦାତା, ମହାପରାକ୍ରମୀ ଆପଣ ସେହିପରି କୁମାରଙ୍କର ଜନ୍ମଦାତା । ୧୭

ରାଜା—ମୌଦ୍‌ଗଲ୍ୟ ! ଯଜ୍ଞସେନଙ୍କ ଶାଳକଙ୍କ ସମେତ ସବୁ ବନ୍ଦୀଙ୍କୁ ମୁକ୍ତ କରାଯାଉ ।

କଞ୍ଚୁକୀ—ମହାରାଜଙ୍କର ଯାହା ଆଜ୍ଞା । (ଚାଲିଗଲେ)

ରାଣୀ—ଜୟସେନା ! ଯାଅ, ଇରାବତୀ ପ୍ରମୁଖ ଅନ୍ତଃପୁରର ସମସ୍ତଙ୍କୁ ପୁତ୍ରର ବୃତ୍ତାନ୍ତ ଜଣାଇଦିଅ ।

(ପ୍ରତୀହାରୀ ଚାଲିଯାଉଥିଲା)

ଧାରଣୀ—ଟିକିଏ ରହିଯାଅ ।

ପ୍ରତୀହାରୀ—(ଫେରିଆସି) ଏଇ ଆସିଲି ।

ଧାରଣୀ—(ଆଡ଼ କରିନେଇ ଚୁପ୍ ଚୁପ୍) ମୁଁ ଅଶୋକଗଛକୁ ଦୋହଦ ଦେବା କାର୍ଯ୍ୟରେ ମାଳବିକାକୁ ନିୟୋଜିତ କରି ତାକୁ (ମାଳବିକାକୁ) ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ଇରାବତୀଙ୍କୁ କହିବୁ । ଆଉ ମଧ୍ୟ ତାର (ମାଳବିକାର) ଆଭିଜାତ୍ୟ (ରାଜବଂଶରେ ଜନ୍ମ, ବଂଶଗୌରବ ପ୍ରଭୃତି) କଥା ଜଣାଇବୁ ଏବଂ ତାଙ୍କୁ (ଇରାବତୀଙ୍କୁ) ମୋର ଅନୁରୋଧ ଜଣାଇ କହିବୁ ଯେ ମୁଁ ମାଳବିକାର ଅଭିଳାଷ ପୂରଣ ପାଇଁ ଯେଉଁ ସତ୍ୟ କରିଛି, ସେଥିରୁ ସେ ମୋତେ ବିଚ୍ୟୁତ କରିବେ ନାହିଁ ।

ପ୍ରତୀହାରୀ—ମହାରାଣୀଙ୍କର ଯାହା ଆଜ୍ଞା । (ବାହାରକୁ ଯାଇ, ପୁଣି ପ୍ରବେଶ କରି) ମହାରାଣୀ ! ପୁତ୍ରର ବିଜୟ ସଂବାଦ ଶୁଣିଲାମାତ୍ରେ ଅନ୍ତଃପୁରର ରାଣୀମାନେ ଆନନ୍ଦରେ ମୋତେ ପେଡ଼ି ଭରି ଉପହାର ଦେଇଛନ୍ତି ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

देवी—एदं किं अच्चरिअं। साहारणो क्खु ताणं मह अ अअं अब्भुदओ।
(एतत्किमाश्चर्यम्। साधारणः खलु तासां मम चायमभ्युदयः।)

प्रती०—(जनान्तिकम।) भट्टिणि! इरावती उण विण्णवेदि। सरिसं देवीए पहवन्तीए। तुह वअणं संकप्पिदं ण जुज्जदि अण्णहा कादुं त्ति।
(भट्टिनि! इरावती पुनर्विज्ञापयति। सदृशं देव्याः प्रभवन्त्याः। तव वचनं संकल्पितं न युज्यतेऽन्यथाकर्तुमिति।

धारिणी—भअवदि! तुए अणुमदा इच्छामि अज्जसुमदिणा पढमसंकप्पिदं मालविअं अज्जउत्तस्स पडिवादेदुं। (भगवति! त्वयानुमता इच्छामि आर्यसुमतिना प्रथमसंकल्पितां मालविकामार्यपुत्राय प्रतिपादयितुम्।)

परि०—इदानीमपि त्वमेवास्याः प्रभवसि।

धारिणी—(मालविकां हस्ते गृहीत्वा।) इदं अज्जउत्तो पिअणिवेदणाणुरूवं पारितोसिअं पडिच्छदु त्ति। (इदमार्यपुत्रः प्रियनिवेदनानुरूपं पारितोषिकं प्रतीच्छत्विति।)

(राजा व्रीडां नाटयति।)

धारि०—(सस्मितम्।) किं अवधीरेदि अज्जउत्तो। (किम् अवधीरयत्यार्यपुत्रः।)

विदू०—भोदि! एसो लोअव्ववहारो। सव्वो णववरो लज्जादुरो होदि त्ति। (भवति! एष लोकव्यवहारः सर्वो नववरो लज्जातुरो भवतीति।

(राजा विदूषकमवेक्षते।)

विदू०—अह देवीए एव्व किदप्पणअविसेसं दिण्णदेवीसद्दं मालविअं अत्तभवं पडिग्गहीदुं इच्छदि। (अथ देव्यैव कृतप्रणयविशेषां दत्तदेवीशब्दां मालविकामत्रभवान् प्रतिग्रहीतुमिच्छति।)

धारि०—एदाए राअदारिआए अहिजणेण एव्व पुणरुत्तेण। (एतस्या राजदारिकाया अभिजनेनैव दत्तो देवीशब्दः किं पुनरुक्तेन।)

परि०—मा मैवम्।

अध्याकरसमुत्पन्नो रत्नजातिपुरस्कृतः।
जातरूपेण कल्याणि! मणिः संयोगमर्हति॥ १८

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଣୀ—ଏଥିରେ ଆର୍ଯ୍ୟଙ୍କର କଥା କିଛି ନାହିଁ । ଏହି ଅଭ୍ୟୁଦୟ ମୋ ପାଇଁ, ସେମାନଙ୍କ ପାଇଁ ସମାନ ।

ପ୍ରତିହାରୀ—(ମହାରାଣୀଙ୍କ ନିକଟରେ ଚୁପ୍ ଚୁପ୍) ମହାରାଣୀ ! ଇରାବତୀ କହିଛନ୍ତି "ମୋତେ ଅନୁରୋଧ ଜଣାଇବା ମହାରାଣୀଙ୍କର ସାମର୍ଥ୍ୟର ଅନୁରୂପ । ମହାରାଣୀ ଯାହା ସଂକଳ୍ପ କରିଛନ୍ତି, ତାହା ଅନ୍ୟଥା କରିବା ମୋ ପକ୍ଷରେ ଉଚିତ ନୁହେଁ ।"

ଧାରଣୀ— ଭଗବତୀ ! ମାଳବିକାକୁ ଆର୍ଯ୍ୟପୁତ୍ରଙ୍କ (ମହାରାଜ) ସଙ୍ଗେ ବିବାହ ଦେବାକୁ ଆର୍ଯ୍ୟ ସୁମତି ଏଥିପୂର୍ବରୁ ସଂକଳ୍ପ କରିଥିଲେ । ତୁମେ ଅନୁମତି ଦେଲେ ମୁଁ ଆର୍ଯ୍ୟପୁତ୍ରଙ୍କ ସହ ତାର ବିବାହ ସଂପାଦନ କରିବି ।

ପରିବ୍ରାଜିକା—ବର୍ତ୍ତମାନ ମଧ୍ୟ ଏହା ଉପରେ ଆପଣଙ୍କର ଅଧିକାର ଅଛି ।

ଧାରଣୀ—(ମାଳବିକାଙ୍କ ହାତ ଧରି) ଆର୍ଯ୍ୟପୁତ୍ର ମୋତେ ପ୍ରିୟ ସଂବାଦ (ପୁତ୍ରର ବିଜୟ ସଂବାଦ) ଶୁଣାଇଲେ । ତେଣୁ ମୁଁ ଗୋଟିଏ ଯଥାଯୋଗ୍ୟ ପାରିତୋଷିକ ଦେଉଛି, ଆର୍ଯ୍ୟପୁତ୍ର ଗ୍ରହଣ କରନ୍ତୁ ।

(ରାଜା ଲଜ୍ଜା ଅନୁଭବ କଲେ)

ରାଣୀ—(ମୃଦୁ ମୃଦୁ ହସି) ଆର୍ଯ୍ୟପୁତ୍ର କ'ଣ ଅସ୍ୱୀକାର କରୁଛନ୍ତି ?

ବିଦୂ— ମହାରାଣୀ ! ଏହା ତ ଲୋକବ୍ୟବହାର । ସବୁ ନୂଆ ବର ଲଜ୍ଜା ଅନୁଭବ କରନ୍ତି ।

(ରାଜା ବିଦୂଷକଙ୍କ ଆଡ଼କୁ ଚାହିଁଲେ)

ବିଦୂ—ମହାରାଣୀ ! ମହାରାଜାଙ୍କର ଇଚ୍ଛା ଯେ ଆପଣ ଆଦର ସହକାରେ ଏହାଙ୍କୁ (ମାଳବିକାଙ୍କୁ) 'ଦେବୀ' ପଦ ପ୍ରଦାନ କରନ୍ତୁ, ତା' ହେଲେ ମହାରାଜ ଗ୍ରହଣ କରିବେ ।

ରାଣୀ —ଏହି ରାଜକୁମାରୀକୁ ତାର ଆଭିଜାତ୍ୟ ହିଁ ଦେବୀ ପଦ ଦେଇସାରିଛି । ଆଉ ଥରେ କହିବା ନିଷ୍ପ୍ରୟୋଜନ ।

ପରିବ୍ରାଜିକା—ନା, ସେପରି କହନ୍ତୁ ନାହିଁ ।

ଗୋ କଲ୍ୟାଣୀ ! କୌଣସି ରତ୍ନ ଖଣିରୁ ଉପନ୍ନ ଏବଂ ରତ୍ନଜାତିରେ ଶ୍ରେଷ୍ଠ ହୋଇଥିଲେ ମଧ୍ୟ ତାହାକୁ ସୁବର୍ଣ୍ଣ ସହିତ ସଂଯୋଗ କରିଯିବା ଉଚିତ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

धारिणी—(स्मृत्वा) मरिसेदु भअवदी। अब्भुदअकहाए उइदं ण लक्खिदं। जअसेणे ! गच्छ दाव। कोसेअपत्तोण्णजुअलं उवणेहि। (मर्षयतु भगवती। अभ्युदयकथयोचितं न लक्षितम्। जयसेने ! गच्छ तावत्। कौशेयपत्रोर्णयुगलमुपनय।)

प्रती०—जं देवो आणवेदि। (निष्क्रम्य पत्रोर्णं गृहीत्वा पुनः प्रविश्य) देवि ! एदम्। (यद् देव्याज्ञापयति।) (निष्क्रम्य पत्रोर्णं गृहीत्वा पुनः प्रविश्य) देवि ! एतत्।)

धारि०—(मालविकामवगुण्ठनवतीं कृत्वा।) अज्जउत्तो दाणिं इमं पडिच्छदु। (आर्यपुत्र इदानीमिमां प्रतीच्छतु।)

राजा—त्वच्छासनात् प्रवृत्ता एव वयम्। (अपवार्य) हन्त प्रतिगृहीता।

विदू०—अहो देवीए अणुऊलदा। (अहो देव्या अनुकूलता।)

(देवी परिजनमवलोकयति।)

प्रती०—(मालविकामुपेत्य।) जेदु भट्टिणी। (जयतु भट्टिनी।)

(देवी परिव्राजिकां निरीक्षते।)

परि०—नैतच्चित्रं त्वयि।

प्रतिपक्षेणापि पतिं सेवन्ते भर्तृवत्सलाः साध्व्यः।
अन्यसरितामपि जलं समुद्रगाः प्रापयन्त्युदधिम्॥ १६

(प्रविश्य)

निपु०—जेदु भट्टा। इरावदी विण्णावेदि—जं उवआरातिक्कमेण तदा भट्टिणो अवरद्धा तं सअं एव्व भत्तुणो अणुऊअं णाम मए आअरिदं। संपदं पुण्णमणोरहेण भत्तुणा पसादमत्तेण संभावइदव्वेत्ति। (जयतु भर्ता। इरावती विज्ञापयति—यदुपचारातिक्रमेण भर्त्रे अपराद्धा तत् स्वयमेव भर्तुरनुकूलं नाम मया आचरितम्। साम्प्रतं पूर्णमनोरथेन भर्त्रा प्रसादमात्रेण संभावयितव्येति।)

धारि०—णिउणिए ! अवस्सं से सेविदं अज्जउत्तो जाणिस्सदि। (निपुणिके ! अवश्यमस्याः सेवितमार्यपुत्रो ज्ञास्यति।)

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ରାଣୀ—(ସ୍ମରଣ କରି) କ୍ଷମା କରନ୍ତୁ ଭଗବତୀ । ସୁଖସମୃଦ୍ଧି କଥାରେ ବୁଡ଼ିଯାଇ ଗୋଟିଏ ଉଚିତ ବିଷୟ ପ୍ରତି ଧ୍ୟାନ ଦେଇ ପାରିଲିନାହିଁ । ଜୟସେନା ! ଯାଅ, ଯୋଡ଼ିଏ ରେଶମି ଲୁଗା ଆଣ ।

ପ୍ରତିହାରୀ—(ଯାଇ, ଯୋଡ଼ିଏ ରେଶମି ଲୁଗା ଘେନି ପ୍ରବେଶ କରି) ଦେବୀ ! ଏଇ ନିଅନ୍ତୁ ।

ଦେବୀ—(ମାଳବିକାଙ୍କର ମୁଣ୍ଡରେ ଓଢ଼ଣା କରିଦେଇ) ଆର୍ଯ୍ୟପୁତ୍ର ବର୍ତ୍ତମାନ ଏହାଙ୍କୁ ଗ୍ରହଣ କରନ୍ତୁ ।

ରାଜା—ତୁମର ଆଦେଶରେ ଗ୍ରହଣ କଲି । (ବିଦୂଷକଙ୍କୁ ଚୁପ୍ ଚୁପ୍) ଗ୍ରହଣ କଲି ।

ବିଦୂ—ଓଃ ! ଦେବୀଙ୍କର କି ଅନୁକୂଳ କାର୍ଯ୍ୟ !

(ରାଣୀ ପରିଜନବର୍ଗଙ୍କ ଆଡ଼କୁ ଚାହିଁଲେ)

ପ୍ରତିହାରୀ—(ମାଳବିକାଙ୍କ ନିକଟକୁ ଯାଇ) ରାଣୀଙ୍କର ଜୟ ହେଉ ।

(ରାଣୀ ପରିବ୍ରାଜିକାଙ୍କ ଆଡ଼କୁ ଚାହିଁଲେ)

ପରିବ୍ରାଜିକା—ଆପଣଙ୍କ ପକ୍ଷରେ ଏ କାର୍ଯ୍ୟ ବିସ୍ମୟକର ନୁହେଁ । ସ୍ୱାମୀବତ୍ସଳା, ସାଧ୍ୱୀ ରମଣୀମାନେ ସପତ୍ନୀ ପ୍ରଦାନ ଦ୍ୱାରା ମଧ୍ୟ ସ୍ୱାମୀସେବା କରନ୍ତି । ସମୁଦ୍ରଗାମିନୀ ମହାନଦୀମାନେ ଅନ୍ୟ ନଦୀମାନଙ୍କର ମଧ୍ୟ ଜଳ ସମୁଦ୍ରରେ ପହଞ୍ଚାଇ ଦିଅନ୍ତି ।

ନିପୁଣିକା—(ପ୍ରବେଶ କରି) ମହାରାଜଙ୍କର ଜୟ ହେଉ । ଇରାବତୀ ଜଣାଇଛନ୍ତି— "ମୁଁ ଶିଷ୍ଟାଚାର ଲଙ୍ଘନ କରି (ମହାରାଜ ମୋ ପାଦତଳେ ପଡ଼ିଲେ ମଧ୍ୟ ମୁଁ କୋପ ଶାନ୍ତ ନକରି) ମହାରାଜଙ୍କ ନିକଟରେ ଯେଉଁ ଅପରାଧ କରିଥିଲି, ତଦ୍ୱାରା ମୁଁ ନିଜେ ମହାରାଜଙ୍କ ପ୍ରିୟକାର୍ଯ୍ୟ କରିଥିଲି । ବର୍ତ୍ତମାନ ମହାରାଜଙ୍କର ଇଚ୍ଛା ପୂର୍ଣ୍ଣ ହୋଇଛି, ସେ ପ୍ରସନ୍ନ ହୋଇ ମୋତେ ଅନୁଗୃହୀତ କରନ୍ତୁ । "

ରାଣୀ—ନିପୁଣିକା ! ଇରାବତୀ ଆର୍ଯ୍ୟପୁତ୍ରଙ୍କର କି ସେବା କରିଛନ୍ତି, ତାହା ଆର୍ଯ୍ୟପୁତ୍ର ନିଶ୍ଚୟ ଜାଣିବାକୁ ପାଇବେ ।

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

निपु०—अणुग्गहीदम्हि । (अनुगृहीतास्मि ।)

परि०—देव ! अमुना युक्तसंबन्धेन चरितार्थं माधवसेनं सभाजयितुं गच्छामः ।

धारि०—भअवदीए ण जुत्तं अम्हे परिच्चइदुं ।
(भगवत्या न युक्तमस्मान् परित्यक्तुम् ।)

राजा—भगवति ! मदीयेष्वेव लेखेषु तत्रभवतस्त्वामुद्दिश्य सभाजनाक्षराणि पातयिष्यामः ।

परि०—युवयोः स्नेहात् परवानयं जनः ।

धारि०—अज्जउत्त ! किं ते भूओ वि पिअं उवहरामि ।
(आर्यपुत्र ! किं ते भूयोऽपि प्रियमुपहरामि ।)

राजा— त्वं मे प्रसादसुमुखी भव देवि ! नित्य-
मेतावदेव हृदये प्रतिपालनीयम् ।
तथापीदमस्तु ।

(भरतवाक्यम्)

आशास्यमीतिविगमप्रभृति प्रजानां
संपत्स्यते न खलु गोप्तरि नाग्निमित्रे ॥ २०

(निष्क्रान्ताः सर्वे ।)

॥ इति पञ्चमोऽङ्कः ॥

समाप्तमिदं श्रीकालिदासकविकृतं मालविकाग्निमित्रं नाम नाटकम् ॥

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

ନିପୁଣିକା—ଅନୁଗୃହୀତା ହେଲି ।

ପରିବ୍ରାଜିକା—ମହାରାଜ ! ଏହି ବନ୍ଧୁସମ୍ବନ୍ଧ ସମ୍ପନ୍ନ ହୋଇଥିବାର ଶୁଣିଲେ ମାଧବସେନ ନିଶ୍ଚୟ ଖୁବ୍ ଖୁସି ହେବେ । ଆମେ ତାଙ୍କୁ ବଧେଇ ଜଣାଇବାକୁ ଯାଉଛୁଁ ।

ରାଣୀ—ଭଗବତି ! ଆମକୁ ପରିତ୍ୟାଗ କରିବା ଆପଣଙ୍କ ପକ୍ଷରେ ଉଚିତ ହେବନାହିଁ ।

ରାଜା—ଭଗବତି ! ମାଧବସେନଙ୍କ ନିକଟକୁ ମୁଁ ଯେଉଁ ପତ୍ର ଦେବି, ସେଥିରେ ତାଙ୍କୁ ଆପଣଙ୍କର ବଧେଇ ଜଣାଇବା କଥା ଲେଖିଦେବି ।

ପରିବ୍ରାଜିକା—ଆପଣ ଦୁହିଁଙ୍କର ସ୍ନେହ ନିକଟରେ ମୁଁ ପରାଧୀନ ।

ରାଣୀ—ଆର୍ଯ୍ୟପୁତ୍ର ! ଆପଣଙ୍କର ଆଉ କି ପ୍ରିୟ କାର୍ଯ୍ୟ ସମ୍ପାଦନ କରିବି ?

ରାଜା—ଗୋ ଦେବି ! ମୋ ପ୍ରତି ଅନୁଗ୍ରହବଶତଃ ତୁମର ମୁଖ ସର୍ବଦା ପ୍ରସନ୍ନ-ଶୋଭନ ରହୁ, ଏତିକିମାତ୍ର ମୋ ହୃଦୟରେ କାମନା ରହିଛି । ତଥାପି ଏହା ହେଉ ।

6545

(ଭରତବାକ୍ୟ)

ପ୍ରଜାମାନେ ଈତିଗୁଡ଼ିକର (ଅତିବୃଷ୍ଟି, ଅନାବୃଷ୍ଟି, କୀଟପତଙ୍ଗ ଆକ୍ରମଣ, ଡାକୁତସ୍କର ଭୟ ପ୍ରଭୃତି ବିପଦର) କ୍ଷୟ ଆଦି ଯାହା ଆଶା କରନ୍ତି, ଅଗ୍ନିମିତ୍ରଙ୍କ ଶାସନ କାଳରେ ତାହା ଯେ ସମ୍ପାଦନ ନ କରାଯିବ, ତାହା ନୁହେଁ । (ନିଶ୍ଚୟ ସଂପାଦନ କରାଯିବ ।) ୨୦

(ସମସ୍ତଙ୍କର ପ୍ରସ୍ଥାନ)

ପଞ୍ଚମ ଅଙ୍କ ସମାପ୍ତ

ମହାକବି କାଳିଦାସ ରଚିତ ମାଳବିକାଗ୍ନିମିତ୍ର ନାଟକ ସମାପ୍ତ ।

★

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

GURUKUL KANGRI LIBRARY
Accession
Class on
Cat on
Tag etc.
Checked
Any Other

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar

Digitized by Arya Samaj Foundation Chennai and eGangotri

CC-0. In Public Domain. Gurukul Kangri Collection, Haridwar